

ତୀରନ୍ଦାଜ ଜ୍ୟୋତିଙ୍କୁ ଡବଲ୍ ସ୍ୱର୍ଣ୍ଣ

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-138 ◆FRIDAY ◆14 NOVEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୩୮ ◆ଶୁକ୍ରବାର ◆୧୪ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଦିଲ୍ଲୀରେ ସିରିଜ ବିସ୍ଫୋରଣ ପାଇଁ ହୋଇଥିଲା ବଡ଼ ଷଡ଼ଯନ୍ତ୍ର

# ୪ ସ୍ଥାନ, ୩୨ ଗାଡ଼ି, ୮ ଆତଙ୍କୀ

■ **ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି):** ନଭେମ୍ବର ୧୦ରେ ଘଟିଥିବା ଲାଲ୍‌କିଲ୍ଲା ବିସ୍ଫୋରଣ ନେଇ ଗୁରୁବାର ଏକ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ଡିସେମ୍ବର ୬ରେ ବାବରୀ ମସ୍‌ଜିଦ୍ ଭଙ୍ଗାଯିବା ଘଟଣାର ବାର୍ଷିକୀରେ ଆତଙ୍କବାଦୀମାନେ ପ୍ରତିଶୋଧ ନେବାକୁ ଲକ୍ଷ୍ୟ ରଖିଥିଲେ। ଏହି ଅବସରରେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ବଡ଼ ଧରଣର ବିସ୍ଫୋରଣ ଘଟାଇବାକୁ ଯୋଜନା କରିଥିଲେ। ଏଥିପାଇଁ ୪ଟି ସ୍ଥାନ ଚୟନ କରାଯାଇଥିଲା। ଏହି ୪ଟି ସ୍ଥାନରେ ୩୨ଟି କାର ବିସ୍ଫୋରଣ ହୋଇଥାଆନ୍ତା। ପ୍ରତ୍ୟେକ ସ୍ଥାନର ଦାୟିତ୍ୱ ଦୁଇ ଜଣଙ୍କୁ ଦିଆଯାଇଥିଲା। ଷଡ଼ଯନ୍ତ୍ରକୁ କାର୍ଯ୍ୟକାରୀ କରିବା ଲାଗି ସେମାନେ ଜୋରସୋର ପ୍ରସ୍ତୁତ ଚଳାଇଥିଲେ। ସେମାନେ ୩୨ଟି ଗାଡ଼ି ପ୍ରସ୍ତୁତ କରି ରଖିଥିଲେ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି। ଏହି କାର୍‌ଗୁଡ଼ିକ ମଧ୍ୟରେ ବ୍ରେଜା, ସ୍ୱିଫ୍ଟ ଡିଜାୟାର, ଇକୋସ୍ପୋର୍ଟ୍ସ ଓ ଆଇ-୨୦ ଭଳି କାର ସାମିଲ ଥିଲା। ସେଥିମଧ୍ୟରୁ ଗୋଟିଏ ଆଇ୨୦ କାର ଲାଲକିଲ୍ଲାରେ ବିସ୍ଫୋରଣ ହୋଇଥିବା ବେଳେ ଆଉ ୪ଟି କାର୍‌କୁ ତଦନ୍ତକାରୀ ସଂସ୍ଥା ଜବତ କରାଯାଇଛି। ତେବେ ଆଉ ୨୭ଟି କାର କେଉଁଠି ରହିଛି, ତାହାର ଖୋଜା ଚାଲିଛି।





ପୁଲିସ ସୂତ୍ରରୁ ପ୍ରକାଶ ଯେ ଏହି ଗାଡ଼ିଗୁଡ଼ିକରେ ବିସ୍ଫୋରକ ଲଗାଇ ବଡ଼ ଧରଣର ବିପର୍ଯ୍ୟୟ ଘଟାଇବାକୁ ଯୋଜନା କରାଯାଉଥିଲା। ଏଥିପାଇଁ ସେମାନେ ୩୨ଟି ପୁରୁଣା ଗାଡ଼ି ବ୍ୟବହାର କରିବାକୁ ଯୋଜନା କରୁଥିଲେ। ପୁରୁଣା ଗାଡ଼ିଗୁଡ଼ିକ ଏକାଧିକ ବାର ବିକ୍ରି ହୋଇଥିବାରୁ ପ୍ରକୃତ ମାଲିକଙ୍କୁ ଧରିବା ତଦନ୍ତକାରୀ ସଂସ୍ଥା ପାଇଁ ସହଜ ହେବନାହିଁ ବୋଲି ସେମାନେ ଭାବିଥିଲେ। ପୁଣି ଏହି ପୁରୁଣା ଗାଡ଼ିର ରଙ୍ଗ ଓ ଚେହେରା ବଦଳାଇବାକୁ ମଧ୍ୟ ଉଦ୍ୟମ ଚାଲିଥିଲା। ସିରିଜ ବିସ୍ଫୋରଣ ପାଇଁ ଆହୁରି କେତୋଟି ଗାଡ଼ିକୁ ନିୟୋଜିତ କରିବାକୁ ପ୍ରସ୍ତୁତି କରାଯାଉଥିଲା କି ନାହିଁ ସେ ନେଇ ତଦନ୍ତ କରାଯାଉଛି।

ଆହୁରି ଜଣାପଡ଼ିଛି ଯେ ୮ ଜଣ ସନ୍ଦିଗ୍ଧ ୪ଟି ଭିନ୍ନ ଭିନ୍ନ ସ୍ଥାନରେ ୩୨ଟି କାରରେ ବିସ୍ଫୋରଣ ଘଟାଇବାକୁ ପ୍ରସ୍ତୁତି ହେଉଥିଲେ। ଏହିକ୍ରମରେ ପ୍ରତ୍ୟେକ ସନ୍ଦିଗ୍ଧଙ୍କୁ ଚୟନ କରାଯାଇଥିବା ସହର ପାଇଁ ନିଯୁକ୍ତି ଦିଆଯାଇଥିଲା। ଗୋଟିଏ ସମୟରେ ଅର୍ଥାତ ଏକା ସଙ୍ଗେ ବିସ୍ଫୋରଣ ଘଟାଇବା ପାଇଁ ଅଭିଯୁକ୍ତମାନେ ବିସ୍ଫୋରକ ନେଇ ଯିବାକୁ ଯୋଜନା କରିଥିଲେ। ଏହି ୮ ସନ୍ଦିଗ୍ଧଙ୍କ ମଧ୍ୟରେ ଅଛନ୍ତି ଡା. ମୁଜାମ୍ମିଲ, ଡା. ଆଦିଲ, ଡା. ଉମର ଓ ଡା. ଶାହିନଙ୍କ ନାମ ସାମ୍ନାକୁ ଆସିଛି।

ଦିଲ୍ଲୀ ବିସ୍ଫୋରଣର ଯୋଜନା ଗତ ଜାନୁଆରୀରୁ ହୋଇଥିଲା। ଗିରଫ୍ ହୋଇଥିବା ଅଭିଯୁକ୍ତଙ୍କ ମୋବାଇଲ ଫୋନ୍‌ରୁ ମିଳିଥିବା ବିଭିନ୍ନ ତଥ୍ୟ ଜଣାପଡ଼ିଛି। ଗତ ଜାନୁଆରୀରେ ଏମାନେ ଲାଲ୍‌କିଲ୍ଲାର ରେକି କରିଥିଲେ। ଡା ମୁଜାମ୍ମିଲ ଗନି ଓ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଡା ଉମର ନବୀ ଏକାଧିକବାର ଲାଲ୍ କିଲ୍ଲାରେ ରେକି କରିଥିଲେ ଓ ଦୁଇଜଣ ସେଠାରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଓ ଭିଡ଼କୁ ବୁଝିବାକୁ ପ୍ରୟାସ କରିଥିଲେ ବୋଲି ପୁଲିସ କହିଛି। ଜାନୁଆରୀ ୨୬ରେ ଲାଲକିଲ୍ଲା ଉପରେ ଆକ୍ରମଣ କରିବାକୁ ଏମାନେ ଲକ୍ଷ୍ୟ ରଖିଥିଲେ ମଧ୍ୟ ବିଫଳ ହୋଇଥିଲେ ବୋଲି କୁହାଯାଇଛି।

### ବଡ଼ ଧରଣର ଧ୍ୱଂସ ପାଇଁ ଥିଲା ହୋଇଥିଲା ଯୋଜନା
### ବାବରୀ ମସ୍‌ଜିଦର ପ୍ରତିଶୋଧ ନେବାକୁ ଚାହୁଁଥିଲେ
### ଜାନୁଆରୀରେ ଲାଲ୍‌କିଲ୍ଲାର ରେକି କରାଯାଇଥିଲା

## ପୁଣେରେ ଭୟଙ୍କର ଦୁର୍ଘଟଣା

# ଜିଅନ୍ତା ଜଳିଗଲେ ୯



■ **ପୁଣେ, ୧୩।୧୧ (ଏଜେନ୍ସି):** ମହାରାଷ୍ଟ୍ରର ପୁଣେ ସହରର ଉପକଣ୍ଠରେ ଥିବା ନାଭେଲ ବ୍ରିଜ୍ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଗୁରୁବାର ସନ୍ଧ୍ୟାରେ ଏକ ଟ୍ରକ୍‌ର ବ୍ରେକ୍ ଫେଲ୍ ହେବା କାରଣରୁ ୨୦ରୁ ୨୫ଟି ଗାଡ଼ି ପରସ୍ପରକୁ ଧକ୍କା ଦେଇଥିଲେ। ଏହି ଟ୍ରକ୍ ଓ ଏକ କଣ୍ଟେନର ମଧ୍ୟରେ ଫସିଯାଇଥିବା ଏକ କାର୍ ନିଆଁ ଲାଗି ଯାଇଥିଲା। ଫଳରେ ୯ ଜଣ ଲୋକ ଜିଅନ୍ତା ଜଳିଯାଇଥିଲେ। କାର୍‌ରେ ବସିଥିବା ୫ ଜଣ ଲୋକ ଜଳିଯାଇଥିଲେ। ସେହିପରି ଟ୍ରକ୍ ଓ କାର୍‌ର ଡ୍ରାଇଭର ମଧ୍ୟ ମୃତ୍ୟୁବରଣ କରିଥିଲେ। ମୃତକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ଆଶାଙ୍କା କରାଯାଉଛି। ପୁଣେ ଓ ନାସିକ ହାଇୱେ ଉପରେ ଭୋରଗାଁଓ ନିକଟରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ପୁଲିସ କହିଛି। ଟ୍ରକ୍ ଏତେ ଜୋରରେ ଧକ୍କା ଦେଇଥିଲା ଯେ, କାର କଣ୍ଟେନର ତଳେ ଦବିଯାଇଥିଲା ଓ ସଙ୍ଗେ ସଙ୍ଗେ ନିଆଁ ଲାଗିଥିଲା। କାର୍‌ରେ ଥିବା ଲୋକେ ବାହରକୁ ବାହରିବା ପାଇଁ ସୁଯୋଗ ପାଇ ନଥିଲେ। ଏଥିପାଇଁ ହାଇୱେ ଉପରେ ପାଖାପାଖି ଏକ ଘଣ୍ଟା ଟ୍ରାଫିକ ଜାମ୍ ହୋଇଥିଲା। ମୃତକଙ୍କୁ ଚିହ୍ନଟ କରାଯାଉଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ରାଶି ଦେବାକୁ ଘୋଷଣା କରିଛନ୍ତି। ସୂଚନା ମିଳିବା ମାତ୍ରେ ହିଁ ପୁଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ନିଆଁ ଲିଭାଇଥିଲେ। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ୨୦ରୁ ଆରମ୍ଭ ହେବ ଖରିଫ ଧାନକିଣା

■ **ଭୁବନେଶ୍ୱର, ୧୩।୧୧ (ସମିସ):** ଆସନ୍ତା ୨୦ ତାରିଖରୁ ରାଜ୍ୟରେ ଆରମ୍ଭ ହେବ ଖରିଫ ଧାନ କିଣା। ବରଗଡ଼ ଜିଲ୍ଲାରେ ପ୍ରଥମେ ଧାନମଣ୍ଡି ଖୋଲିବ। ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ଏହି ସୂଚନା ଚାଷୀଙ୍କ ମଧ୍ୟରେ ଉତ୍ସାହ ଅପେକ୍ଷା ଅଧିକ ଆଶଙ୍କା ସୃଷ୍ଟି କରିଛି। ଗତବର୍ଷ ଖରିଫ ଧାନ କିଣା ବେଳେ ମିଲରଙ୍କ ମନମାନି, କଟନୀଛଟନୀ, ଧାନର ଏଫଏକ୍ୟୁ ମାନକୁ ନେଇ ଚାଷୀ ବେଶ ହନ୍ତସନ୍ତ ହୋଇଥିଲେ। ଅତ୍ୟଧିକ କଟନୀଛଟନୀ ସହ ଟୋକନ୍ ଅବ୍ୟବସ୍ଥା ଓ ମଣ୍ଡିରେ ଧାନ ନଉଠିବା କାରଣରୁ ଚାଷୀ ବାଧ ହୋଇ କମ୍ ଦରରେ ଧାନ ବିକ୍ରି କରିଥିଲେ। ▸ପୃଷ୍ଠା-୭

### କଟ୍‌ନୀଛଟ୍‌ନୀକୁ ନେଇ ପୁଣି ଆଶଙ୍କାରେ ଚାଷୀ
### ଗତବର୍ଷ ପୂରଣ ହୋଇ ନ ଥିଲା ଧାନ କ୍ରୟ ଲକ୍ଷ୍ୟ

## ଚତୁର୍ଥ ଦିନରେ ଚାଷୀଙ୍କ ଧାରଣା

# ରାସ୍ତାରେ ମାଣ ବସାଇଲେ



■ **ବରଗଡ଼,୧୩।୧୧(ସମିସ):** ସଂଯୁକ୍ତ କୃଷକ ସଙ୍ଗଠନ ନେତୃତ୍ୱରେ ଚାଲିଥିବା ଚାଷୀ ଆନ୍ଦୋଳନ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ଧାନ କାର୍ଡ ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ ପଡିଥିବା ବରଗଡ଼ ଜିଲ୍ଲାର ହଜାର ହଜାର ଚାଷୀ ଗତ ସୋମବାର ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ଜାରି ରଖିଛନ୍ତି। ଯେ ପର୍ଯ୍ୟନ୍ତ ଧାନ କାର୍ଡ ପଞ୍ଜୀକରଣ ନ ହେବ ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ନିଜ ଜିଦରେ ଅଟଳ ରହିଛନ୍ତି। ଏହି ଧାରଣା ପ୍ରଶାସନର ନିଦ ହଜାଇବା ସହ ସରକାରକୁ ଦୃଢ଼ ଚ୍ୟାଲେଞ୍ଜ ଦେଇଛି। ଚାଷୀଙ୍କର ଗୋଟିଏ ଦାବି ଯେ, ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ ପଡିଥିବା ସମସ୍ତ ଚାଷୀଙ୍କ ଧାନ କାର୍ଡ ପଞ୍ଜୀକରଣ ▸ପୃଷ୍ଠା-୭

# ଆଜି ବିହାର, ନୂଆପଡ଼ା ଫଳ

## ଶେଷ ପର୍ଯ୍ୟାୟରେ ଭୋଟ୍ ହାର ବୃଦ୍ଧିକୁ ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ

■ **ପାଟନା, ୧୩।୧୧:** ବିହାରରେ ସର୍ବାଧିକ ଦିନ ଧରି ମୁଖ୍ୟମନ୍ତ୍ରୀ ପଦରେ ରହିଥିବା ନୀତୀଶ କୁମାରଙ୍କୁ ପୁଣି ସୁଯୋଗ ମିଳିବ କି? ତାଙ୍କୁ ରାଜ୍ୟର ଭୋଟରମାନେ ଏହି ସୁଯୋଗ ଦେଇଛନ୍ତି କି ନାହିଁ? ଏହି ପ୍ରଶ୍ନର ଉତ୍ତର ଆସନ୍ତାକାଲି ମିଳିବାକୁ ଯାଉଛି। ରାଜ୍ୟ ବିଧାନସଭାର ୨୪୩ଟି ଆସନରେ ଆସନ୍ତକାଲି ମତଗଣନା ହେବା ପରେ ସବୁକିଛି ସ୍ପଷ୍ଟ ହୋଇଯିବ। ମତଦାନ ପରେ ବୁଥବାହୁଡା ମତ କରାଇଥିବା ପ୍ରାୟ ସମସ୍ତ ସଂସ୍ଥା ନୀତୀଶଙ୍କ ଏନ୍‌ଡିଏ ଜିତିବ ବୋଲି ଆକଳନ କରିଛନ୍ତି। ଅଧିକାଂଶ ସଂସ୍ଥାଙ୍କ ଆକଳନ ଅନୁଯାୟୀ ୨୪୩ ଆସନ ମଧ୍ୟରୁ ନୀତୀଶଙ୍କ ନେତୃତ୍ୱାଧୀନ ଏନ୍‌ଡିଏକୁ ୧୫୦ରୁ ୧୭୦ ପର୍ଯ୍ୟନ୍ତ ଆସନ ମିଳିପାରେ। ଏହାକୁ ନେଇ ଶାସକ ଦଳ ମଧ୍ୟରେ ଉତ୍ସାହ ରହିଛି। ତଥାପି ନେତାମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ଅଧିକ ମତଦାନ ହାର। ରାଜ୍ୟରେ ଦୁଇଟି ପର୍ଯ୍ୟାୟରେ ହୋଇଥିବା ମତଦାନ ହାର ରହିଛି ୬୬.୯୧, ଯାହାକି ଗତ ନିର୍ବାଚନ ଅପେକ୍ଷା ୯.୬୨ ଅଧିକ। ବିହାର ▸ପୃଷ୍ଠା-୭



୫ମ ଥର ପାଇଁ ନୀତୀଶଙ୍କୁ ମିଳିବ କି ସୁଯୋଗ?

## ୨୬ ରାଉଣ୍ଡରେ ନୂଆପଡ଼ା ଗଣତି

■ **ନୂଆପଡ଼ା, ୧୩।୧୧ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଭୋଟ ଗଣତି ନେଇ ଗୁରବାର ଗଣମାଧ୍ୟମକୁ ଜିଲ୍ଲାପାଳ ମଧୁସୂଦନ ଦାଶ ବିସ୍ତୃତ ସୂଚନା ଦେଇଛନ୍ତି। ମୋଟ ୧୪ଟି ଟେବୁଲରେ ୨୬ ରାଉଣ୍ଡରେ ଭୋଟ ଗଣତି ହେବ। ପ୍ରତି ଟେବୁଲରେ ୩ ଜଣ କର୍ମଚାରୀ ରହିବେ। ପ୍ରଥମେ ପୋଷ୍ଟାଲ ବାଲାଟ ଗଣତି ହେବାକୁ ଥିବାବେଳେ ସକାଳ ୮ ସମୟରେ ଇଭିଏମ ଭୋଟ ଗଣତି ଆରମ୍ଭ ହେବ। ଗଣତି କେନ୍ଦ୍ରରେ କେବଳ ଅଧିକୃତ ଲୋକମାନଙ୍କୁ ପ୍ରବେଶ ଅନୁମତି ଦିଆଯିବ ବୋଲି ଶ୍ରୀ ଦାଶ କହିଛନ୍ତି।

# ୭ ଡିଗ୍ରୀକୁ ଖସିଲା ପାରଦ

## ୧୦ ଡିଗ୍ରୀ ତଳେ ରାଜ୍ୟର ୪ ସହର

■ **ଭୁବନେଶ୍ୱର, ୧୩।୧୧ (ସମିସ):** ସଞ୍ଜ ନଇଁଲେ ମାଡ଼ି ଆସୁଛି ଥଣ୍ଡା। ଦୁଇ ଦିନ ହେବ ରାତି ଭଳି ଦିନରେ ମଧ୍ୟ ଥଣ୍ଡା ଅନୁଭୂତ ହେଉଛି। ରାଜ୍ୟର ପୂର୍ବରୁ ପଶ୍ଚିମ-ଉତ୍ତରରୁ ଦକ୍ଷିଣ ସବୁଠି ଶୀତର ପ୍ରଭାବ ଅନୁଭୂତ ହେଉଛି। ଉତ୍ତର-ପଶ୍ଚିମ ଦିଗରୁ ଓଡ଼ିଶା ମଧ୍ୟକୁ କ୍ରମାଗତ ଭାବେ ଶୁଷ୍କ ଥଣ୍ଡା ବାୟୁ ପ୍ରବାହ ହେଉଥିବାରୁ ଶୀତ ବଢ଼ି ଚାଲିଛି। ଏଭଳି ସ୍ଥିତିରେ ଆସନ୍ତା ସପ୍ତାହେ ମଧ୍ୟରେ ବିଶେଷ ପରିବର୍ତ୍ତନ ନଥିବାରୁ ଶୀତ ପ୍ରାୟ ଜାରି ରହିବାର ସମ୍ଭାବନା ରହିଛି। ଗତ ୨୪ ଘଣ୍ଟାରେ ରାଜ୍ୟର ଏକାଧିକ ସ୍ଥାନରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିବା ବେଳେ ବହୁ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ୪-୬ ଡିଗ୍ରୀ କମ୍ ରେକର୍ଡ ହୋଇଛି। ଏହି ଦୃଷ୍ଟିରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଶୀତଲହରୀ ସ୍ଥିତି ସୃଷ୍ଟି ହେବା ନେଇ ମଧ୍ୟ ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟରେ ▸ପୃଷ୍ଠା-୭

### ରାଜଧାନୀରେ ୧୪ଡିଗ୍ରୀ ପାରଦ
### ସ୍ୱାଭାବିକଠୁ ୫ ଡିଗ୍ରୀ ତଳେ ତାପମାତ୍ରା
### ସପ୍ତାହେ ପର୍ଯ୍ୟନ୍ତ ଜାରି ରହିବ ଶୀତ

## ଓଡ଼ିଶାରେ ପୁଲିସ ଚାକିରି ବେପାର

# ମାମଲା ରୁଜୁ କଲା ସିବିଆଇ

■ **ଭୁବନେଶ୍ୱର/ବ୍ରହ୍ମପୁର, ୧୩।୧୧ (ସମିସ):** ରାଜ୍ୟରେ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଗୁରୁବାର ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୮(୪), ୩୧୯(୨), ୩୩୮, ୩୩୬(୩), ୩୪୦(୨), ୧୧୧, ୬୧(୨) ଏବଂ ୩(୫) ଲଗାଯାଇଛି। ସିବିଆଇ ଅତିରିକ୍ତ ଏସ୍‌ପି ବି. ସାମଲଙ୍କୁ ଏହାର ତଦନ୍ତ ଭାର ଦିଆଯାଇଛି। ତଦନ୍ତ ପାଇଁ ସିବିଆଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛି। ଏହି ଟିମ୍‌ରେ ଅତିରିକ୍ତ ଏସ୍‌ପିଙ୍କ ସମେତ ଏକାଧିକ ଇନ୍‌ସ୍ପେକ୍ଟର ରହିଛନ୍ତି। ଏସ୍‌ଆଇ ସ୍କାମ୍‌ର ଚେର ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଛତିଶିଗଡ଼ ଏବଂ ଆନ୍ଧ୍ର ପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଛି। ଏଣୁ ଏହି ରାଜ୍ୟ ଗୁଡ଼ିକରେ ମାମଲାର ଯାଞ୍ଚ ଏବଂ ଅଭିଯୁକ୍ତଙ୍କୁ ଗିରଫ ପାଇଁ ମାନବ ସମ୍ବଳ ଓ ଆନୁଷଙ୍ଗିକ ସହଯୋଗର ଆବଶ୍ୟକତା ଥିବାରୁ ଏଥିପାଇଁ ଦିଲ୍ଲୀ କାର୍ଯ୍ୟାଳୟକୁ ଚିଠି ଲେଖାଯାଇଛି।

୨୦୨୪ ମସିହାରେ ସମ୍ପୂର୍ଣ୍ଣ ଦେଶରେ ନିଟ୍-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଥିଲା। ଏଥିରେ ୧୪ରୁ ଊର୍ଦ୍ଧ୍ୱ ଲୋକଙ୍କୁ ବିହାର ଏବଂ ଝାରଖଣ୍ଡରୁ ଗିରଫ କରାଯାଇଥିଲା। କିଛି ଅଭିଯୁକ୍ତ ପ୍ରାଶ୍ନପତ୍ର ଲିକ୍ ମାମଲାରେ ଜେଲ ଥାଇ ମଧ୍ୟ ଏହି ରାକେଟ୍‌କୁ ଅପରେଟ୍ କରୁଥିଲେ ବୋଲି ଚର୍ଚ୍ଚା ହେଉଥିଲା। ଏଣୁ ରାଜ୍ୟ ବାହାର ଅଭିଯୁକ୍ତଙ୍କ ସହ ଶଙ୍କର ପୃଷ୍ଟି ଓ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନଙ୍କ ସହ କିଭଳି ସମ୍ପର୍କ ରହିଛି। ରାଜ୍ୟ ବାହାର ଗ୍ୟାଙ୍ଗ୍‌ରୁ ସେମାନେ କେଉଁ ପ୍ରକାର ସହାୟତା ପାଇଛନ୍ତି, ଏସବୁର ତଦନ୍ତ କରିବାକୁ ଭୁବନେଶ୍ୱର ସିବିଆଇ ଏହି ରାଜ୍ୟ ▸ପୃଷ୍ଠା-୭

### ତଦନ୍ତ ଭାର ସମ୍ଭାଳିଲେ ଅତିରିକ୍ତ ଏସ୍‌ପି ବି.ସାମଲ
### ମାନବ ସମ୍ବଳ ଯୋଗାଇ ଦେବାକୁ ମୁଖ୍ୟାଳୟକୁ ଚିଠି
### ବିଶ୍ୱରଞ୍ଜନ ଓ ତଫିମଙ୍କ ଜାମିନ ଖାରଜ, ୨ଜଣଙ୍କୁ ମିଳିଲା ଜାମିନ
### ୨୦ରେ ଶଙ୍କର, ଅରବିନ୍ଦ ଓ ସୁରେଶଙ୍କ ଜାମିନ ଆବେଦନର ଶୁଣାଣି




# ଆତଙ୍କବାଦୀଙ୍କ ଠିକଣା: କୋଠା ନଂ-୧୭, ରୁମ୍ ନଂ-୧୩

## ଅଲ୍ ଫଲାହ ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ; ପଶିଲା ଇଡି




ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ହରିୟାଣାର ଫରିଦାବାଦସ୍ଥିତ ଅଲ ଫଲାହ ବିଶ୍ୱବିଦ୍ୟାଳୟ ସନ୍ଦେହ ପରିସରକୁ ଆସିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବିଶ୍ୱିବଦ୍ୟାଳୟର କୋଠା ନମ୍ବର ୧୭ ଏବଂ ରୁମ୍ ନମ୍ବର ୧୩ରେ ଦିଲ୍ଲୀ ବିସ୍ଫୋରଣ ପାଇଁ ଷଡ଼ଯନ୍ତ୍ର ରଚନା କରାଯାଇଥିଲା। ଏହି ବିଲ୍ଡିଂ ଓ ରୁମରେ ଅଭିଯୁକ୍ତ ଡାକ୍ତର ମୁଜାମ୍ମିଲ, ଡ. ଉମର, ଡ. ଆଦିଲ ଓ ଡ. ସୟିଦ ରହୁଥିଲେ। ସେମାନେ ପାକିସ୍ତାନୀ ଆତଙ୍କବାଦୀ ସଂଗଠନ ଜୈସ-ଇ- ମହମ୍ମଦ ସହିତ ଯୋଗାଯୋଗ କରି ବିସ୍ଫୋରଣ ଷଡ଼ଯନ୍ତ୍ର କରିଥିଲେ। ଏହି କାରଣରୁ ବର୍ତ୍ତମାନ ଅଲ ଫଲାହ ବିଶ୍ୱିବିଦ୍ୟାଳୟ ଚର୍ଚ୍ଚାରେ ରହିଛି। ତଦନ୍ତକାରୀ ସଂସ୍ଥା ଏବେ ଏହି ୪ ଡାକ୍ତରଙ୍କ ଉପରେ ଫୋକସ କରି ତଦନ୍ତ ଚଳାଇଛନ୍ତି। ବିସ୍ଫୋରଣରେ ଉମରର ମୃତ୍ୟୁ ଘଟିଥିବା ବେଳେ ଅନ୍ୟମାନେ ପୁଲିସ ହାଜତରେ ଅଛନ୍ତି। ଏହି ଘଟଣାରେ ସେମାନଙ୍କ ଠାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବ ବୋଲି ଅନୁମାନ କରାଯାଉଛି।

ଇତିମଧ୍ୟରେ ଏହି ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡେସନ କାଉନସିଲ (ଏନ୍‌ଏସି) ଏହି ପଦକ୍ଷେପ ଗ୍ରହଣ କରିଛି। ଦିଲ୍ଲୀ ବିସ୍ଫୋରଣ ମାମଲାରେ ଫରିଦାବାଦ ଟେରର ମଡ୍ୟୁଲ୍‌ରେ ଗିରଫ ହୋଇଥିବା ଡାକ୍ତରମାନେ ଅଲ ଫଲ୍‌ହା ବିଶ୍ୱବିଦ୍ୟାଳୟ ସହ ଜଡିତ ଥିବାର ପ୍ରମାଣ ମଳିବା ପରେ ଏହି ନୋଟିସ ଜାରି କରାଯାଇଛି। ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌କୁ ମଧ୍ୟ ବନ୍ଦ କରିଦିଆଯାଇଛି। ଗୋଟିଏ ଦିନ ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍ ହ୍ୟାକ୍ ହୋଇଥିଲା। ଜାଲ୍ ସ୍ୱୀକୃତି ପାଇଥିବା ଅଭିଯୋଗରେ ନୋଟିସ ଜାରି କରାଯାଇଛି ବୋଲି କୁହାଯାଇଛି। ଏହି ବିଶ୍ୱବିଦ୍ୟାଳୟ ଏ ଆଣ୍ଡ ଏ ଓ ସାଇକଲ-୧ ପାଇଁ ମାନ୍ୟତା ହାସଲ କରିନାହିଁ। ନିଜ ୱେବସାଇଟ୍‌ରେ ଅଲ ଫଲାହ ବିଶ୍ୱବିଦ୍ୟାଳୟ ଅଲ ଫଲାହ ଚାରିଟେବୁଲ ଟ୍ରଷ୍ଟ ଅଧୀନରେ ଥିବା ବୋଲି ଉଲ୍ଲେଖ କରାଯାଇଛି। ଏହାର ପରିସରରେ ୩ଟି କଲେଜ ରହିଛି। ଏହା ପୂରାପୂରି ଭୁଲ ଓ ଜନତାଙ୍କୁ ଭ୍ରମିତ କରାଯାଇଛି ବୋଲି ଏନ୍‌ଏସି ତରଫରୁ କୁହାଯାଇଛି। ନୋଟିସର ଜବାବ ଦେବାକୁ ୭ ଦିନ ସମୟ ଦିଆଯାଇଛି। ଏହି ଅନୁଷ୍ଠାନ କେଉଁଠୁ ପାଣ୍ଠି ସଂଗ୍ରହ କରୁଥିଲା, ତାହାର ଯାଞ୍ଚ କରାଯିବ। ଏଥିପାଇଁ ଏହି ବିଶ୍ୱବିଦ୍ୟାଳୟରେ ଆଜି ଇଡି ଚଢ଼ାଉ କରିଛି। ଇତିମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରଣାଳୟ ବିଶ୍ୱବିଦ୍ୟାଳୟର ସବୁ ରେକର୍ଡର ଫରେନସିକ୍ ଯାଞ୍ଚ ପାଇଁ ଆଦେଶ ଦେଇଛି।

ଦିଲ୍ଲୀ ଲାଲକିଲ୍ଲା ବିସ୍ଫୋରଣ ଘଟଣାରେ ମୃତ୍ୟୁସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ଆଜି ଆଉ ଜଣେ ଆହତ ବ୍ୟକ୍ତିଙ୍କର ମେଡିକାଲରେ ମୃତ୍ୟୁ ଘଟିଛି। ମେଡିକାଲରେ ଏବେ ବି ଆଉ ୨୦ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

## ୨୬ ଲକ୍ଷ ଟଙ୍କା ଯୋଗାଡ଼ କରିଥିଲେ ଅଭିଯୁକ୍ତ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ବିଭିନ୍ନ ସ୍ଥାନରେ ବିସ୍ଫୋରଣ ପାଇଁ ସନ୍ଦିଗ୍ଧ ଡାକ୍ତରମାନେ ବିସ୍ଫୋରକ ଓ ଅନ୍ୟ ଜିନିଷ କିଣିବାକୁ ଟଙ୍କା ଯୋଗାଡ଼ କରୁଥିଲେ। ସେମାନେ ୨୬ ଲକ୍ଷ ଟଙ୍କା ସଂଗ୍ରହ କରିସାରିଥିଲେ। ଏହି ଅର୍ଥକୁ ଡା. ଉମରକୁ ଦିଆଯାଇଥିଲା। ଏହି ଅର୍ଥରେ ଗୁରୁଗ୍ରାମ, ନୁହ ଓ ଆଖପାଖ ଅଞ୍ଚଳରୁ ପାଖାପାଖି ୩ ଲକ୍ଷ ଟଙ୍କାରେ ୨୦ କ୍ୱିଣ୍ଟାଲ ଏନ୍‌ପିକେ ଫର୍ଟିଲାଇଜର କିଣିବା ପାଇଁ ଖର୍ଚ୍ଚ କରାଯାଇଥିଲା। ନାଇଟ୍ରୋଜେନ, ଫସ୍‌ଫରସ ଓ ପଟାସିଅମର ମିଶ୍ରଣ ହେଉଛି ଏନ୍‌ପିକେ ଫର୍ଟିଲାଇଜର। ଏହାକୁ ବ୍ୟବହାର କରି ବିସ୍ଫୋରକ ପ୍ରସ୍ତୁତ କରାଯାଇଥାଏ।

ଯାଞ୍ଚ ଏଜେନ୍ସି ଅନୁସାରେ ଡା ମୁଜାମ୍ମିଲ ୨୦୨୧ ଓ ୨୦୨୨ରେ ନିହତ ହୋଇଥିବା ଆତଙ୍କବାଦୀଙ୍କ ସହଯୋଗୀଙ୍କ ସମ୍ପର୍କ ସ୍ଥାପନ କରିବା ପରେ ଏହି ସଂଗଠନର ଏକ ଶାଖା ଅନସାର ଗଜବତ-ଉଲ-ହିନ୍ଦ୍ ଦ୍ୱାରା ପ୍ରଭାବିତ ହୋଇଥିଲା। ଇର୍ଫାନ ଉରଫ ମୌଲବୀ ନାମକ ଜଣେ ବ୍ୟକ୍ତି ହିଁ ମୁଜାମ୍ମିଲକୁ ଏହି ନେଟ୍‌ୱର୍କ ସହ ପରିଚିତ କରାଇଥିଲା ବୋଲି କୁହାଯାଉଛି। ୨୦୨୩ ଓ ୨୦୨୪ରେ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ରକୁ ନେଇ ଏକ ସ୍ୱତନ୍ତ୍ର ଆତଙ୍କବାଦୀ ସଂଗଠନ ସ୍ଥାପନ କରିବାକୁ ଯୋଜନା ଥିଲା। ଏହି ବ୍ୟାପକ ନେଟ୍‌ୱର୍କ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ଯାଞ୍ଚ ଏଜେନ୍ସିଗୁଡିକ ପ୍ରୟାସ ଜାରି ରଖିଛନ୍ତି। କାରଣ ଅଭିଯୁକ୍ତମାନେ ଭବିଷ୍ୟତରେ ଆହୁରି ବଡ଼ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବୋଲି ଯାଞ୍ଚ ଏଜେନ୍ସିଗୁଡିକ ସନ୍ଦେହ କରୁଛନ୍ତି। ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଂଗଠନ ଆଇଏସଆଏସ୍ ସହିତ ସେମାନଙ୍କର ଥିବା ସନ୍ଦେହ କରାଯାଉଛି।

**ଆଇଏସ୍‌ଆଇଏସ୍ ସହ ସନ୍ଦିଗ୍ଧ ସମ୍ପର୍କ**

**ଲାଲ୍ ଇକୋସ୍ପୋର୍ଟ୍ସ କାର୍ ପାର୍କ କରିଥିବା ସନ୍ଦିଗ୍ଧ ଗିରଫ**



ଲାଲ୍‌କିଲ୍ଲା ବୋମା ବିସ୍ଫୋରଣ ସହିତ ଜଡିତ ନିଖୋଜ କାର ଓ ଏହାର ଡ୍ରାଇଭରକୁ ଖୋଜା ଚାଲିଛି। ଗତ ସନ୍ଧ୍ୟାରେ ଗୋଟିଏ କାରକୁ ଜବତ କରିଛି ପୁଲସ। ଏହି ଗାଡ଼ିକୁ ପାର୍କ କରିଥିବା ସନ୍ଦିଗ୍ଧକୁ ମଧ୍ୟ ଗିରଫ କରାଯାଇଛି। ଦିଲ୍ଲୀ ପୁଲିସ ଏ ନେଇ ଆଲର୍ଟ ଜାରି କରିଥିଲା। ଏକ ଲାଲ ରଙ୍ଗର ଫର୍ଡ ଇକୋସ୍ପୋର୍ଟ୍ସ କାର ଫରିଦାବାଦ୍‌ରୁ ଡା ଉମରର କାର ସହିତ ବାହରିଥିଲା। ମାତ୍ର କିଛି ଘଣ୍ଟା ମଧ୍ୟରେ ଫରିଦାବାଦ୍ ପୁଲିସ ଖଣ୍ଡାବଲି ଗାଁରୁ ଏହି କାର୍‌କୁ ଖୋଜି ପାଇବାରେ ସକ୍ଷମ ହୋଇଛି। ଏହି କାରକୁ ସେଠାରେ ପାର୍କ କରିଥିବା ବ୍ୟକ୍ତି ଫହିମକୁ ଗିରଫ କରାଯାଇଛି। ଫହିମ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା ଉମରର ସମ୍ପର୍କୀୟ ହୋଇପାରେ ବୋଲି ପୁଲିସ ଆଶଙ୍କା କରୁଛି। ଦୁଇଟି କାର ସାଥି ହୋଇ ବାହାରିଥିଲେ। ଉମର କାର୍‌ରେ ବିସ୍ଫୋରଣ ହୋଇଥିଲେ ମଧ୍ୟ ଏହି କାର୍‌ର ଖୋଜ ଖବର ନଥିଲା। ଏହି କାରଣରୁ ଦିଲ୍ଲୀ ପୁଲିସ ଆଲର୍ଟ ଜାରି କରିଥିଲା।

## ଇଣ୍ଟରପୋଲ୍‌ର ସହାୟତା ଲୋଡ଼ିଲା ପୁଲିସ

ଶ୍ରୀନଗର, ୧୩।୧୧(ଏଜେନ୍ସି): ଲାଲକିଲ୍ଲା ବିସ୍ଫୋରଣର ସଂଦିଗ୍ଧ ଅଭିଯୁକ୍ତ ଜଣେ କାଶ୍ମୀର ଡାକ୍ତର ବିରୋଧରେ ରେଡ କର୍ଣ୍ଣର ନୋଟିସ ଜାରି କରିବାକୁ ଜମ୍ମୁ-କଶ୍ମୀର ପୁଲିସ ଇଣ୍ଟରପୋଲ ସହିତ ଯୋଗାଯୋଗ କରିଛି। ଏହି ଡାକ୍ତର ହେଉଛନ୍ତି ଡା ମୁଜାଫର। ମୁଜାଫର ଜୈଶ-ଇ-ମହମ୍ମଦ ସହିତ ଜଡିତ ଏକ ବଡ଼ ଆତଙ୍କବାଦୀ ନେଟ୍‌ୱର୍କର ଅଂଶ ବୋଲି ଜଣା ପଡ଼ିଛି। ସେ ଦେଶ ବାହାରେ ଥିବାରୁ ରେଡ କର୍ଣ୍ଣର ନୋଟିସ ଦ୍ୱାରା ତାକୁ ଟ୍ରାକ କରାଯିବ। ମୁଜାଫର ହେଉଛି ଡା ଆଦିଲର ଭାଇ। ଆଦିଲ ଅନନ୍ତନାଗ ମେଡିକାଲ କଲେଜରେ କାର୍ଯ୍ୟରତ। ତେବେ ତା'ର ଲକରରୁ ଏକ ଏକେ-୪୭ ରାଇଫଲ ଜବତ ହେବା ପରେ ତାକୁ ଗିରଫ କରାଯାଇଥିଲା। ଗିରଫ୍ ହୋଇଥିବା ଅଭିଯୁକ୍ତଙ୍କୁ ପଚରାଉଚରା କରାଯିବା ପରେ ମୁଜାଫରର ନାମ ସାମ୍ନାକୁ ଆସିଥିଲା। ମୁଜାଫର ୨୦୨୧ରେ ଅଭିଯୁକ୍ତ ମୁଜାମିଲ ଗନାଇ ଓ ଉମର ନବୀ ସହ ତୁର୍କୀ ଯାଇଥିଲା। ଗତ ଅଗଷ୍ଟରେ ସେ ଦୁବାଇରୁ ଭାରତ ଆସିଥିଲା ଓ ଏବେ ସେ ଆଫଗାନିସ୍ତାନରେ ଅଛି ବୋଲି କୁହାଯାଉଛି। ଏହି ୩ ଜଣ ୨୧ ଦିନ ତୁର୍କୀରେ ଥିଲେ ବୋଲି ପୁଲିସ କହିଛି। କିନ୍ତୁ ତୁର୍କୀ କର୍ତ୍ତୁପକ୍ଷ ଏହାକୁ ଖଣ୍ଡନ କରିଛନ୍ତି।

**କାଶ୍ମୀର ଡାକ୍ତରଙ୍କ ବିରୋଧରେ ଜାରି ହେବ ରେଡ୍ କର୍ଣ୍ଣର ନୋଟିସ୍**

**କାନପୁର ମେଡିକାଲ ଛାତ୍ରଙ୍କୁ ଗିରଫ କଲା ୟୁପି ଏଟିଏସ୍**

ଉତ୍ତର ପ୍ରଦେଶର ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍ (ଏଟିଏସ୍) ଲାଲ୍‌କିଲ୍ଲା ବିସ୍ଫୋରଣ ମାମାଲାରେ କାନପୁରର ମେଡିକାଲ କଲେଜର କାର୍ଡିଲୋଜିଷ୍ଟ ଇନ୍‌ଷ୍ଟିଚ୍ୟୁଟର ଅଧ୍ୟୟନରତ ଜମ୍ମୁ-କଶ୍ମୀରର ଜଣେ ଛାତ୍ରଙ୍କୁ ଗିରଫ କରିଛି। ଏହି ଛାତ୍ର ହେଉଛନ୍ତି ଡା ମହମ୍ମଦ ଆରିଫ। ଗିରଫ ହୋଇଥିବା ମହିଳା ଡାକ୍ତର ଶାହିନ ସଇଦ୍‌ଙ୍କ ଫୋନ୍ ରେକର୍ଡ ଯାଞ୍ଚ୍ କରାଯିବା ବେଳେ ଆରିଫ୍‌ଙ୍କ ନାମ ସାମ୍ନାକୁ ଆସିଥିଲା। ଦୀର୍ଘଦିନ ଧରି ଦୁଇଜଣଙ୍କ ମଧ୍ୟ ସମ୍ପର୍କ ଥିଲା ବୋଲି ଏଟିଏସ୍ କହିଛି। ଆରିଫ୍ କାଶ୍ମୀରର ବାସିନ୍ଦା ଓ ସେ କାନପୁରର ଆଶୋକ ନଗର ଅଞ୍ଚଳ ଭଡ଼ାରେ ଏକ ଫ୍ଲାଟ୍‌ରେ ରହୁଥିଲା। ବୁଧବାର ରାତିରେ ଏଟିଏସ୍ ତା ଘରେ ଚଢ଼ାଉ କରି ଗିରଫ୍ କରିଥିଲା। ଜଣେ ପ୍ରତିଭାଶାଳୀ ଡାକ୍ତରରୁ ସେ ଏବେ ଆତଙ୍କବାଦୀରେ ପରିଣତ ହୋଇଛି। ପିଲାଟି ବେଳୁ ସେ ଡାକ୍ତର ହେବାକୁ ଚାହୁଁଥିଲା ବୋଲି ତାର ପରିବାର ଲୋକେ କହିଛନ୍ତି। ତେବେ ତାକୁ ପଚରାଉଚରା ପରେ ଏହି ଆତଙ୍କବାଦୀ ନେଟ୍‌ୱର୍କ ସଂପର୍କରେ ଅନେକ ତଥ୍ୟ ମିଳିବ ବୋଲି କୁହାଯାଉଛି।

## ମେଳ ଖାଇଲା ଡା ଉମର ମା'ଙ୍କ ଡିଏନ୍‌ଏ ରିପୋର୍ଟ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଲାଲ୍‌କିଲ୍ଲା ବିସ୍ଫୋରଣରେ ମୁଖ୍ୟ ଅଭିଯୁକ୍ତ ଥିଲା ଡା ମହମ୍ମଦ ଉମର ନବୀ। ବିସ୍ଫୋରଣ ସମୟରେ ସେ କାର୍‌ରେ ଥିଲା। କାର୍‌ରୁ ଉମର ଦାନ୍ତ, ହାଡ଼, ରକ୍ତଲଗା ପୋଷାକ ଓ ପାଦର ଅଂଶ ଷ୍ଟିଅରିଂ ହ୍ୱିଲ୍ ଓ ଆକ୍ସିଲରେଟର ମଧ୍ୟରେ ଫସି ରହିଥିଲା। ଏହାକୁ ନେଇ ଡିଏନ୍‌ଏ ପରୀକ୍ଷା କରାଯାଇଥିଲା। ଉମରର ଡିଏନ୍‌ଏ ତା'ର ମାଙ୍କ ସହ ମେଳ ଖାଇଥିବା ଯାଞ୍ଚ୍‌ରୁ ଜଣାପଡ଼ିଛି। କାର୍‌ରେ ବିସ୍ଫୋରଣ ଘଟାଇବା ପୂର୍ବରୁ ଉମର ୫ଥର କାର୍ ସହିତ ଦେଖାଦେଇଛି। କିନ୍ତୁ ସେତେବେବେଳେ ତା ଉପରେ କୌଣସି ଯାଞ୍ଚ୍ ଏଜେନ୍ସିର ସନ୍ଦେହ ହୋଇ ନଥିଲା। ସେ ବିନାଭୟରେ ଦିଲ୍ଲୀର ସଡ଼କରେ ବୁଲୁଥିବାର ବିଭିନ୍ନ ସିସିଟିଭି ଫୁଟେଜରୁ ଦେଖିବାକୁ ମିଳିଛି। ସେ କେତେବେଳେ ମସଜିଦ ଯାଉଥିଲା ତ କେତେବେଳେ କନ୍ନଟ ପ୍ଲେସ ବୁଲୁଥିଲା। ବିସ୍ଫୋରଣ ପୂର୍ବରୁ ସେ ଲାଲ୍‌କିଲ୍ଲା ପାଖରେ ୩ ଘଣ୍ଟା ବସିଥିବାର ଦେଖାଯାଇଛି।

## ପାକ୍ ରାଷ୍ଟ୍ରପତି, ସେନାଧ୍ୟକ୍ଷଙ୍କୁ ମିଳିଲା ଆଜୀବନ ସୁରକ୍ଷା

ଇସ୍‌ଲାବାମାଦ୍, ୧୩।୧୧(ଏଜେନ୍ସି): ପାକିସ୍ତାନ ସଂସଦ ସେନାମୁଖ୍ୟ ଆସିମ ମୁନୀରଙ୍କ ଶକ୍ତି ବୃଦ୍ଧି କରିବାକୁ ଓ ସୁପ୍ରିମକୋର୍ଟଙ୍କ କ୍ଷମତା କମାଇବାକୁ ୨୭ତମ ସମ୍ବିଧାନ ସଂଶୋଧନକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ସଂଶୋଧନ ସହିତ ସମ୍ବିଧାନର ୪୮ ଟି ଧାରାରେ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦିଆଯାଇଛି। ନ୍ୟାସନାଲ ଆସେମ୍ବ୍ଲି ଏହି ବିଲ୍‌କୁ ୨୩୪ ଭୋଟରେ ପାରିତ କରିଛି। ରାଷ୍ଟ୍ରପତି ଆସିଫ ଅଲି ଜର୍ଦ୍ଦାରୀ ସ୍ୱାକ୍ଷର କରିବା ପରେ ଏହା ଆଇନ୍‌ରେ ପରିଣତ ହେବ। ସେନାମୁଖ୍ୟ ମୁନୀର ଏଥିସହ ଜଳ, ସ୍ଥଳ ଓ ବାୟୁ ସେନାର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏଫ୍) ହେବାର ସୁଯୋଗ ପାଇବେ। ନଭେମ୍ବର ୨୭ରେ ଏହା ଲାଗୁ ହେବ। ପଦ ମିଳିବା ମାତ୍ରେ ହିଁ ମୁନୀରଙ୍କୁ ପରମାଣୁ ଅସ୍ତ୍ରର କମାଣ୍ଡ ମିଳିଯିବ। ନିଜ ପଦର କାର୍ଯ୍ୟକାଳ ଶେଷ ହେବା ପରେ ମଧ୍ୟ ସେ ନିଜ ପଦରେ ରହିବା ଏଥିସହ ସଂଶୋଧନ ଅନୁଯାୟୀ ରାଷ୍ଟ୍ରପତିଙ୍କ ସହ ସେନାଧ୍ୟକ୍ଷଙ୍କୁ ଆଜୀବନ ଆପରାଧୀ ମକଦ୍ଦମାରୁ ସୁରକ୍ଷା ମିଳିବ। ସେମାନେ ବଞ୍ଚିଥିବା ପର୍ଯ୍ୟନ୍ତ ସେମାନଙ୍କ ବିରୋଧରେ କୌଣସି ଫୌଜଦାରୀ ମକଦ୍ଦମା କରାଯାଇପାରିବ ନାହିଁ।

## ଭାରତ, ଆଫଗାନିସ୍ତାନ ସହ ଯୁଦ୍ଧ ଧମକ

କାବୁଲ୍, ୧୩।୧୧(ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ମଧ୍ୟ ପୁଣି ଥରେ ଆଫଗାନିସ୍ତାନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ପାକିସ୍ତାନ ଏକା ସଙ୍ଗେ ଭାରତ ଓ ଆଫଗାନିସ୍ତାନ ସହିତ ଯୁଦ୍ଧ କରିବାକୁ ସମ୍ପୂର୍ଣ୍ଣ ରୁପେ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି। କୌଣସି ବିକଳ୍ପ ନଥିଲେ 'ଟୁ ଫ୍ରଣ୍ଟ ୱାର' ଅର୍ଥାତ ଏହି ଦୁଇ ଦେଶ ସହ ଗୋଟଏ ସମୟରେ ଯୁଦ୍ଧ କରିବାକୁ ପଛାଇବୁ ନାହିଁ ବୋଲି ସେ କହିଛନ୍ତି।

ଇତିମଧ୍ୟରେ ପାକିସ୍ତାନ ସହ ଚାଲିଥିବା ରାଜନୈତିକ ଓ କୂଟନୈତିକ ସଂଘର୍ଷ ପାଇଁ ଆଫଗାନିସ୍ତାନ କେତୋଟି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ଆଗାମୀ ୩ ମାସ ମଧ୍ୟରେ ପାକିସ୍ତାନ ସହ ଆଫଗାନିସ୍ତାନ ସବୁ ବ୍ୟବସାୟ ବନ୍ଦ କରିବ ବୋଲି କହିଛି। ପାକିସ୍ତାନ ସହ ସୀମା ବନ୍ଦ ହେବା ମାତ୍ରେ ହିଁ ବ୍ୟବସାୟ ଠପ୍ ହେବ ବୋଲି ଆଫଗାନିସ୍ତାନ ଉପ-ପ୍ରଧାନମନ୍ତ୍ରୀ ମୁଲ୍ଲା ଅବଦୁଲ ଗନି ବରାଦର କହିଛନ୍ତି। ଏଥିପାଇଁ ତାଲିବାନ ବ୍ୟବସାୟୀ ଓ ଶୀଳ୍ପପତିଙ୍କୁ ବିକଳ୍ପ ରାସ୍ତା ସନ୍ଧାନ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାଦ୍ୱାରା ପ୍ରତିମାସ ପାଖାପାଖି ୨୦୦ ମିଲିଅନ ଆମେରିକା ଡଲାର ଅର୍ଥାତ ୧, ୭୦୦ କୋଟି ଟଙ୍କର କ୍ଷତି ହେବ ବୋଲି ସେ କହିଛନ୍ତି। ସୀମା ବନ୍ଦ କରିବା ପ୍ରକ୍ରିୟାକୁ ସେ ଆର୍ଥିକ ଯୁଦ୍ଧ ବୋଲି କହିଛନ୍ତି।

## ୬ କୋଟି 'ମୃତକ'ଙ୍କ ଆଧାର କାର୍ଡ ନିଷ୍କ୍ରିୟ



ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଦେଶରେ ୨୦୦୯ ଜାନୁଆରୀ ଆଧାରକାର୍ଡ ଲାଗୁ ହୋଇଥିଲା। ଇତିମଧ୍ୟରେ ପ୍ରତ୍ୟେକ ନାଗରିକଙ୍କର ଆଧାର ନଂ ଜାରି କରିବାର ପ୍ରକ୍ରିୟାକୁ ୧୫ ବର୍ଷ ପୂରଣ ହୋଇଛି। ମୋଟ ଉପରେ ୧୪୨ କୋଟିରୁ ଅଧିକ ଆଧାର କାର୍ଡ ଜାରି କରାଯାଇଛି। କିନ୍ତୁ ୮ କୋଟିରୁ ଅଧିକ ଆଧାର କାର୍ଡ ଧାରକଙ୍କ ମୃତ୍ୟୁ ହୋଇଥିବା ବେଳେ ମାତ୍ର ୧.୮୩ କୋଟି ମୃତକଙ୍କ କାର୍ଡ ନିଷ୍କ୍ରିୟ ହୋଇଛି। ପାଖାପାଖି ୬ କୋଟି ମୃତକଙ୍କ ଆଧାର କାର୍ଡ ଏବେବି ସକ୍ରିୟ ରହିଛି। ଏଗୁଡ଼ିକ ନିଷ୍କ୍ରିୟ କରିବା ଲାଗି ଆଧାର ପ୍ରାଧିକରଣ ଅଭିଯାନ ଆରମ୍ଭକରିଛି। ଏଥିରେ ।।ପେଶ୍ଚିମବଙ୍ଗରେ ପାଖାପାଖି ୩୪ ଲକ୍ଷ ଆଧାର କାର୍ଡ ରହିଛି। ଏମାନଙ୍କର ମୃତ୍ୟୁ ହୋଇଯାଇଥିଲେ ମଧ୍ୟ ଅନ୍ୟମାନେ ଏହି କାର୍ଡ ଜରିଆରେ ବିଭିନ୍ନ ସରକାରୀ ଯୋଜନାର ଫାଇଦା ନେଉଛନ୍ତି। ତେଣୁ ଏଗୁଡ଼ିକୁ ନିଷ୍କ୍ରିୟ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଛି। ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଭୁବନେଶ କୁମାର କହିଛନ୍ତି ଯେ ଏହାଦ୍ୱାରା ବ୍ୟାଙ୍କ ଠକାମୀ, ନକଲି ଖାତା, ସରକାରଙ୍କ ବିଭିନ୍ନ ଯୋଜନାର ଲାଭକୁ ନେଇ ହେରଫେର ହେବାର ଆଶଙ୍କା ରହିଛି। ଅଧାର କାର୍ଡର ଆରମ୍ଭ ୨୦୧୦ରେ ହୋଇଥିଲା ଓ ୨୦୧୬ ପରେ ୮ କୋଟି ଆଧାର ଧାରକଙ୍କ ମୃତ୍ୟୁ ହୋଇଛି। ସିଭିଲ ରେଜିଷ୍ଟ୍ରେସନ ସିଷ୍ଟମରୁ କେବଳ ୨୫ଟି ରାଜ୍ୟର ପରିସଂଖ୍ୟାନ ମିଳିଛି। ବାକି ରାଜ୍ୟଗୁଡିକରୁ ତଥ୍ୟ ହାସଲ ପାଇଁ କାର୍ଯ୍ୟ ଜାରି ରହିଛି ବୋଲି ସେ କହିଛନ୍ତି। ୧୦୦ ବର୍ଷ ପାର କରିଥିବା ୮.୩ ଲକ୍ଷ ବିରଷ୍ଠ ନାଗରିକଙ୍କ ଆଧାର ଯାଞ୍ଚ ହୋଇଛି ବୋଲି କୁହାଯାଇଛି।

ତେବେ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାର ବିରୋଧ କରିଛନ୍ତି। ସେ କହିଛନ୍ତି ଯେ ଏବେ ରାଜ୍ୟରେ ଏସଆଇଆର ଚାଲିଥିବା ବେଳେ ଭୋଟର ତାଲିକାରୁ ଭୋଟରଙ୍କ ନାମ କାଟିବା ଲାଗି ଆଧାର ନାମରେ ଷଡ଼ଯନ୍ତ୍ର କରାଯାଉଛି। ଏଥିପାଇଁ ସେ ନିର୍ବାଚନ କମିସନଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି।

## ଲଦାଖରେ ଭାରତର ନ୍ୟୋମା ଏୟାରବେସ୍ କାର୍ଯ୍ୟକ୍ଷମ

ନୂଆଦିଲ୍ଲୀ, ୧୩।୧୧(ଏଜେନ୍ସି): ଚୀନ ସୀମା ନିକଟରେ ଓ ଲଦାଖସ୍ଥିତ ମୁଧ- ନ୍ୟୋମା ଏୟାରବେସ୍ ବୁଧବାର କାର୍ଯ୍ୟକ୍ଷମ ହୋଇଛି। ଭାରତୀୟ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂହ ଏହି ଏୟାର ବେସ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ସେ ନିଜେ ଗାଜିଆବାଦ୍‌ର ହିଣ୍ଡନ ଏୟାର ବେସ୍‌ରୁ ସି-୧୩୦ଜେ ସୁପର ହରକ୍ୟୁଲେସ୍ (ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ)ରେ ଉଡାଣ ଭରିବା ସହ ମୁଧ- ନ୍ୟୋମା ଏୟାରବେସ୍‌ରେ ଅବତରଣ କରିଥିଲେ। ତାଙ୍କ ସହ ୱେଷ୍ଟର୍ଣ୍ଣ ଏୟାର କମାଣ୍ଡ ମୁଖ୍ୟ ଏୟାର ମାର୍ଶାଲ ଜିତେନ୍ଦ୍ର ମିଶ୍ରା ମଧ୍ୟ ଥିଲେ। ଏହି ଏୟାରବେସ୍ ଚୀନ ସହିତ ଥିବା ଲାଇନ୍ ଅଫ୍ ଆକ୍‌ଚୁଆଲ କଣ୍ଟ୍ରୋଲ (ଏଲ୍‌ଏସି) ଠାରୁ ମାତ୍ର ୨୫ କିମି ଦୂରରେ ଅବସ୍ଥିତ। ଏହି ଏୟାରବେସ ସମୁଦ୍ରପତ୍ତନଠାରୁ ୧୩, ୭୧୦ ଫୁଟ ଉଚ୍ଚରେ ଅବସ୍ଥିତ। ଏହା ବିଶ୍ୱର ସବୁଠାରୁ ଉଚ୍ଚ ଏୟାରବେସ୍‌ଗୁଡିକ ମଧ୍ୟରୁ ଅନ୍ୟତମ। ଏହି ଅତ୍ୟାଧୁନିକ ଏୟାର ବେସ୍‌ରେ ୨.୭ କିମି ଦୈର୍ଘ୍ୟର ରନୱେ ରହିଛି। ଏଠାରୁ ଲଢୁଆ ବିମାନ, ଟ୍ରାନ୍ସପୋର୍ଟ ଏୟାରକ୍ରାଫ୍ଟ ଓ ହେଲିକପ୍ଟର ଉଡାଣ ଭରିପାରିବ। ପାଖାପାଖି ୨୧୮ କୋଟି ଟଙ୍କା ବିନିମୟରେ ଏହାର ନିର୍ମାଣ କରାଯାଇଛି। ଏଠାରୁ ସୈନିକ ଓ ଅସ୍ତ୍ରଶସ୍ତ୍ର ନେଇ ଅତିଶୀଘ୍ର ଗୋଟିଏରୁ ଅନ୍ୟ ସ୍ଥାନକୁ ନିଆଯାଇପାରିବ। ନିକଟରେ ମୁଧା ଗାଁ ଥିବାରୁ ଏହି ଏୟାରବେସ୍‌ର ନାମ ମୁଧା- ନ୍ୟୋମା ରଖାଯାଇଛି। ୨୦୨୩ରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ଏୟାରବେସ୍‌ର ଶିଳାନ୍ୟାସ କରିଥିଲେ। ଲଦାଖରେ ଏହା ହେଉଛି ଭରାତୀୟ ବାୟୁସେନାର ଚତୁର୍ଥ ଏୟାରବେସ୍। ଅନ୍ୟ ୩ଟି ଏୟାରବେସ୍ ଲେହ, କାରଗିଲ ଓ ଥୋଇସ୍‌ରେ ଅବସ୍ଥିତ। ୧୯୬୨ରେ ଚୀନ ବିପକ୍ଷ ଯୁଦ୍ଧ ପରେ ନ୍ୟୋମା ଏୟାରବେସ୍ ବନ୍ଦ କରିଦିଆଯାଇଥିଲା। ସେତେବେଳେ ଏଥିରେ ମାଟିର ରନୱେ ଥିଲା। ବର୍ଷା ହେଲେ ରନୱେରେ କାଦୁଅ ଭରିଯାଉଥିଲା। ଏବେ କିନ୍ତୁ ଏହା ଅତ୍ୟାଧୁନିକ ଶୈଳୀରେ ସବୁ ଋତୁ ପାଇଁ ନିର୍ମାଣ କରାଯାଇଛି।

## ମୁକୁଲ ରଏଙ୍କ ବିଧାୟକ ପଦ ରଦ୍ଦ କଲେ କୋଲକାତା ହାଇକୋର୍ଟ



କୋଲକାତା, ୧୩।୧୧ (ଏଜେନ୍ସି): କୋଲକାତା ହାଇକୋର୍ଟ ଗୁରୁବାର ଦଳବଦଳ ବିରୋଧୀ ଆଇନ୍ ଅନୁସାରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନେତା ମୁକୁଲ ରଏଙ୍କ ପଶ୍ଚିମବଙ୍ଗ ବିଧାନସଭା ସଦସ୍ୟତାକୁ ରଦ୍ଦ କରିଛନ୍ତି। ଜଷ୍ଟିସ ଦେବାଙ୍ଗସୁ ବସାକଙ୍କ ଖଣ୍ଡପୀଠ ବିରୋଧୀଦଳ ନେତା ଶୁଭେନ୍ଦୁ ଅଧିକାରୀ ଓ ବିଜେପି ବିଧାୟକ ଅମ୍ବିକା ରଏଙ୍କ ଆବେଦନର ଶୁଣାଣି କରି ଏହି ରାୟ ପ୍ରଦାନ କରିଛନ୍ତି। ଦଳବଦଳ ବିରୋଧୀ ଆଇନ୍ ନେଇ ଶୁଭେନ୍ଦୁ ମୁକୁଲଙ୍କ ସଦସ୍ୟତା ରଦ୍ଦ କରିବାକୁ ଆବେଦନ କରିଥିଲେ। ତେବେ ବିଧାନସଭା ବାଚସ୍ପତି ବିମାନ ବାନାର୍ଜୀ ଏହାକୁ ଖାରଜ କରିଥିଲେ। ଫଳରେ ଶୁଭେନ୍ଦୁ ହାଇକୋର୍ଟରେ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ। ମୁକୁଲ ବିଜେପି ଟିକଟ୍‌ରେ ବିଜୟୀ ହୋଇଥିଲେ ମଧ୍ୟ ଟିଏମ୍‌ସିରେ ଯୋଗ ଦେଇଥିଲେ। ମୁକୁଲ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପସ୍ଥିତିରେ ପାଖାପାଖି ୪ ବର୍ଷ ପରେ ଟିଏମ୍‌ସିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହାପୂର୍ବରୁ ସେ ୨୦୧୭ରେ ଟିଏମ୍‌ସି ଛାଡି ବିଜେପିରେ ଯୋଗ ଦେଇଥିଲେ। ଶୁଭେନ୍ଦୁ ୨୦୨୧ ଜୁନ୍ ୧୮ରେ ମୁକୁଲଙ୍କ ବିଧାନସଭା ସଦସ୍ୟତା ରଦ୍ଦ କରିବାକୁ ବାଚସ୍ପତି ବିମାନଙ୍କୁ ଆବେଦନ କରିଥିଲେ।

## ଆମେରିକା ଇତିହାସର ସବୁଠାରୁ ଲମ୍ବା ସଟ୍‌ଡାଉନ୍ ଶେଷ

ୱାଶିଂଟନ, ୧୩।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଏକ ସରକାରୀ ଫଣ୍ଡିଂ ବିଲ୍‌ରେ ସ୍ୱାକ୍ଷର କରିଛନ୍ତି। ଏଥିସହ ୪୩ ଦିନ ଜାରି ରହିଥିବା ଆମେରିକା ଇତିହାସର ସବୁଠାରୁ ଲମ୍ବା ସଟ୍‌ଡାଉନ୍ ଶେଷ ହୋଇଛି। ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ (ନିମ୍ନ ସଦନ)ରେ ଏହି ବିଲ୍ ୨୨୨-୨୦୯ ଅନ୍ତରରେ ପାସ୍ ହୋଇଛି। ତେବେ ଏଥିରେ ହେଲଥ କେୟାର ପ୍ରୋଗ୍ରାମ୍ ଏସିଏ ସବସିଡ (ଓବାମା କେୟାର ସବସିଡ୍)ର ପ୍ରିମିୟର ଟ୍ୟାକ୍ସ କ୍ରେଡିଟ୍ସକୁ ବୃଦ୍ଧି କରାଯିବା ନେଇ କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। ଏହି ଓବାମା କେୟାର ସବସିଡ୍ସ ୨୦୨୫ ଡିସେମ୍ବର ୩୧ରେ ଶେଷ ହେବାକୁ ଯାଉଛି। ଏହି ବିଧେୟକ ପୂର୍ବରୁ ସିନେଟ୍ ଅର୍ଥାତ ଉପର ଗୃହରେ ଗୃହିତ ହୋଇସାରିଛି। ଉଲ୍ଲେଖଥାଉ କି, ଏହାପୂର୍ବରୁ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୮ରେ ଦ୍ୱିତୀୟ ସର୍ବବୃହତ୍ ୩୫ ଦିନର ସଟ୍‌ଡାଉନ୍ ଲାଗୁ କରାଯାଇଥିଲା।

ବିଲ୍‌ରେ ସ୍ୱାକ୍ଷର କରିବା ପୂର୍ବରୁ ଟ୍ରମ୍ପ କହିଛନ୍ତି ଯେ, ଦେଶ ଏହାପୂର୍ବରୁ କେବେ ଏତେ ଭଲ ସ୍ଥିତିରେ ନଥିଲା। ଆମେରିକା ଏକ ମହାନ ଦେଶ। ଏହି ବିଲ୍ ସରକାରଙ୍କୁ ଜାନୁଆରୀ ୩୧ ସୁଦ୍ଧା ଫଣ୍ଡିଂ ଅର୍ଥାତ ପାଣ୍ଠି ଉପଲବ୍ଧ କରାଇବ। ଏହି ବିଧେୟକ ଅନୁସାରେ ବିଭିନ୍ନ ଏଜେନ୍ସିଗୁଡିକ ଜାନୁଆରୀ ୩୧ ପର୍ଯ୍ୟନ୍ତ କର୍ମଚାରୀଙ୍କୁ ଛଟେଇ କରିବାରୁ ରୋକିବ। ଅନ୍ୟପଟେ ଡେମୋକ୍ରାଟ ପାର୍ଟିର କିଛି ନେତା ଏସିଏ ସବସିଡ୍‌ର ଟ୍ୟାକ୍ସ କ୍ରେଡିଟ୍ସକୁ ବୃଦ୍ଧି କରିବା ନେଇ ଲଢ଼େଇ ଜାରି ରହିବ ବୋଲି ଘୋଷଣା କରିଛନ୍ତି। ଏହି ଲଢ଼େଇ ଏବେ ଶେଷ ହୋଇନାହିଁ ଓ ଏହାକୁ ଆମେ ଜାରି ରଖିବୁ ବୋଲି ସେମାନେ କହିଛନ୍ତି। ଏହି ଭୋଟିଂ ନ୍ୟୁଜର୍ସି ଓ ଆରିଜୋନାରେ ହାଇପ୍ରୋଫାଇଲ ନିର୍ବାଚନରେ ବିଜୟ ହାସଲ କରିବାର ୮ ଦିନପରେ ଅନୁଷ୍ଠିତ ହୋଇଛି। ଏହା ଦ୍ୱାରା ସ୍ୱାସ୍ଥ୍ୟବିମା ସବ୍‌ସିଡ୍‌ର ବିସ୍ତାର ନେଇ ସମ୍ଭାବନା ଦୃଢ଼ ହୋଇଛି। ତେବେ ଏହି ବୁଝାମଣା ଅନୁସାରେ ଡିସେମ୍ବରରେ ଏହି ସବ୍‌ସିଡ୍ ନେଇ ସିନେଟ୍‌ରେ ମତଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଛି। କିନ୍ତୁ ଗୃହରେ ଏପରି କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। କିନ୍ତୁ ଗୃହ ଟ୍ରମ୍ପଙ୍କ ରବର ଷ୍ଟାମ୍ପ ନ ହେଉ ଓ ଟ୍ରମ୍ପଙ୍କ ଜିଦ୍ କାରଣରୁ ଛୋଟ ପିଲା ଖାଦ୍ୟ ଓ ଚିକିତ୍ସାରୁ ବଞ୍ଚିତ ନ ହୁଅନ୍ତୁ ବୋଲି ଡେମୋକ୍ରାଟ ସାଂସଦ ମିକି ସେରିଲ କହିଛନ୍ତି। ଏହି ତଥାକଥିତ ସ୍ୱାସ୍ଥ୍ୟବିମା କମ୍ପାନୀଗୁଡିକୁ ଲାଭ ପହଞ୍ଚାଉଛି ଓ ଆମେରିକା ଲୋକଙ୍କ ପାଇଁ କ୍ଷତିକାରକ ବୋଲି ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥରେ ପୋଷ୍ଟ କରି କହିଥିଲେ। ସବ୍‌ସିଡ୍ ବଦଳରେ ଲୋକଙ୍କୁ ସିଧା ପଇସା ଦେଇ ସେମାନଙ୍କୁ ନିଜ ପସନ୍ଦର ବୀମା କ୍ରୟ କରିବାକୁ ସୁବିଧା ଦିଆଯିବା ଉଚିତ ବୋଲି ଟ୍ରମ୍ପ କହିଥିଲେ। ଦୁଇଟି ପାର୍ଟିର ନେତାଙ୍କ ସହ ସାକ୍ଷାତ କରି ଏହାର ସମାଧାନ କରିବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଥିଲେ।

**■ ହେଲ୍‌ଥ କେୟାର ପ୍ରୋଗାମ ନେଇ ସହମତି ହୋଇନି**

**■ ଲଢ଼େଇ ଏବେବି ଜାରି ରହିଛି: ବିପକ୍ଷ**

## +୨ ଇଣ୍ଟରନାଲ୍ ପରୀକ୍ଷା ପାଇଁ ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର,୧୩।୧୧(ସମିସ): ଡିସେମ୍ବର ୨୨ତାରିଖରୁ ଯୁକ୍ତ ଦୁଇ ଇଣ୍ଟରନାଲ୍ ପରୀକ୍ଷା ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପ୍ରସ୍ତୁତି ଆରମ୍ଭ କରିଛି। ଇଣ୍ଟରନାଲ୍ ବା ପ୍ରୋଜେକ୍ଟ ପରୀକ୍ଷାକୁ ସୁଚାରୁଭାବେ କରିବା ପାଇଁ ମାର୍ଗଦର୍ଶିକା ଜାରି କରାଯାଇଛି। କେବଳ ରେଗୁଲାର୍ ପରୀକ୍ଷାର୍ଥୀମାନେ ଇଣ୍ଟରନାଲ୍ ବା ପ୍ରୋଜେକ୍ଟ ପରୀକ୍ଷା ଦେବେ। ମୋଟ୍ ୨୦ରୁ ୬ ଏବଂ ୧୦ରୁ ୩ ମାର୍କ ରଖିଲେ କୃତକାର୍ଯ୍ୟ ହେବ। ଯେଉଁ ଛାତ୍ରଛାତ୍ରୀମାନେ ପ୍ରଥମ ସ୍ଲଟ୍ ବା ଡିସେମ୍ବର ୨୨ରୁ ୩୧ ମଧ୍ୟରେ ପରୀକ୍ଷା ଦେଇ ନ ପାରିବେ, ସେମାନଙ୍କୁ ଆଉ ଗୋଟିଏ ସୁଯୋଗ ପ୍ରଦାନ କରାଯିବ। ଜାନୁଆରୀ ୨ରୁ ୧୫ ତାରିଖ ମଧ୍ୟରେ ସେମାନେ ପରୀକ୍ଷା ଦେଇପାରିବେ। ଏକ୍ସ-ରେଗୁଲାର୍ ପିଲାଙ୍କୁ ଏହି ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ପରୀକ୍ଷାରେ ଅନୁପସ୍ଥିତ ରହୁଥିବା ଛାତ୍ରଛାତ୍ରୀଙ୍କୁ ଫେଲ୍ ଭାବେ ଘୋଷଣା କରାଯିବ। ପରୀକ୍ଷାର ପ୍ରଶ୍ନପତ୍ର ପାଟର୍ଣ୍ଣ ମଧ୍ୟ ସିଏଚ୍ଏସ୍ଇ ପକ୍ଷରୁ ଜାରି କରାଯାଇଛି। ମୋଟ୍ ୨୦ ନମ୍ବର ଇଣ୍ଟରନାଲ୍ ପରୀକ୍ଷା ଥିବା ବିଷୟରେ ୫ଟି ଏକ ମାର୍କିଆ ପ୍ରଶ୍ନପତ୍ର ଆସିବ। ସେହିପରି ତିନୋଟି ଲେଖାଏଁ ୨ମାର୍କିଆ ଓ ୩ ମାର୍କିଆ ପ୍ରଶ୍ନ ଆସିବ। ଅନୁରୂପ ଭାବେ ମୋଟ୍ ୧୦ ନମ୍ବର ଥିବା ବିଷୟରେ ୫ଟି ଏକ ମାର୍କିଆ, ଗୋଟିଏ ଲେଖାଏଁ ୨ ଓ ୩ ମାର୍କ ବିଶିଷ୍ଟ ପ୍ରଶ୍ନପତ୍ର ଆସିବ। ସୂଚନାଯୋଗ୍ୟ, ଫେବୃଆରୀ ତୃତୀୟ ସପ୍ତାହରୁ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ଫେବୃଆରୀ ୧୪ ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ଚଳିତ ବର୍ଷ ନୂତନ ଭାବେ ୮୯ କେନ୍ଦ୍ରରେ ପରୀକ୍ଷା ହେବ। ସମୁଦାୟ ୧୩୪୯ ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବେ ବୋଲି ସିଏଚ୍ଏସ୍ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

**୨୦ରୁ ୬ ଏବଂ ୧୦ରୁ ୩ ମାର୍କ ରଖିଲେ ପାସ**

**ନୀଳଗିରିରେ ଏକତା ପଦଯାତ୍ରାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

## ସମୃଦ୍ଧ ଓଡ଼ିଶା ନିର୍ମାଣର ନେତୃତ୍ୱ ନେବେ ଯୁବଗୋଷ୍ଠୀ

ନୀଳଗିରି, ୧୩।୧୧ (ସମିସ): ସମଗ୍ର ଭାରତବର୍ଷକୁ ଏକତାର ସୂତ୍ରରେ ବାନ୍ଧି ଏକ ବିକଶିତ ଭାରତ ଗଠନ କରିବାର ମୁଖ୍ୟବିଧାୟୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମଜୟନ୍ତୀ ଅବସରରେ ଏକତା ବର୍ଷ ପାଳନ ହେଉଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ବାଲେଶ୍ୱର ଜିଲ୍ଲା ନୀଳଗିରିଠାରେ ଏକତା ପଦଯାତ୍ରାର ଶୁଭାରମ୍ଭ କରିଛନ୍ତି। ନୀଳଗିରିଠାରୁ ମିତ୍ରପୁର ପର୍ଯ୍ୟନ୍ତ ଦୀର୍ଘ ୧୦ କିମି ରାସ୍ତାରେ ଆୟୋଜିତ ପଦଯାତ୍ରା(ରନ୍ ଫର୍ ୟୁନିଟ)ରେ ସହସ୍ରାଧିକ ଛାତ୍ରଛାତ୍ରୀ, ଯୁବକଯୁବତୀ, ସାଧାରଣଜନତା, ସରକାରୀ ଅଧିକାରୀ ସାମିଲ ହୋଇଥିଲେ।

ପଦଯାତ୍ରା ପୂର୍ବରୁ ମୁଖ୍ୟମନ୍ତ୍ରୀ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଥିଲେ। ପରେ ନୀଳଗିରି ପୁଲିସ ପଡିଆ ଯାଇ ସଭାରେ ସାମିଲ ହୋଇଥିଲେ। ପ୍ରଥମେ ସ୍ୱାଧୀନତା ସଂଗ୍ରାମରେ ବାଲେଶ୍ୱର ମାଟିର ସୁପୁତ୍ରମାନଙ୍କର ଫଟୋଚିତ୍ର ଏବଂ ସର୍ଦ୍ଦାର ପଟେଲଙ୍କ ଜୀବନୀ ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ। ଏହି ଅବସରରେ ଆୟୋଜିତ ସାଧାରଣ ସଭାକୁ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରି କହିଥିଲେ ଯେ ବିଭାଜିତ ସ୍ୱାଧୀନ ଭାରତରେ ଦେଶୀୟ ରାଜ୍ୟଗୁଡ଼ିକୁ ମିଶ୍ରଣ କରି ଏକତାର ସୂତ୍ରରେ ବାନ୍ଧିବା ପାଇଁ ସର୍ଦ୍ଦାର ପଟେଲଙ୍କ ଉଦ୍ୟମରେ ୫୬୪ଟି ଦେଶୀୟ ରାଜ୍ୟ ସ୍ୱାଧୀନ ଭାରତରେ ମିଶ୍ରଣ ହୋଇପାରିଥିଲା। ସର୍ଦ୍ଦାର ପଟେଲଙ୍କ ନିର୍ଦ୍ଦେଶରେ ଡ. ହରେକୃଷ୍ଣ ମହତାବ ନୀଳଗିରି ଗଡଜାତକୁ ପ୍ରଥମେ ସ୍ୱାଧୀନ ଭାରତରେ ମିଶ୍ରଣ କରିବାକୁ ପ୍ରବର୍ତ୍ତାଇ ଦସ୍ତଖତ କରିପାରିଥିଲେ। ପରେପରେ ଅନ୍ୟ ଦେଶୀୟ ରାଜ୍ୟ ଗୁଡିକ ଭାରତରେ ସାମିଲ ହୋଇଥିଲା। ତେଣୁ ଏଭଳି ଐତିହାସିକ ମାଟିରୁ ପ୍ରଥମେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଜୟନ୍ତୀ ଅବସରରେ ଯୁବବର୍ଗ ଏକତାର ସୂତ୍ରରେ ବାନ୍ଧିହୋଇ ସମୃଦ୍ଧ ଓଡ଼ିଶା ଗଠନରେ ଭାଗୀଦାର ହେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଆହ୍ୱାନ ଦେଇଥିଲେ। ପଦଯାତ୍ରା ଅବସରରେ ରାଜ୍ୟ ଉଚ୍ଚଶିକ୍ଷା, ସଂସ୍କୃତି ଓ ଯୁବ ବ୍ୟାପାର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗଦେଇ ଯୁବସମାଜ ଦେଶ ଗଠନରେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଜ୍ୟ ମହିଳାକମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ରନ୍ ଫର୍ ୟୁନିଟ ସଂଯୋଜକ ଗୋଳକ ମହାପାତ୍ର, ଈଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଧନ୍ୟବାଦ ଦେଇଥିଲେ।




## ଭିଜିଲାନ୍ସ ଜାଲରେ ଆର୍ଡବ୍ଲ୍ୟୁଏସ୍ଏସ୍ର ବରିଷ୍ଠ କିରାଣି

### ପେନସନ କାଗଜ କରାଇବାକୁ ନେଉଥିଲେ ୨୦ ହଜାର ଟଙ୍କା ଲାଞ୍ଚ

ଭବାନୀପାଟଣା,୧୩।୧୧(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଆର୍ଡବ୍ଲ୍ୟୁଏସ୍ଏସ୍ ଡିଭିଜନର ବରିଷ୍ଠ କିରାଣୀ ଟି. ଭେଙ୍କଟ ଗିରି ରାଓ ୨୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। କିରାଣୀ ଶ୍ରୀ ରାଓ ତାଙ୍କ ସରକାରୀ କ୍ୱାଟର୍ସରେ ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନ୍ସନ୍ ଟଙ୍କା ଯଥା ଶୀଘ୍ର କରିବାକୁ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲ୍ଲାନ୍ସ ହାତରେ ଧାରା ପଡିଛନ୍ତି। ସେହି କାର୍ଯ୍ୟାଳୟର ଜଣେ ଅବସରପ୍ରାପ୍ତ କର୍ମଚାରୀ ଗତ ମାର୍ଚ୍ଚ ୨୦୨୪ ରେ ଅବସର ନେଇଥିଲେ। ଦୀର୍ଘ ଦେଢ଼ ବର୍ଷ ବିତିଯିବା ପରେ ମଧ୍ୟ ପେନସନ ଫାଇଲକୁ କିରାଣୀ ଶ୍ରୀ ରାଓ ଟଙ୍କା ଆଶାରେ ରଖି ଅଭିଯୋଗକାରୀଙ୍କୁ ନିରାଶ କରୁଥିଲେ। ପ୍ରକାଶ ଯେ, ଗତ ୩୧.୦୩.୨୦୨୪ରେ ଅଭିଯୋଗକାରୀ ଅବସର ଗ୍ରହଣ କରିଥିଲେ। ସେବେ ଠାରୁ ସେ କିରାଣୀ ରାଓଙ୍କୁ ତାଙ୍କର ପେନ୍ସନ୍ କାଗଜପତ୍ର ପ୍ରସ୍ତୁତ କରିବାକୁ ଅନୁରୋଧ କରି ଆସୁଥିଲେ। ଅଭିଯୋଗକାରୀଙ୍କ ବାରମ୍ବାର ଅନୁରୋଧ ପରେ ମଧ୍ୟ ଅଭିଯୁକ୍ତ ଫାଇଲ ପ୍ରକ୍ରିୟାକରଣ କରୁ ନ ଥିଲେ ବରଂ ତାଙ୍କୁ ୨୦ ହଜାର ଟଙ୍କା ଲାଞ୍ଚ ଦେବାକୁ ବାରମ୍ବାର ବାଧ୍ୟ କରୁଥିଲେ। ଅଭିଯୋଗକାରୀ ରାଓ ତାଙ୍କୁ ହଇରାଣ କରୁଥିବା ନେଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ ଭିଜିଲାନ୍ସର ଏକ ଟିମ୍ ଗୁରୁବାର ପୂର୍ବ ଯୋଜନା ଅନୁଯାୟୀ ସେଠାରେ ପହଞ୍ଚିଥିଲେ। ହେଲେ ଭିଜିଲାନ୍ସ ଟିମ୍କୁ ଦେଖି ଅଭିଯୁକ୍ତ ରାଓ ତାଙ୍କ କ୍ୱାର୍ଟର୍ସର ଝରକା ପଟେ ଲାଞ୍ଚ ଟଙ୍କାକୁ ଫିଙ୍ଗିବା ଉଦ୍ୟମ କରୁଥିବା ବେଳେ ଭିଜିଲାନ୍ସ ଟିମ୍ କାବୁ କରିନେଲା। ଅନ୍ୟପକ୍ଷରେ ଅଭିଯୁକ୍ତ କିରାଣୀ ଭିଜିଲାନ୍ସ ଦ୍ୱାରା ଧରା ପଡିବା ପରେ ତାଙ୍କ ଅଫିସ ସମେତ ସରକାରୀ ଘର, ବଲାଙ୍ଗିରରେ ସ୍ତ୍ରୀ ରହୁଥିବା ଭଡାଘର ଏବଂ ରାଓଙ୍କ ବ୍ରହ୍ମପୁରରେ ଥିବା ନିଜ ବାସଭବନରେ ଭିଜିଲାନ୍ସ ବିଭାଗ ଏକକାଳୀନ ଚଢ଼ାଉ କରି ତଦନ୍ତ ଜାରି ରଖିଛି। ଗତ ଅଗଷ୍ଟ ୨୦୧୭ ମସିହାରୁ କଳାହାଣ୍ଡିରେ ଅଭିଯୁକ୍ତ କିରାଣୀ କାର୍ଯ୍ୟ କରି ଆସୁଛନ୍ତି। ତେବେ ଚଢ଼ଉରେ କେଉଁଠୁ କେତେ ସମ୍ପତି ମିଳିଛି ଜଣାପଡି ନାହିଁ। ଏ ନେଇ ଭିଜିଲାନ୍ସ ବିଭାଗ ୩୪/୨୦୨୫ରେ ମାମଲା ରୁଜୁ କରି ସନ୍ଧ୍ୟାରେ ଅଭିଯୁକ୍ତ ରାଓଙ୍କୁ କୋର୍ଟ ଚାଲାଣ କରାଯାଇଛି।



## ପୂର୍ବତନ ପାକ୍ସ ସମ୍ପାଦକ ଗିରଫ

ବଲାଙ୍ଗିର,୧୩।୧୧(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ପଣ୍ଡାମୁଣ୍ଡା ପ୍ରାଥମିକ ସମବାୟ ସମିତି (ପାକ୍ସ)ର ପୂର୍ବତନ ପାକ୍ସ ସମ୍ପାଦକ କୁଶଧ୍ୱଜ ସାହୁ ଗିରଫ ହୋଇଛନ୍ତି। ସରକାରୀ ଅର୍ଥ ହେରଫେର ଅଭିଯୋଗରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷରେ ସେ ଏହି ଟଙ୍କା ହେରଫେର କରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ କରି ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ଶ୍ରୀ ଏହି ସମୟରେ ପ୍ରାୟ ୮ ଲକ୍ଷ ଟଙ୍କା ୩୪ ହଜାର ଟଙ୍କା ହେରଫେର କରିଥିବା ଭିଜିଲାନ୍ସ ତଦନ୍ତ ପରେ ଜାଣିବାକୁ ପାଇଛି। ତାଙ୍କ ବିରୋଧରେ ଭିଜିଲାନ୍ସ ପାଖରେ ଅଭିଯୋଗ ପରେ ତଦନ୍ତ ଆରମ୍ଭ ହୋଇଥିଲା। ଏଥିରୁ ରୋଚକ ତଥ୍ୟ ସାମ୍ନାକୁ ଆସିଥିଲା। ୨୦୧୭-୧୮ର କ୍ଲୋଜିଂ ବାଲାନ୍ସ ଓ ୨୦୧୮-୧୯ ଓପନିଂ ବାଲାନ୍ସରେ ଫରକ ଦେଖାଦେଇଥିଲା। ଏନେଇ ଶ୍ରୀ ସାହୁ ସ୍ୱଷ୍ଟ ଉତ୍ତର ରଖିପାରି ନ ଥିଲେ; ଯାହା ତାଙ୍କ ଦ୍ୱାରା କରାଯାଇଥିବା ହେରଫେର ସ୍ପଷ୍ଟ ସୂଚାଇଥିଲା। ଶେଷରେ ଭିଜିଲାନ୍ସ ମାମଲା ରୁଜୁ କରି ତାଙ୍କୁ ଗିରଫ କରିଛି।



**୮ ଲକ୍ଷ ୩୪ ହଜାର ଟଙ୍କା ହେରଫେର ଅଭିଯୋଗ**

## କୂଅରୁ ଉଦ୍ଧାରବେଳେ ହାତୀ ଆକ୍ରମଣରେ ବନପାଳ ଗୁରୁତର





କଣ୍ଟାବାଞ୍ଜି/ମୁରିବାହାଲ, ୧୩।୧୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଗୁଡିଘାଟ ସେକ୍ସନ ବିଜାମାଳରେ ଏକ କୂଅରେ ପଡି ଯାଇଥିବା ଗୋଟିଏ ଦନ୍ତାହାତୀକୁ ଉଦ୍ଧାରବେଳେ ଅଘଟଣ ଘଟିଛି। ହାତୀଟି ରାତିରେ କୂଅରେ ପଡିଥିବାବେଳେ ସକାଳେ ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ମୁରିବାହାଲ ବନ ବିଭାଗ ଅଧିକାରୀ ଓ କର୍ମଚାରୀ ପହଞ୍ଚି ଥିଲେ। ଉଦ୍ଧାର ପାଇଁ ଜେସିବି ସାହାଯ୍ୟରେ କୂଅକୁ ବାଟ ଫିଟା ଯାଇଥିଲା। ତେବେ ହାତୀଟି କୂଅରୁ ବାହାରିବା ମାତ୍ରେ ଲୋକଙ୍କ ଆଡକୁ ଗୋଡାଇ ଆସିଥିଲା। ଟିକାପଡା କେନ୍ଦୁପତ୍ର ସେକ୍ସନର ବନପାଳ ପ୍ରଦୀପ ନାଥ ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତୁରନ୍ତ ବନ କର୍ମଚାରୀ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ ମୁରିବାହାଲ ରେଞ୍ଜର କହିଛନ୍ତି ଯେ, ବନପାଳ ପ୍ରଦୀପ ନାଥଙ୍କୁ ସେମାନେ ଡାକି ନ ଥିଲେ। ସେ ହାତୀ ଦେଖିବାକୁ ଆସି ଦୁର୍ଘଟଣାର ଶିକାର ହୋଇଛନ୍ତି।

### ପୀତବାସ ପଣ୍ଡା ହତ୍ୟା ମାମଲା

## ଜେଲ୍ରେ ହେବ କୁରୁପତି, ଚିଣ୍ଟୁ ଓ ଯୋଗୀଙ୍କ ଟିଆଇ ପରେଡ୍

ବ୍ରହ୍ମପୁର,୧୩।୧୧(ସମିସ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ କୁରୁପତି ଭୂୟାଁ, ଚିଣ୍ଟୁ ପ୍ରଧାନ ଓ ଯୋଗେନ୍ଦ୍ର ରାଉତ ଓରଫ ଯୋଗୀଙ୍କ ବ୍ରହ୍ମପୁର ଜେଲ୍ରେ ହେବ ଟିଆଇ ପରେଡ। ଏଥିପାଇଁ ତଦନ୍ତକାରୀ ଅଧିକାରୀ ଏସ୍ଡିପିଓ ପ୍ରୟସ ରଂଜନ ଛୋଟରାୟ ସ୍ଥାନୀୟ ଏସ୍ଡିଜେଏମଙ୍କ କୋର୍ଟରେ ଆବେଦନ କରିଛନ୍ତି। ଆକାଶ ବିଷୋୟୀ ଓ ଏନ୍. କିରଣ କୁମାରଙ୍କ ସମେତ ୩ରୁ ଉର୍ଦ୍ଧ୍ୱ ସାକ୍ଷୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଟିଆଇ ପରେଡରେ ସାମିଲ ହେବେ ବୋଲି ସୂଚନା ମିଳିଛି।

ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଚିଣ୍ଟୁ ପ୍ରଧାନ ଘଟଣା ରାତିରେ ବାଇକ ଚଳାଉଥିବା ବେଳେ କୁରୁପତି ଭୂୟାଁ ପୀତବାସଙ୍କୁ ଗୁଳି ଚଳାଇଥିବା ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସ୍ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଥିଲେ। ଏପରିକି ଉଭୟ ଅଭିଯୁକ୍ତ ଚିଣ୍ଟୁ ଓ କୁରୁପତିଙ୍କ ମୁହଁରେ କଳାକନା ବା ମୁଖା ପିନ୍ଧାଇ ଘଟଣା ସ୍ଥଳରେ ସିନ୍ ରିକ୍ରିଏସନ କରାଯାଇଥିଲା। କିନ୍ତୁ କୋର୍ଟ ଚାଲାଣ ବେଳେ ଉଭୟଙ୍କ ସମେତ ଅନ୍ୟ ସମସ୍ତ ଅଭିଯୁକ୍ତଙ୍କ ମୁହଁ ଖୋଲା ରହିଥିଲା। ଫଳରେ ଅଭିଯୁକ୍ତଙ୍କୁ ସମସ୍ତେ ଦେଖିବାର ସୁଯୋଗ ପାଇଥିଲେ। ବର୍ତ୍ତମାନ କେଉଁ ପରିସ୍ଥିତିରେ ଟିଆଇ ପରେଡ କରାଯାଇ କି ତଥ୍ୟ ହାସଲ କରିବାକୁ ତଦନ୍ତକାରୀ ଅଧିକାରୀ କୋର୍ଟରେ ଆବେଦନ କରିଛନ୍ତି ତାକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ଘଟଣା ସ୍ଥଳରେ ଯୋଗୀର ଭୂମିକା କଣ ରହିଥିଲା ତାହା ସ୍ପଷ୍ଟ ଜଣାପଡ଼ିନଥିଲେ ହେଁ ଅଭିଯୁକ୍ତ ଯୋଗୀର ମଧ୍ୟ ପୁଲିସ ଟିଆଇ ପରେଡ଼ କରିବ। ମାମଲାରେ ପୁଲିସ ସାକ୍ଷ୍ୟ ଭାବେ ନେଇଥିବା ବ୍ୟକ୍ତିବିଶେଷ କେଉଁଠାରେ ରହି ଦେଖିଥିଲେ ଏବଂ ଅଭିଯୁକ୍ତଙ୍କୁ କିଭଳି ଚିହ୍ନଟ କରିବେ ତାହା ମଧ୍ୟ ଆଉ ଏକ ବଡ଼ ପ୍ରଶ୍ନ।

ଅନ୍ୟପକ୍ଷରେ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ରିମାଣ୍ଡ ରିକଲ ଆବେଦନ କରି ସର୍ତ୍ତମୂଳକ ଭାବେ ଖଲାସ କରିବା ନେଇ ହୋଇଥିବା ଆବେଦନ ଉପରେ ରାୟ ପ୍ରକାଶ ପୂର୍ବରୁ ସରକାରୀ ଓକିଲ ଦିନଟିଏ ସମୟ ମାଗିଥିଲେ। ଆବେଦନର ରାୟ ଶୁକ୍ରବାର ପ୍ରକାଶ ପାଇବ ବୋଲି ବିକ୍ରମଙ୍କ ଓକିଲ କୁମାରକାନ୍ତ ବେହେରା ଓ ଦୀପକ ପଟ୍ଟନାୟକ କହିଛନ୍ତି।

**ଆଜି ନୂଆପଡ଼ା ଭୋଟଗଣତି**

## ୪୧ ବୁଥ୍ରେ ୯୧ ପ୍ରତିଶତ ମତଦାନକୁ ନେଇ ବିଜେଡିର ପ୍ରଶ୍ନ

ଭୁବନେଶ୍ୱର, ୧୩।୧୧ (ସମିସ): ବହୁ ଚର୍ଚ୍ଚିତ ନୂଆପଡ଼ା ଉପନିର୍ବାଚନର ଫଳାଫଳ ଆସନ୍ତାକାଲି ପ୍ରକାଶ ପାଇବ। ତେବେ ଭୋଟ ଗଣତି ପୂର୍ବରୁ ନୂଆପଡ଼ା ଉପନିର୍ବାଚନରେ ନିର୍ଦ୍ଦିଷ୍ଟ କେତେକ ବୁଥ୍ରେ ମତଦାନ ହାରକୁ ନେଇ ବିଜୁ ଜନତା ଦଳ ପ୍ରଶ୍ନ ଉଠାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ ପୂର୍ବର ସବୁ ଉପନିର୍ବାଚନ ଓ ୧୧ ତାରିଖରେ ଦେଶର ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ଉପନିର୍ବାଚନର ରେକର୍ଡ ଭାଙ୍ଗିଛି ନୂଆପଡ଼ା। ଏଠାରେ ମତଦାନ ହାର ୮୩% ଅତିକ୍ରମ କରିଛି। ଅନେକ ସ୍ଥାନରେ ସନ୍ଧ୍ୟା ୫ଟା ପରେ ମତଦାନ ହାର ଦିନ ତୁଳନାରେ ଯଥେଷ୍ଟ ଅଧିକ ଥିବାବେଳେ କେତେକ ନିର୍ଦ୍ଦିଷ୍ଟ ବୁଥ୍ରେ ୯୦ ପ୍ରତିଶତରୁ ୯୫ ପ୍ରତିଶତ ପର୍ଯ୍ୟନ୍ତ ଭୋଟିଂ ହୋଇଛି।

ଏପରି କିଛି ବୁଥ୍ ସପର୍କରେ ସୂଚନା ଦେଇ ଦଳ କହିଛି ଯେ ବୁଥ୍ ନମ୍ବର ୧୨ (ଗୁଡ଼ାପଟରା ପ୍ରାଥମିକ ବିଦ୍ୟାଳୟ)ରେ ମୋଟ ୪୯୭ ଭୋଟରଙ୍କ ମଧ୍ୟରୁ ୪୪୮ ଜଣ, ବୁଥ୍ ନମ୍ବର ୧୪ (ବାରକୋଠୀ ପ୍ରାଥମିକ ବିଦ୍ୟାଳୟ)ରେ ୪୧୨ ଭୋଟରଙ୍କ ମଧ୍ୟରୁ ୩୭୪ ଜଣ ଏବଂ ବୁଥ୍ ନମ୍ବର ୧୬ (ଝିଟିକି ୟୁପି ସ୍କୁଲ )ରେ ୭୫୬ ଭୋଟରଙ୍କ ମଧ୍ୟରୁ ୭୧୦ ଜଣ ମତଦାନ କରିଛନ୍ତି। ଭୋଟଦାନର ଏପରି ଅସ୍ୱାଭାବିକ ହାର ପଛରେ କେଉଁଠି ନା କେଉଁଠି କିଛି ବିଭ୍ରାଟ ହୋଇଥିବା ଦଳ ସନ୍ଦେହ କରିଛି।

ଗୁରୁବାର ଶଙ୍ଖ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବରିଷ୍ଠ ସାଧାରଣ ସମ୍ପାଦକ ଡ ଲେଖାଶ୍ରୀ ସାମନ୍ତସିଂହାର, ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ନୂଆପଡ଼ା ମତଦାନ ପ୍ରସଙ୍ଗରେ ସରକାର ଓ ନିର୍ବାଚନ ଅଧିକାରୀଙ୍କୁ କଠୋର ସମାଲୋଚନା କରିଛନ୍ତି। ଶାସକ ଦଳ ସରକାରୀ କଳକୁ ସମ୍ପୂର୍ଣ୍ଣ ବ୍ୟବହାର କରିଥିବା ଏବଂ ନିର୍ବାଚନ ଅଧିକାରୀଙ୍କ ମୁକ୍ତ ଓ ଅବାଧ ନିର୍ବାଚନ ଦାବି ଏକ ପ୍ରହସନରେ ପରିଣତ ହୋଇଛି ବୋଲି ବିଜେଡି ନେତାମାନେ କହିଛନ୍ତି। ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ନିର୍ବାଚନ ସମୟରେ ସନ୍ଧ୍ୟା ୫ଟା ସୁଦ୍ଧା ୭୫ ପ୍ରତିଶତ ଭୋଟିଂ ହୋଇଛି ବୋଲି ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା; କିନ୍ତୁ ପରବର୍ତ୍ତୀ ସମୟରେ ଏହା ୮୩.୫ ପ୍ରତିଶତକୁ ବୃଦ୍ଧି ପାଇଥିବା କୁହାଗଲା। ଭୋଟିଂ ସମୟ ଶେଷ ହେବା ପରେ ପ୍ରାୟ ୮ ପ୍ରତିଶତରୁ ଅଧିକ ଭୋଟ ପଡିବା ସନ୍ଦେହଜନକ। ୪୧ଟି ବୁଥ୍ରେ ୯୧ ପ୍ରତିଶତରୁ ଅଧିକ ଭୋଟିଂ ଭୋଟ ରିଗିଙ୍ଗ ଦିଗ ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରୁଛି ବୋଲି ଅତନୁ କହିଛନ୍ତି।

ଡ. ଲେନିନ ମହାନ୍ତି କହିଛନ୍ତି, ଯେଉଁ ବୁଥ୍ ଗୁଡିକରେ ୯୦ ପ୍ରତିଶତରୁ ଅଧିକ ଭୋଟିଂ ହୋଇଛି, ସେଇ ବୁଥ୍ଗୁଡିକର ସିସିଟିଭି ଫୁଟେଜ ସାର୍ବଜନୀନ କରାଯାଉ। ବାସ୍ତବରେ ଲୋକ ଭୋଟ ଦେଇଛନ୍ତି, ନା ହେରଫେର ହୋଇଛି ତାହା ଏଥିରୁ ପ୍ରମାଣିତ ହେବ। ଇଭିଏମ ମେସିନ ଗୋଟିଏ ଘରୋଇ ଗାଡିରେ ବୁଲୁଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ମୁକ୍ତ ଓ ଅବାଧ ନିର୍ବାଚନ କରିବା ଉକ୍ତି ଏହି ଉପନିର୍ବାଚନରେ ପ୍ରହସନରେ ପରିଣତ ହୋଇଛି ବୋଲି ସେ କହିଛନ୍ତି।

ଡ. ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ଜିତିବା ବିଜେପି ପକ୍ଷରେ ସମ୍ଭବ ନୁହେଁ ବୋଲି ଜାଣି ବିଜେପି ପ୍ରଶାସନିକ କଳର ଅପବ୍ୟବହାର କରିଛି । ୯୦ ପ୍ରତିଶତ ଭୋଟିଂ ଏକ ବିରଳ ଘଟଣା। ବିଶେଷକରି ଉପନିର୍ବାଚନରେ ଏପରି ହେବା ନିଶ୍ଚିତ ଭାବେ ସନ୍ଦେହ ସୃଷ୍ଟି କରିଛି। ସରକାରୀ ଅଧିକାରୀମାନେ ବିଜେପିର ଏଜେଣ୍ଟ ସାଜି କାମ କରିଛନ୍ତି, ଶେଷ ପର୍ଯ୍ୟାୟରେ ପୁଲିସର ତତ୍ତ୍ୱାବଧାନରେ ଟଙ୍କା ବଣ୍ଟା ହେଲା, ବୁଥ୍ ଭିତରେ ବିଜେପି ତରଫରୁ ପ୍ରଚାର କରାଗଲା। ବିଜେଡିର ଆପତ୍ତିକୁ ଗ୍ରହଣ କରାଗଲା ନାହିଁ ବୋଲି ଲେଖାଶ୍ରୀ ଅଭିଯୋଗ କରିଛନ୍ତି।



**ସନ୍ଧ୍ୟା ୫ଟା ପରେ ୮ ପ୍ରତିଶତ ଅଧିକ ଭୋଟକୁ ନେଇ ସନ୍ଦେହ**

**୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟିଂ ବୁଥ୍ର ସିସିଟିଭି ଫୁଟେଜ ଦାବି**

### ନିଃସର୍ତ୍ତ କ୍ଷମାପ୍ରାର୍ଥନା ପରେ କାହିଁକି ହେଉନି କାର୍ଯ୍ୟାନୁଷ୍ଠାନ

## ବ୍ରହ୍ମପୁର ଏସ୍ପିଙ୍କୁ ହଟାଇବାକୁ ଦାବିକଲା କଂଗ୍ରେସ

ଭୁବନେଶ୍ୱର,୧୩।୧୧(ସମିସ): ବହୁଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟା ଏବଂ ଏହି ଘଟଣାର ତଦନ୍ତଭାର ନେଇଥିବା ବ୍ରହ୍ମପୁର ଏସ୍ପିଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା ପରେ ଏହି ହତ୍ୟାକାଣ୍ଡରେ ତାଙ୍କର ତଦନ୍ତ ପ୍ରକ୍ରିୟା ଓ ଭୂମିକାକୁ ନେଇ ବର୍ଷିଛି ରାଜ୍ୟ କଂଗ୍ରେସ। ଏହି ଘଟଣାକୁ ନେଇ ଏସ୍ପି ସାମ୍ବାଦିକ ସମ୍ମିଳନୀରେ ଯେଉଁ ତଥ୍ୟ ରଖିଥିଲେ, ତାହାକୁ ୱେବ୍ସିରିଜର କାହାଣୀ କହି ଦଳ ତାଙ୍କୁ ସମାଲୋଚନା କରିଛି। ଏହାସହିତ ଏଭଳି ବାହାଦୁରୀ ପାଇଁ ହାଇକୋର୍ଟ ତାଙ୍କୁ ଭର୍ତ୍ସନା କରିବା ଓ ଏସ୍ପି ଏଥିପାଇଁ ହାଇକୋର୍ଟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବା ପରେ ମଧ୍ୟ ତାଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ ବୋଲି ଦଳ ପ୍ରଶ୍ନ କରି ସରକାରଙ୍କ ଭୂମିକା ଉପରେ ସନ୍ଦେହ ପ୍ରକଟ କରିଛି।

ଗୁରୁବାର ଏହି ବିଷୟକୁ ନେଇ କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ କହିଛନ୍ତି, ବିଜେପି ଶାସନରେ କେଉଁଠି ବୋମା ବିସ୍ଫୋରଣ ହେଲାଣି ତ କେଉଁଠି ୱେବ୍ସିରିଜ କାହାଣୀ କୁହାଗଲାଣି। ବ୍ରହ୍ମପୁରରେ ଘଟିତ ବହୁ ଚର୍ଚ୍ଚିତ ପୀତବାସ ପଣ୍ଡା ହତ୍ୟାକାଣ୍ଡକୁ ନେଇ ବ୍ରହ୍ମପୁର ଏସ୍ପି ଶ୍ରବଣା ବିବେକ ସାମ୍ବାଦିକ ସମ୍ମିଳନୀରେ ୱେବ ସିରିଜର ସ୍କ୍ରିପ୍ଟ ଭଳି ମନଗଢ଼ା କାହାଣୀ ଅତି ସୁନ୍ଦର ଭାବରେ ଉପସ୍ଥାପନା କଲେ। ବିନା ତଥ୍ୟ ଆଧାରରେ କାହାଣୀ କହିବା ଯୋଗୁଁ ହାଇକୋର୍ଟ ବ୍ରହ୍ମପୁର ଏସପିଙ୍କୁ ଭର୍ତ୍ସନା କରିବା ସହିତ କୋର୍ଟରେ ବ୍ୟକ୍ତିଗତ ହାଜିର ପାଇଁ ଆଦେଶ ଦେଇଥିଲେ। ଏସ୍ପି ହାଇକୋର୍ଟ ଯାଇ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଏହା ଓଡିଶା ରାଜନୀତିରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। କାରଣ ଏସ୍ପି ଯେଉଁ ସ୍କ୍ରିପ୍ଟ କହିଲେ, ପ୍ରକୃତରେ ବିଜେପି ସରକାରଙ୍କ ଦ୍ୱାରା ତାହା ଲିଖିତ ନା, ଆରଏସଏସ ଲେଖି ଥିଲା ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ କରିଛନ୍ତି। ସେହିପରି ପୀତବାସ ପଣ୍ଡାଙ୍କ ହତ୍ୟାକାରୀ ପୂର୍ବରୁ ରେକୀ କରିଥିଲେ ବୋଲି ସିସିଟିଭି ଫୁଟେଜ ଦେଖାଯାଇଛି; କିନ୍ତୁ ହତ୍ୟାକାଣ୍ଡ ବେଳର ଫୁଟେଜ ଦେଖାଇଲେ ନାହିଁ। ଏସ୍ପି କ'ଣ ଜ୍ୟୋତିଷ ନା ଦ୍ୱିତୀୟ ସାରଥୀ ବାବା ବୋଲି ଶ୍ରୀମତୀ ସାହୁ ପ୍ରଶ୍ନ ପଚାରିଛନ୍ତି।

ଶ୍ରୀମତୀ ସାହୁ ପୁଣି କହିଛନ୍ତି ଯେ ଏସ୍ପିଙ୍କ କାହାଣୀ ପଠନ ସବୁ ବିଜେପି, ଆରଏସଏସ ଓ ପ୍ରଶାସନର ମିଳିତ ଚକ୍ରାନ୍ତ ଥିଲା। କାରଣ ନୂଆପଡା ନିର୍ବାଚନକୁ ପ୍ରଭାବିତ କରିବା ସହ ବାଲି ମାଫିଆଙ୍କ ସହ ସରକାରଙ୍କ ସମ୍ପର୍କ ଲୁଚେଇବା ପାଇଁ ଏହି ଷଡ଼ଯନ୍ତ୍ର ରଚାଯାଇଥିଲା। ବିଜେପି ସରକାର ଓଡିଶା ପୁଲିସକୁ ଆରଏସଏସ ପୁଲିସରେ ରୂପାନ୍ତରିତ କରିବାକୁ ଚାହୁଁଛି। ନିଜକୁ କଣ୍ଟକମୁକ୍ତ କରିବା ପାଇଁ ସରକାରୀ ଦଳ ସମସ୍ତ ତଥ୍ୟ ପ୍ରମାଣ ଲୁଚାଇବାକୁ ଚାହୁଁଛି। ମନଗଢ଼ା କାହାଣୀ ପାଇଁ ଏସ୍ପିଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ଓଡିଶାବାସୀଙ୍କ ମୁଣ୍ଡ ତଳକୁ କରି ଦେଇଛି। ଏତେ ଲଜ୍ଜାଜନକ ଘଟଣା ଘଟିଯିବା ସତ୍ତ୍ୱେ ସରକାର, ପ୍ରଶାସନ କିମ୍ବା ପୁଲିସ ପକ୍ଷରୁ କୌଣସି ସ୍ୱଷ୍ଟୀକରଣ ଏପର୍ଯ୍ୟନ୍ତ ଦିଆ ଯାଇନାହିଁ। ତେଣୁ ଏସ୍ପିଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା ପରେ ସରକାର ସ୍ୱଷ୍ଟୀକରଣ ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଏହାସହ ବ୍ରହ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରୁ ଏସପି ଶ୍ରବଣାଙ୍କୁ ହଟାଯାଉ ବୋଲି ଶ୍ରୀମତୀ ସାହୁ ଦାବି କରିଛନ୍ତି।

ଦଳର ଅନ୍ୟତମ ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର ଏସ୍ପିଙ୍କ ନିସର୍ତ୍ତ କ୍ଷମାପ୍ରାର୍ଥନା ପରେ ତାଙ୍କୁ ପୁଲିସ ଡିଜି ଓ ଗୃହମନ୍ତ୍ରୀ କେବେ ଦାୟିତ୍ୱମୁକ୍ତ କରିବେ ବୋଲି ପ୍ରଶ୍ନ କରିଛନ୍ତି। ବ୍ରହ୍ମପୁର ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସେ ଏସ୍ପି ଦାୟିତ୍ୱରେ ରହିବାର ନୈତିକତା ହରାଇ ବସିଛନ୍ତି। ତେଣୁ ଏସ୍ପି ଶ୍ରବଣାଙ୍କ ବିରୋଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ଶ୍ରୀ ମହାପାତ୍ର ପ୍ରଶ୍ନ ପଚାରିଛନ୍ତି।



**ୱେବ୍ସିରିଜ କାହାଣୀ ପଠନ କରୁଛନ୍ତି ଏସ୍ପି**


**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି। ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୭୪୧୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍ୱର୍କ ପ୍ରାଇଭେଟ୍ ଲିମିଟେଡ୍

ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

# ଅମଳ ବେଳକୁ ସାଟେଲାଇଟ୍ ରିପୋର୍ଟ; ଅସନ୍ତୁଷ୍ଟ ଚାଷୀ

**ସମ୍ବଲପୁର, ୧୩।୧୧ (ସମିସ)**

ଗତ ୨୦୨୧ ମସିହାରୁ ସରକାର ଉପଗ୍ରହ ସର୍ବେକ୍ଷଣ (ସାଟେଲାଇଟ୍ ସର୍ଭେ) କରୁଛନ୍ତି। ଏହାଦ୍ୱାରା ଚାଷୀର ପଞ୍ଜିକୃତ ହଜାର ହଜାର ପ୍ଲଟ୍ ସନ୍ଦେହଘେରରେ ରହୁଛି। ପ୍ରତିବର୍ଷ ଏହି ସଂଖ୍ୟାରେ ବୃଦ୍ଧି ପାଉଛି। ଚଳିତ ଖରିଫ୍ ଧାନଚାଷର ସାଟେଲାଇଟ୍ ସର୍ଭେ ରିପୋର୍ଟ ଅନୁଯାୟୀ ଜିଲ୍ଲାର ୭୯, ୩୦୯ଟି ପ୍ଲଟ ସନ୍ଦିଗ୍ଧ ରହିଛି। ପଡ଼ିଆ, ଜଙ୍ଗଲ, ବୁଦା ବା କ୍ଷେତ ସଂଲଗ୍ନ ଅଣଚାଷ ଜମିକୁ ପଞ୍ଜିକୃତ କରାଯାଇଥିବା ସର୍ଭେରେ କୁହାଯାଇଛି। ଏହି ପ୍ଲଟ୍ ଗୁଡ଼ିକର କ୍ଷେତ୍ର ସର୍ବେକ୍ଷକଙ୍କ ଦ୍ୱାରା ସରଜମିନ୍ ତଦନ୍ତ କରାଯିବ। ପୁନଃଯାଞ୍ଚ ପରେ ଚାଷ ହୋଇ ନଥିବା ଜମିଗୁଡ଼ିକୁ ବାଦ୍ ଦିଆଯିବା ସହ ଚାଷୀକୁ ଟୋକନ୍ ଦିଆଯିବନାହିଁ। ଚଳିତମାସ ଦ୍ୱିତୀୟ ବା ତୃତୀୟ ସପ୍ତାହରୁ ସମ୍ଭାବ୍ୟ ଖରିଫ ଧାନକ୍ରୟ ଥିବାରୁ ଶେଷମୁହୂର୍ତ୍ତରେ ରିପୋର୍ଟକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଉଲ୍ଲେଖଯୋଗ୍ୟ ଯେ, ୨୦୨୧ ମସିହା ସର୍ଭେରେ ସମ୍ବଲପୁର ଜିଲ୍ଲାରେ ୨୬, ୬୧୭ ପ୍ଲଟ୍ ସନ୍ଦିଗ୍ଧ ଜଣାପଡ଼ିଥିବାବେଳେ ୨୦୨୨ରେ ୨୦, ୦୪୩ ପ୍ଲଟ୍, ୨୦୨୩ରେ ୫୦, ୫୫୯ ପ୍ଲଟ୍ ଏବଂ ୨୦୨୪ରେ ୬୪, ୭୯୮ ପ୍ଲଟ୍ ସନ୍ଦିଗ୍ଧ ବୋଲି ସାଟେଲାଇଟ୍ ସର୍ଭେରୁ ଜଣାପଡ଼ିଥିଲା। ସାଟେଲାଇଟ୍ ସର୍ଭେ ରିପୋର୍ଟ ଯାଞ୍ଚ କରିବାପାଇଁ ୯ଟି ତହସିଲର ୧୨୩୩ଟି ଗ୍ରାମରେ ୩୧୮ ଜଣ କ୍ଷେତ୍ର ସର୍ଭେୟରଙ୍କୁ ନିୟୋଜିତ କରାଯାଇଛି। ତେବେ, ଗତ ୫ ତାରିଖରେ ସାଟେଲାଇଟ୍ ସର୍ଭେ ସମ୍ବଲପୁର ଜିଲ୍ଲାକୁ ରିପୋର୍ଟ ଆସିଥିବାବେଳେ ଏପର୍ଯ୍ୟନ୍ତ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇନାହିଁ ବୋଲି ଉପନିବନ୍ଧକ ସମବାୟ ସମିତି



ସମୂହ (ଡିଆର୍‌ସିଏସ୍) କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ପ୍ରବକ୍ତା ସରୋଜ କହିଛନ୍ତି, ସାଟେଲାଇଟ୍ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ପରେ ଜମିର ଯେଉଁ ତନଖି ହେଉଛି ତାକୁ ନେଇ ସର୍ଭେ ଅଗଷ୍ଟ ମାସରେ ହେଲାବେଳକୁ ସେଜନିତ ତଥ୍ୟ ଅକ୍ଟୋବର ଶେଷ ସୁଦ୍ଧା ଆସୁନାହିଁ। ପୁଣି ସାଟେଲାଇଟ ସର୍ଭେର ତଥ୍ୟର ସ୍ୱଚ୍ଛତା ପାଇଁ ଜଏଣ୍ଟ ଯୁଗ୍ମ ସର୍ଭେ ଯେତେ ଡେରି ହେବ, ସେତେବେଶୀ ଚାଷୀ ମଣ୍ଡିରେ ଧାନ ବିକିବାରୁ ବଞ୍ଚିତ ହେବେ। ତେଣୁ ସେମାନେ ସରକାରଙ୍କ ବିକ୍ରିଜନିତ ଇନ୍‌ପୁଟ ସବସିଡିରୁ ବଞ୍ଚିତ ହେବାସହଙ୍ଗେ ସଙ୍ଗେ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ। ଏପ୍ରକାର ଦାୟିତ୍ୱହୀନ ବିଳମ୍ବକୁ ଚାଷୀ ସଙ୍ଗଠନ ପକ୍ଷରୁ ଶ୍ରୀ ସରୋଜ ତୀବ୍ର ନିନ୍ଦା କରିବା ସହ ଯଥାଶୀଘ୍ର ଯୁଗ୍ମ ସର୍ଭେ କରି ଚାଷୀମାନଙ୍କୁ ମଣ୍ଡି ବ୍ୟବସ୍ଥାରେ ସାମିଲ କରାଯିବାକୁ ଦାବି କରିଛନ୍ତି।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଜୁଲାଇ ମାସରେ ରୁଆ, ବିହୁଡ଼ା ଚାଷ କାର୍ଯ୍ୟ ଲାଗି ରହିଥିବାବେଳେ ଚାଷୀକୁ ପଞ୍ଜିକରଣ କରିବାକୁ ବାଧ କରାଯାଉଛି। ସବୁବେଳେ ଜୁଲାଇ ୨୦ରୁ ଅଗଷ୍ଟ ୨୦ ପଞ୍ଜିକରଣ ନକରି ଅଗଷ୍ଟ ୨୦ରୁ ସେପ୍ଟେମ୍ବର ୨୦ କରିବାକୁ ଚାଷୀର ଦାବି ରହୁଛି। କିନ୍ତୁ ସେତେବେଳେ ସାଟେଲାଇଟ୍ ସର୍ଭେ କରି ଯୁଗ୍ମ ସର୍ଭେ କରିବାପରେ ଟୋକନ ଦେବାକୁ ସମୟ ଲାଗିବ ଏଣୁ ଜଲ୍‌ଦି କରାଯାଉଛି ବୋଲି ସଫେଇ ଦେଉଛନ୍ତି। ତେବେ, ସାଟେଲାଇଟ୍ ସର୍ଭେର ରିପୋର୍ଟ ଏତେ ଡେରିରେ କାହିଁକି ଏବଂ ଏତେ ଡେରିରେ ଆସିଲେ ଯାଞ୍ଚକରି ଚାଷୀକୁ କେବେ ଟୋକନ୍ ଦେବେ ବୋଲି ଶ୍ରୀ ଠାକୁର ପ୍ରଶ୍ନ କରିଛନ୍ତି। ବହୁଜାଗାରେ ଗଛଲତା ଥିବା କିମ୍ବା ଅନ୍ୟ କାରଣରୁ ଧାନଚାଷ ବୈଷୟିକ ଭାବେ ଦେଖାଉନାହିଁ। ଯଦି ଏଭଳି ଭାବେ ଚାଷଜମି କଟିଗଲା, ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହେବ। ଏଭଳି ବିଳମ୍ବ ଚାଷୀକୁ ଟୋକନ ଦେବାରୁ ବଞ୍ଚିତ କରିବାକୁ ଏକ ମସୁଧା ବୋଲି ସଭାପତି ଶ୍ରୀ ଠାକୁର ଅଭିଯୋଗ କରିଛନ୍ତି।

## ରବି ଫସଲ ପାଇଁ ଖାତା ରିନୁଆଲ୍ ପାଇଁ ନିର୍ଦ୍ଦେଶ

ଚାଷୀ ଖରିଫ୍ ଛୋଟ ଧାନ ଅମଳ କରି ସାରିଲାଣି ଏବଂ ନିୟମିତ ଧାନ ଅମଳ ମଧ୍ୟ ଆରମ୍ଭ ହୋଇଗଲାଣି। ଏବେ ସାଟେଲାଇଟ୍ ସର୍ଭେ ରିପୋର୍ଟକୁ ନେଇ ଦ୍ୱନ୍ଦ୍ୱ ରହିଛି। ଏପରି ସମୟରେ ଲ୍ୟାମ୍ପସ୍ କର୍ତ୍ତୃପକ୍ଷ ଚାଷୀଙ୍କୁ ରବି ଫସଲ ସକାଶେ ଆକାଉଣ୍ଟ ରିନୁଆଲ୍ ପାଇଁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଚାଷୀ ତା'ର ଜମିକୁ ସାଟେଲାଇଟ୍ ସର୍ଭେରେ ବୈଧ କି ନୁହେଁ ଏବଂ ସେ ଧାନ ବିକି ପାରିବ ନା' ନାହିଁ ବୋଲି ସ୍ପଷ୍ଟ ନଥିବାବେଳେ ଲ୍ୟାମ୍ପସ / ପ୍ୟାକ୍ସ କର୍ତ୍ତୃପକ୍ଷଙ୍କ ଏଭଳି ନିର୍ଦ୍ଦେଶକୁ ନେଇ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି।



ସମ୍ବଲପୁର ଚର୍ଚ୍ଚ ଛକରେ ତରବରିଆ ପିଚୁ କାମକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଜିଏମ୍‌ୟୁରେ ଶବ୍ଦଗଙ୍ଗା ଲୋକାର୍ପିତ

**ସମ୍ବଲପୁର, ୧୩।୧୧ (ସମିସ) :** ଜିଏମ୍‌ୟୁ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅନ୍‌ଲାଇନ୍ ମାସିକ ମୁଖପତ୍ର 'ଶବ୍ଦଗଙ୍ଗା'ର ୬୫ତମ ସଂଖ୍ୟା ଆଜି ସନ୍ଧ୍ୟାରେ ମୁଖ୍ୟ ସମ୍ପାଦକ ତଥା ବିଭାଗୀୟ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଉନ୍ମୋଚିତ ହୋଇଯାଇଛି। ସଭାରେ ଅତିଥିକବି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଧର ମହାରଣା ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ସ୍ୱରଚିତ 'ଶବ୍ଦଗଙ୍ଗା ନାମଶୁଣି ଲାଗଇ ପବିତ୍ର' କବିତା ଆବୃତ୍ତି କରିବା ସହ ତାଙ୍କ ବକ୍ତବ୍ୟରେ ସେ କବି ଓ କବିତା ମଧ୍ୟରେ ଥିବା ସମ୍ପର୍କ ବିଷୟରେ ବକ୍ତବ୍ୟ ରଖିଥିଲେ। 'ଶବ୍ଦଗଙ୍ଗା'ର ସହଯୋଗୀ ଛାତ୍ର ସମ୍ପାଦକ ଜଗନ୍ନାଥ ମେହେର ସ୍ୱାଗତ ଭାଷଣ ଏବଂ ଛାତ୍ର ସମ୍ପାଦିକା ଅନନ୍ୟା ବେହେରା ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଯୁବ ପ୍ରତିଭା ଯମୁନା ପାତ୍ର, ତୃଷ୍ଣା ଦାଶ ପ୍ରମୁଖ 'ଶବ୍ଦଗଙ୍ଗା' ସମ୍ପର୍କରେ ସେମାନଙ୍କର ମତାମତ ଦେଇଥିଲେ। ଶେଷରେ ସହଯୋଗୀ ସମ୍ପାଦିକା ଇପ୍‌ସିତା ପ୍ରିୟଦର୍ଶିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୭ରୁ କୁଷ୍ଠରୋଗୀ ଚିହ୍ନଟ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୩।୧୧ (ସମିସ) :** ଜାତୀୟ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଅଧୀନରେ କୁଷ୍ଠ ରୋଗୀ ଚିହ୍ନଟ କାର୍ଯ୍ୟକ୍ରମ ୨୦୨୫-୨୬ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଆଜି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ କୁଷ୍ଠ ନିରାକରଣ କାର୍ଯ୍ୟକ୍ରମ ଆସନ୍ତା ୧୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାର ୯ଟି ବ୍ଲକରେ ଚିହ୍ନଟ ଅଭିଯାନ ଆୟୋଜିତ କରାଯିବ। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ପ୍ରାରମ୍ଭିକ ଚିହ୍ନଟ, ରୋଗର ଅଗ୍ରଗତିକୁ ରୋକିବା ଏବଂ ଅକ୍ଷମତାର ବିପଦକୁ ହ୍ରାସ କରିବା। କୁଷ୍ଠ ରୋଗ, ଏହାର ଲକ୍ଷଣ ଏବଂ ଆଗୁଆ ରୋଗ ନିର୍ଣ୍ଣୟ ଓ ଚିକିତ୍ସାର ଗୁରୁତ୍ୱ ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଏହି ଅଭିଯାନର ଉଦ୍ଦେଶ୍ୟ। ଏହି ଅଭିଯାନରେ ଘରକୁ ଘର ବୁଲି ରୋଗୀ ଚିହ୍ନଟ ତଥା ପରିବାର ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ, ବିଦ୍ୟାଳୟ ଏବଂ ସମୁଦାୟ ମାନଙ୍କରେ ସ୍ୱାସ୍ଥ୍ୟ ଶିକ୍ଷାଗତ କାର୍ଯ୍ୟକ୍ରମ, ମାଗଣା ସ୍କ୍ରିନିଂ ଏବଂ ଡାଇଗ୍ନୋଷ୍ଟିକ୍ ସେବା ପ୍ରଦାନ କରୁଥିବା ଭ୍ରାମ୍ୟମାଣ ଚିକିତ୍ସା ଅନ୍ତର୍ଭୁକ୍ତ କରାଯିବ। ଏହି ଅଭିଯାନରେ ରୋଗ ଚିହ୍ନଟ ଦଳ, ସ୍ୱାସ୍ଥ୍ୟ କର୍ମୀ, ପିଏଚ୍‌ଇଓ, ବିପିଏମ୍, ବିଡିଏମ, ସେକ୍ଟର ମେଡିକାଲ ଅଫିସର ନିୟୋଜିତ ହେବେ ବୋଲି ଜଣାପଡ଼ିଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ତମାଖୁ-ମୁକ୍ତ ଯୁବା ଅଭିଯାନ ପାଇଁ ଜିଲ୍ଲାସ୍ତରୀୟ ବୈଠକ

**ସମ୍ବଲପୁର, ୧୩।୧୧ (ସମିସ) :** ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଟିସିପି) ଅଧୀନରେ 'ତମାଖୁ-ମୁକ୍ତ ଯୁବା ଅଭିଯାନ ୩.୦' ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଆଜି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଯାଇଛି। ଚଳିତବର୍ଷ ଅକ୍ଟୋବର ୧୦ ତାରିଖରୁ ଆରମ୍ଭ ହୋଇଥିବା ତମାଖୁ ମୁକ୍ତ ଯୁବା ଅଭିଯାନ ଆସନ୍ତା ଡିସେମ୍ବର ୯ ତାରିଖ ଶେଷ ହେବ। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଯୁବ ସମାଜଙ୍କ ମଧ୍ୟରେ ତମାକୁ ବ୍ୟବହାରର ଅପକାରିତା ପ୍ରତି ସଚେତନତା ସୃଷ୍ଟିକରି ତାହାର ନିବାରଣ କରିବା। ବୈଠକରେ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇଥିବା ଏବଂ ଆଗକୁ ହେବାକୁ ଥିବା ଏହି ସଚେତନତା ଅଭିଯାନର ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା ହୋଇଥିଲା। ଏହାର ଥିମ୍ ରହିଛି 'ଚୁଜ୍ ଲାଇଫ୍, ନଟ୍ ଟବାକୋ'। କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲରେ ଯୁବପିଢିଙ୍କ ମଧ୍ୟରେ ତମାଖୁ ସେବନ ଜନିତ ସମସ୍ୟା ଓ ତହିଁରେ ସଚେତନତା ସୃଷ୍ଟି କରିବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ରାଲି, ଶପଥ ପାଠ, ପ୍ରଶିକ୍ଷଣ ଆଦି ଜିଲ୍ଲା ସ୍ୱାସ୍ଥ୍ୟ ସଞ୍ଚାଳକଙ୍କ ଦ୍ୱାରା କରାଯିବ। ଜିଲ୍ଲାର ଗାଁମାନଙ୍କୁ ତମାଖୁ ମୁକ୍ତ କରାଯିବ ଏବଂ ତହିଁରେ ସୂଚନା, ଶିକ୍ଷା ଓ ଯୋଗାଯୋଗ ମାଧ୍ୟମରେ ପ୍ରଚାର ପ୍ରସାର କରାଯାଉଛି। ଜିଲ୍ଲାପାଳ ଶ୍ରୀ ବୋନ୍ଦର ତମାଖୁ ସେବନକୁ ନେଇ ଏନ୍‌ଫୋର୍ସମେଣ୍ଟ ଉପରେ ଗୁରୁତ୍ୱାରୋପ କରିଥିଲେ।

## ସମ୍ବଲପୁରୀ ଭାଷା ଆନ୍ଦୋଳନରେ ମାୟାଧର ମାନସିଂହ ପ୍ରମୁଖ ସାରଥି ଥିଲେ

**ସମ୍ବଲପୁର, ୧୩।୧୧ (ସମିସ) :** ଓଡ଼ିଶା ସାଂସ୍କୃତିକ ସମାଜ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ମାୟାଧର ମାନସିଂହଙ୍କ





ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡଃ ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଓଡ଼ିଆ ବିଭାଗ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ବେହେରା ସଂଯୋଜନା କରିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟର ପାଠାଗାରଠାରେ ଥିବା କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଛାତ୍ରୀ ପ୍ରତିଭାରାଣୀ ଦୀପ ଓ ଡୁଲେଶ୍ୱରୀ ବାଗ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସ୍ନାତକୋତ୍ତର ଛାତ୍ରୀ ତୃଷ୍ଣା ଦାଶ କବିଙ୍କୁ ଶବ୍ଦ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସଭାପତି ଡଃ ଦାନୀ ମାନସିଂହଙ୍କ ଆଠ ବର୍ଷ ଗଙ୍ଗାଧର ମେହେର ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ନିଜ ନିର୍ଭୀକ ତଥା ଛାତ୍ରବତ୍ସଳ ହୃଦୟ ନେଇ ନେଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ଓଡ଼ିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ତଥା ଗତ ୫୫ ବର୍ଷ ଧରି ଏ ଅଞ୍ଚଳର କଳା, ସାହିତ୍ୟ, ସଂସ୍କୃତି ଓ ଭାଷାକୁ ନେଇ କାର୍ଯ୍ୟକ୍ରମ କରି ଆଗାମୀ ପିଢ଼ି ମଧ୍ୟରେ ସଚେତନତା ସୃଷ୍ଟି କରୁଛି ବୋଲି କହିଥିଲେ।

କାର୍ଯ୍ୟକ୍ରମର ମୁଖ୍ୟବକ୍ତା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଓଡ଼ିଆ ବିଭାଗୀୟ ମୁଖ୍ୟ ପ୍ରଫେସର ଅଶୋକ କୁମାର ଦାଶ ମାନସିଂହଙ୍କ ଜୀବନୀ ବର୍ଣ୍ଣନା କରି ୧୯୪୫ ମସିହାରେ ତାଙ୍କ ପ୍ରକାଶିତ 'ଶଙ୍ଖ' ପତ୍ରିକାରେ ପ୍ରଥମ ପ୍ରକାଶିତ ସମ୍ବଲପୁରୀ କବିତା ନାଗଫୁଡ଼ି ପଣ୍ଡାଙ୍କ ଲିଖିତ ପାସ୍‌ରି ଦେବୁ କାଏଁନ୍ ପାଠକରି ମାନସିଂହଙ୍କ ଉଦାର ହୃଦୟର ପରିଚୟ ଦେଇଥିଲେ। ତାଙ୍କ ସାରସ୍ୱତ ସୃଷ୍ଟି ତାଙ୍କୁ ଅମର କରି ରଖିବ ବୋଲି ପ୍ରଫେସର ଦାଶ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ ଛାତ୍ରଛାତ୍ରୀମାନେ କବିଙ୍କର ସୃଷ୍ଟିର ମାନବବାଦୀ ଚିନ୍ତାଧାରା ଅଧ୍ୟୟନ କରିବାକୁ ଆହ୍ୱାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡଃ ବେହେରା ଓଡ଼ିଶା ସାଂସ୍କୃତିକ ସମାଜର ଏପରି ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ଶେଷରେ ଅଧ୍ୟାପକ ଡଃ ଶ୍ରୀବନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁଆ ଆଡ୍ଡାରୁ ୧୧ ଗିରଫ



**ସମ୍ବଲପୁର, ୧୩।୧୧(ସମିସ):** ଅର୍ଦ୍ଧନିର୍ମିତ ଘରେ ଜୁଆର ଆସରା ଚାଲିଥିଲା। ପ୍ରତିଦିନ ପରି ବୁଧବାର ମଧ୍ୟ ରାତିରେ ଜୁଆ ଖେଳ ଚାଲିଥିଲା। ପୁଲିସ ଖବର ପାଇ ଚଢଉ ବେଳେ ଲକ୍ଷାଧିକ ଟଙ୍କା ଜବତ କରିଛି। ଅଇଁଠାପାଲି ପୁଲିସ ଜୁଆ ଆଡ୍ଡାରେ ଚଢଉ କରି ୧୧ ଜଣଙ୍କୁ ଗିରଫ କରିଛି। ସେମାନେ ହେଉଛନ୍ତି ଧନୁପାଲି ଥାନା ପେନସନ ପଡ଼ାର ସାୟଦ ଜାହିର(୪୯), କ୍ଷେତରାଜପୁର ଥାନା ବଙ୍ଗଳାପଡ଼ାର ରବୀନ୍ଦ୍ର ମଣ୍ଡେକର(୩୭), ମୋତିଝରଣର ଏମଡି ରାୟିଜ(୪୯), ପେନସନପଡ଼ାର ଅନୱାର ମନହୀର(୩୯), ବୁର୍ଲା ଏ କଣ୍ଟାପାଲିର ମାଧବେନ୍ଦୁ ପାଲ(୩୪), ୱାନଆର କୋଲନୀରର ବଣ୍ଟି ବେହେରା(୩୦), କୁମ୍ଭାରପଡ଼ାର ଏମଡି ଶାହରୁଖ(୨୬), ଚେରୁଆପଡ଼ାର ବିଜୟ କୁମାର ଗୁପ୍ତା(୬୪), ବୀରମହାରାଜପୁରର ବୁର୍ଲା ମହତାବ ନଗର ନିବାସୀ ରାଜୀବ ପାଣିଗ୍ରାହୀ(୩୭), ହୀରାକୁଦ ମାର୍କେଟର ଗଣେଶ ବାହାଦୂର(୨୯) ଓ ଏନଗୁଆଲାଇନର ପ୍ରଦୀପ ବାଗ(୩୨)। ସେମାନଙ୍କ ନିକଟରୁ ମୋଟ ୨ ଲକ୍ଷ ୭୫ ହଜାର ୬୮୦ ଟଙ୍କା ଜବତ କରିବା ସହ ୧୨ଟି ମୋବାଇଲ, ୪ଟି ବାଇକ, ଗୋଟାଏ କାର୍ ଓ ୧୦୪ଟି ତାସ କାର୍ଡ। ସୂଚନା ଅନୁସାରେ ଗତକାଲି ପାଞ୍ଚଗଛିଆ ଛକ ନିକଟସ୍ଥ ଏକ ଅର୍ଦ୍ଧନିର୍ମିତ ଘରେ ଜୁଆ ଖେଳ ଚାଲିଥିଲା। ଏ ନେଇ ଅଇଁଠାପାଲି ପୁଲିସ ଖବର ପାଇବା ପରେ ଟିମ୍ ଗଠନ କରି ଘଟଣାସ୍ଥଳକୁ ଯାଇଥିଲା। ପରେ ଚଢଉ ବେଳେ ଘଟଣାସ୍ଥଳରୁ ଜଣେ ଫେରାର ମାରିଥିବା ବେଳେ, ୧୧ ଜଣକୁ ପୁଲିସ ଗିରଫ କରିଥିଲା।

## ଆଜିଠୁ ଉତ୍ତରାଞ୍ଚଳ ଡିଭିଜନ୍ ରାଜସ୍ୱ ଅଧିକାରୀ କର୍ମଶାଳା

**ସମ୍ବଲପୁର, ୧୩।୧୧ (ସମିସ) :** ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ରାଜସ୍ୱ ଅଧିକାରୀଙ୍କ କର୍ମଶାଳା ଆସନ୍ତା ୧୪ ଓ ୧୫ ତାରିଖ ସମ୍ବଲପୁରସ୍ଥିତ ରିଭର୍ ଇନ୍ ରିସୋର୍ଟଠାରେ ଅନୁଷ୍ଠିତ ହେବ। ଏହି କର୍ମଶାଳାରେ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅନ୍ତର୍ଗତ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ତହସିଲଦାର, ଭୂଅର୍ଜନ ଅଧିକାରୀ ଓ ରାଜସ୍ୱ ଅଧିକାରୀମାନେ ଯୋଗ ଦେବେ। ଏହି ଦୁଇଦିନିଆ କର୍ମଶାଳାର ପ୍ରସ୍ତୁତିକୁ ନେଇ ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବସିବା ବ୍ୟବସ୍ଥା, ପ୍ରାଯୁକ୍ତିକ ବ୍ୟବସ୍ଥା, ନିୟମିତିକରଣ, ଆବାସ ବ୍ୟବସ୍ଥା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ବିଷୟ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ କର୍ମଶାଳାକୁ ସଫଳ ଓ ସୁଚାରୁ ଭାବରେ ଆୟୋଜନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅଯୋଧ୍ୟା ସରୋବର ଆନିକଟ୍‌ରେ ଫାଟ

**ସମ୍ବଲପୁର, ୧୩।୧୧ (ସମିସ)**





ଅଯୋଧ୍ୟା ସରୋବର ଆନିକଟ୍‌ରେ ଫାଟ ହୋଇ ପାଣି ଲିକେଜ୍ ହେଉଥିବା ଦେଖାଯାଉଛି। ବର୍ଷାଋତୁ ପରେ ଏଠାରେ ଜଳଭର୍ତ୍ତି ହୋଇଥିବାବେଳେ ଏହି କୃତ୍ରିମ ଜଳାଶୟର ଜଳସ୍ତର ହ୍ରାସ ପାଉଛି। ସମ୍ବଲପୁର ମାରୱାଡ଼ିପଡ଼ା ଘାଟରେ ଗତ ୬୦ ଦଶକରେ ଜଳ ସଂରକ୍ଷଣ ସକାଶେ ଏକ ଆନିକଟ ନିର୍ମାଣ କରାଯାଇଥିଲା। ଗତ ୨୦୨୨ ମସିହା ଅକ୍ଟୋବର ଶେଷ ସପ୍ତାହରେ ଏହି କଂକ୍ରିଟ ଆନିକଟ୍‌ରେ ଅନେକ ସ୍ଥାନରେ ଫାଟ ସହ ପ୍ରାୟ ୩୦ ଫୁଟ ଗଭୀରର ଘାଇ ସୃଷ୍ଟି ହୋଇଥିଲା। ଜିଲ୍ଲା ଜଳସେଚନ ବିଭାଗ ପକ୍ଷରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଏହାର ମରାମତି କରାଯାଇଥିଲା। ଏହି ଆନିକଟ ପ୍ରାୟ ୧ କିଲୋମିଟର ୮ ଶହ ମିଟର ଲମ୍ବ ଏବଂ ୨ ଫୁଟ୍ ଚଉଡ଼ାର ରହିଥିବାବେଳେ ଏହାର ଆଭ୍ୟନ୍ତରୀଣ ଅଂଶରେ ମଧ୍ୟ କ୍ଷତି ହୋଇଥିଲା।

୧୯୬୩-୬୪ ମସିହାରେ ଏହି ଆନିକଟ୍ ନିର୍ମାଣ କରାଯାଇଥିଲା। ଓଡ଼ିଶାର ତତ୍କାଳୀନ ରାଜ୍ୟପାଳ ଅଯୋଧ୍ୟାନାଥ ଖୋସଲା ଥିବା ସମୟରେ ଏହି ଆନିକଟ୍ ନିର୍ମାଣ ହୋଇଥିବାରୁ ଏହାକୁ 'ଅଯୋଧ୍ୟା ସରୋବର' ବୋଲି କୁହାଯାଏ। ଆନିକଟ୍‌ର ପାଣି ପିଇବାପାଇଁ ବ୍ୟବହାର କରାଯାଉ ନଥିବାବେଳେ ଗାଧୋଇବା ଓ ଅନ୍ୟ ବ୍ୟବହାରରେ ଲାଗିଥାଏ। ଏହାସହ ଏହା ତାପମାତ୍ରା ଓ ଜଳବାୟୁ ସନ୍ତୁଳନ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ଗତ ୨୦୨୨ ଅକ୍ଟୋବରରେ ଅଞ୍ଚଳବାସୀ ଘାଇ ଓ ଫାଟ ବିଷୟରେ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ। ଜିଲ୍ଲା ଜଳସମ୍ପଦ ବିଭାଗ ପକ୍ଷରୁ ସରଜମିନ୍ ଅନୁଧ୍ୟାନ କରିବା ପରେ ବନ୍ଧ ପୁରୁଣା ହୋଇଥିବାରୁ ବହୁସ୍ଥାନରେ ଫାଟ ଥିବା ଜଣାପଡ଼ିଥିଲା। ଆନିକଟ୍‌ର ପାଣିକୁ ଶୁଖାଇ ଏହାର ମରାମତି କରାଯାଇଥିଲା। ଅନ୍ୟପକ୍ଷରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍କାଳୀନ ଜିଲ୍ଲାପାଳ ସ୍ଥାୟୀ ସମାଧାନ ସକାଶେ ଅନୁରୋଧ କରିଥିଲେ।

ହୀରାକୁଦ ବନ୍ଧ ନିର୍ମାଣ ପରେ ଉପରମୁଣ୍ଡରୁ ସମ୍ବଲପୁର ମହାନଦୀକୁ ଜଳାଧାର ହ୍ରାସ ପାଇଥିଲା। ସେତେବେଳେ ଏହାର ପ୍ରତିକାର ପାଇଁ ଜଳ ସଂରକ୍ଷଣ ସକାଶେ ଅଯୋଧ୍ୟା ସରୋବର ଆନିକଟ୍ ନିର୍ମାଣ କରାଯାଇଛି। ଏଥିରେ ତିନୋଟି ଜାଗାରେ ସ୍ଲୁଇସ୍ ଗେଟ୍ ଭଳି ଡିଜାଇନ କରାଯାଇଛି। ପୂର୍ବରୁ ଆନିକଟ୍‌ର ରକ୍ଷଣାବେକ୍ଷଣ ଓ ଆଡ଼ିବନ୍ଧ ମରାମତି ପାଇଁ ପୌରପରିଷଦ ପକ୍ଷରୁ ବ୍ୟବସ୍ଥା କରାଯାଉଥିଲା। ତେବେ, ତାହା ମଧ୍ୟ ବନ୍ଦ ହୋଇଯାଇଛି। ଜଳାଭାବକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମୟରେ ସମ୍ବଲପୁର ମହାନଦୀ ଅବବାହିକାରେ ଆଉ ଏକ ନୂତନ ଆନିକଟ୍ ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। ତେବେ, ପରବର୍ତ୍ତୀ ସମୟରେ ତାହା କେବଳ ଫାଇଲରେ ସୀମିତ ହୋଇ ରହିଗଲା। ଏବେ ଏହି ଆନିକଟ ଅତ୍ୟନ୍ତ ପୁରୁଣା ହେବାସହ ଏଥିରେ ଫାଟ ସୃଷ୍ଟି ହୋଇଥିବାରୁ ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରକଳ୍ପରେ ନୂତନଭାବେ ଆନିକଟ ନିର୍ମାଣ ପାଇଁ ମଧ୍ୟ ଯୋଜନା କରାଯାଉଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ମହାନଦୀ ଉପରେ ଦୈନିକ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନୀୟ ଅଧିବାସୀ ସ୍ନାନାଦି କାର୍ଯ୍ୟ ପାଇଁ ବ୍ୟବହାର କରିଥାନ୍ତି।

## ୧୯ରୁ ବୁର୍ଲା ମହୋତ୍ସବ 'ଆମର୍ ଉତ୍ସବ'

**ସମ୍ବଲପୁର, ୧୩।୧୧ (ସମିସ) :** ଆସନ୍ତା ଡିସେମ୍ବର ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ବୁର୍ଲା ମହୋତ୍ସବ 'ଆମର୍ ଉତ୍ସବ' ଆୟୋଜିତ ହେବ। ପଶ୍ଚିମ ଓଡ଼ିଶାର ଲୋକଗୀତ, ଲୋକନୃତ୍ୟ, ସଂସ୍କୃତି ଓ ପରମ୍ପରାକୁ ନେଇ ଏହା ଅନୁଷ୍ଠିତ ହେବ ବୋଲି ଆଜି ଆମର୍ ଉତ୍ସବ ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହୋତ୍ସବରେ ପଶ୍ଚିମ ଓଡ଼ିଶାର ପ୍ରମୁଖ ଜିଲ୍ଲା ଗୁଡ଼ିକରୁ ପ୍ରାୟ ୨୫୦ ଜଣ କଳାକାରଙ୍କୁ ନିମନ୍ତ୍ରଣ କରାଯିବ। ଏହି ତିନିଦିନିଆ କାର୍ଯ୍ୟକ୍ରମ ବୁର୍ଲା ଭାରତୀ କ୍ଲବ୍ ପଡ଼ିଆଠାରେ ଅନୁଷ୍ଠିତ ହେବାକୁ ଥିବାବେଳେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବ। ଉତ୍ସବ ପରିପ୍ରେକ୍ଷୀରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ।

ଚଳିତବର୍ଷ ଉତ୍ସବ ଆୟୋଜନ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ଉପଦେଷ୍ଟା ଭାବରେ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ଦାଶ, ନିରଞ୍ଜନ ପଟ୍ଟନାୟକ, ଅଶ୍ୱିନୀ ଚୌଧୁରୀ, ଅଶ୍ୱିନୀ ପଣ୍ଡା, ରବି ମହାପାତ୍ର, ରାମକୃଷ୍ଣ ରଥ ରହିଥିବାବେଳେ ପରିଚାଳନା କମିଟିରେ ଦିଲୀପ ବିଶ୍ୱାଳ, ପ୍ରଦୀପ ମିଶ୍ର, ଅଶୋକ ସାହୁ, ଚିତ୍ତରଞ୍ଜନ ନାୟକ, ଆଇଜାକ ନାଗ, ଶିବ ଦଳେଇ, ରଜତ କୁଜୁର, କନ୍ହେୟାଲାଲ ଗୁପ୍ତା ରହିଛନ୍ତି। ଉତ୍ସବ କମିଟିର ଅଧ୍ୟକ୍ଷ ଭାବରେ ଡା. ଅରବିନ୍ଦ ମହାକୁଡ ମନୋନୀତ ହୋଇଥିବାବେଳେ ସଭାପତି ଗିରିଜା ଶଙ୍କର ନାୟକ, ଉପସଭାପତି ଓକିଲ ଖମାରୀ ଓ ଆଲୋକ ନାୟକ, ସମ୍ପାଦକ ଚୈତନ୍ୟ ଭୋଇ, ସହସମ୍ପାଦକ କୈଳାସ ସୁନା, କଳ୍ପ ମହାନନ୍ଦ ଓ ବାବାଜୀ ବାଗ, ସାଂସ୍କୃତିକ ସମ୍ପାଦକ ସତ୍ୟ ସାହୁ, ସତ୍ୟ ନାଗ ଓ ନୃପମଣୀ ଜଗଦଲା ଏବଂ ଅଭ୍ୟର୍ଥନା କମିଟିରେ ଶାନ୍ତିଲତା କର ଓ ଉପକମିଟିରେ ସୁରେନ୍ଦ୍ର ଯୋଶୀ, ନରେନ୍ଦ୍ର ପରିଡ଼ା, ରମେଶ ନାଏକ, ଅନ୍‌ସର୍ ପ୍ରମୁଖ ରହିଛନ୍ତି।



■ ନାବାଳିକା ଗଣଦୁଷ୍କର୍ମ ମାମଲାର ରାୟ ପ୍ରକାଶ

# ଦୋଷୀମାନଙ୍କୁ ୨୦ ବର୍ଷ ଜେଲ

**ସମ୍ବଲପୁର, ୧୩।୧୧ (ସମିସ):** ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ବିଚାରପତି ଅଭିଳାଷ ସେନାପତି ନାବାଳିକା ଗଣଦୁଷ୍କର୍ମ ମାମଲାର ବିଚାରକରି ଲକ୍ଷ୍ମୀଧର ମହାପାତ୍ର ଓ ରାଜେନ୍ଦ୍ର ମହାନନ୍ଦିଆ ଓରଫ୍ ଡମଣାଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଲେଖାଏ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି।

ଘଟଣାଟି ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅଞ୍ଚଳରେ ୨୦-୪-୨୦୧୪ରେ ଘଟିଥିଲା। ଘଟଣାଦିନ ପୀଡ଼ିତା ନିଜ ଗାଁରୁ ଭୋଜପୁର ବସଷ୍ଟାଣ୍ଡରୁ ତାଳଚେର ଯିବାପାଇଁ ବାଟରେ ଚାଲି ଚାଲି ଆସୁଥିଲେ। ଏହି ସମୟରେ ଦୁଇ ଅଭିଯୁକ୍ତ ଏକ ବୋଲେରୋ ଗାଡ଼ିରେ ଭୋଜପୁର ଆସୁଥିଲେ। ରାସ୍ତାରେ ପିଡ଼ିତାକୁ ବସଷ୍ଟାଣ୍ଡରେ ଛାଡ଼ି ଦେବାପାଇଁ ଗାଡ଼ିରେ ବସିବାପାଇଁ କହିଲେ। ପୀଡ଼ିତା ମନା କରିବାରୁ ଜୋରଜବରଦସ୍ତି ବୋଲେରୋ ଗାଡ଼ିରେ ବସାଇ ଭୋଜପୁର ବସଷ୍ଟାଣ୍ଡକୁ ନନେଇ ଜଙ୍ଗଲ ଜାଗାକୁ ନେଇଗଲେ। ସେଠାରେ ତାକୁ ଧର୍ଷଣ କରିଥିଲେ। ପ୍ରଥମେ ଗୁନ୍ଦୁରୁଚୂଆଁ ଜଙ୍ଗଲ ଓ ପରେ ଚିରିଗୋଡ଼ିଖୋଳ ଜଙ୍ଗଲକୁ ନେଇ ଧର୍ଷଣ କରିଥିଲେ। ଏହପରି ଭାବରେ ୩ରୁ ୪ ଜାଗାକୁ ନେଇ ବାରମ୍ବାର ଧର୍ଷଣ କରିଥିଲେ। ଶେଷରେ କଟକ ରେଲୱେ ଷ୍ଟେସନକୁ ନେଇଥିଲେ। ଏହା ଆଗରୁ ପିଡ଼ିତା ତା'ଘରକୁ ନଫେରିବାରୁ ତାର ବାପା କୁଚିଣ୍ଡା ଥାନାରେ ନିଖୋଜ ଅଭିଯୋଗ କରିଥିଲେ। କଟକ ରେଲୱେ ଷ୍ଟେସନରେ ରେଳବାଇ ପୁଲିସ ପୀଡ଼ିତା ଓ ଅଭିଯୁକ୍ତମାନଙ୍କୁ ଧରିଥିଲେ। ପୀଡ଼ିତାର ଠିକଣା ପଚାରି ତା'ର ଘରକୁ ଖବର ଦେଇଥିଲେ। ଏହାପରେ ପୀଡ଼ିତା ପରିବାର କୁଚିଣ୍ଡା ପୁଲିସ ସହାୟତାରେ ପୀଡ଼ିତାକୁ ଉଦ୍ଧାର କରିଥିଲେ। ପିଡ଼ିତାକୁ କଟକରୁ କୁଚିଣ୍ଡାକୁ ନିଆଯାଇଥିଲା। କୁଚିଣ୍ଡା ଥାନାରେ କେସ ନଂ. ୮୫/୨୦-୪-୨୦୧୪ ଦଫା ୩୬୩, ୩୬୬, ୩୭୬, ୩୭୬(ଡି), ୪ ଓ ୬ ପୋକ୍ସୋ ଆକ୍ଟରେ ମାମଲା ରୁଜୁ ହୋଇଥିଲା। କୁଚିଣ୍ଡା ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଗୁରୁବାର ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍ସୋ ବିଚାରପତି ଅଭିଳାଷ ସେନାପତି ୨୨ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ଲକ୍ଷ୍ମୀଧର ମହାପାତ୍ର ଓ ରାଜେନ୍ଦ୍ର ମହାନନ୍ଦିଆଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ଓ ୬ ପୋକ୍ସୋ ଆକ୍ଟରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆଉ ୧ ବର୍ଷ ଲେଖାଏ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ସେହିପରି ଦଫା ୩୬୩ ଆଇପିସିରେ ୪ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜୋରିମାନା (ଅନାଦେୟ ହେଲେ ଆଉ ୪ ମାସ ଅଧିକ) କରିଛନ୍ତି। ସମସ୍ତ ଦଣ୍ଡ ଏକକାଳୀନ ଚାଲିବ ବୋଲି ନିର୍ଦ୍ଦେଶ ରହିଛି। ସରକାରଙ୍କ ପକ୍ଷରୁ ପିଡ଼ିତାଙ୍କୁ ୧୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ବିଚାରପତି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ମାମଲା ପରିଚାଳନା କରିଥିଲେ।

ଅବହେଳିତ ସମ୍ବଲପୁର ହୋମିଓପାଥି କଲେଜ

# ଟଙ୍କା ଥାଇ ମଧ୍ୟ ବିକାଶ ହେଲାନି

**ସମ୍ବଲପୁର, ୧୩।୧୧(ସମିସ)**

ଆଉ ୩ ବର୍ଷ ପରେ କଲେଜ ପାଳିବ ସୁବର୍ଣ୍ଣ ଜୟନ୍ତୀ, କିନ୍ତୁ କଲେଜ ସମ୍ମୁଖରେ ଗେଟ୍ ଆଜି ପର୍ଯ୍ୟନ୍ତ ଲାଗି ପାରିଲା ନାହି।ଏହା କୌଣସି ବେସରକାରୀ କଲେଜର ଘଟଣା ନୁହେ, ସମ୍ବଲପୁର ମାଝିପାଲିରେ ଅବସ୍ଥିତ ହୋମିଓପାଥି କଲେଜର ଦୃଶ୍ୟ।କଲେଜକୁ ଏତେ ବର୍ଷ ବିତିଯାଇଥିଲେ ମଧ ପ୍ରଶାସନିକ ଅବହେଳା ପାଇଁ କଲେଜ ଅବହେଳିତ ଅବସ୍ଥାରେ ପଡ଼ିଛି।

ହୋମିଓପାଥିରେ କ୍ୟାରିଅର କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସମ୍ବଲପୁର ମାଝିପାଲିରେ ରହିଛି ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଏବଂ ରିସର୍ଚ୍ଚ। ଏହି କଲେଜରେ ପ୍ରତି ବର୍ଷ ୩୦ରୁ ଅଧିକ ଛାତ୍ରଛାତ୍ରୀ ନାମ ଲେଖାଇଥାନ୍ତି। କିନ୍ତୁ ଏହି କଲେଜ ବର୍ତ୍ତମାନ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଅନେକ ଗୁଡ଼ିଏ ବିକାଶମୂଳକ କାମ ସମ୍ପୂର୍ଣ୍ଣ ଠପ ହୋଇ ପଡ଼ିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ବିକାଶ ପାଇଁ ସରକାର ଟଙ୍କା ମଞ୍ଜୁର କରୁଛନ୍ତି କିନ୍ତୁ ଆରଆଣ୍ଡବି ବିଭାଗ କାମ କରିପାରୁନାହି। ସରକାର ଓ ବିଭାଗ ସମନ୍ୱୟ ଅଭାବରେ ପେସି ହେଉଛନ୍ତି ଛାତ୍ରଛାତ୍ରୀ। ପ୍ରତି ବର୍ଷ କଲେଜର ବିକାଶ ହେବା ପାଇଁ କୋଟି କୋଟି ଟଙ୍କା ମଞ୍ଜୁର ହେଉଛି, କିନ୍ତୁ ଆରଏଣ୍ଡବି ବିଭାଗ ଟେଣ୍ଡର ଡାକି କାମ ଦେଇ ପାରୁନି। ୧୦ ବର୍ଷ ହେବାକୁ ବସିଲାଣି ପ୍ରେକ୍ଷାଳୟ ନିର୍ମାଣ କାର୍ଯ୍ୟ, ଆଜି ପର୍ଯ୍ୟନ୍ତି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ସବୁଠୁ ଆଶ୍ଚର୍ଯ୍ୟର କଥା କଲେଜ ସମ୍ମୁଖରେ ଗେଟ ଲାଗିନାହି। ତା ମଧ ଟଙ୍କା ଆସିଥିଲେ ମଧ ଗେଟ ଟିଏ ଲଗାଇବାକୁ ବିଭାଗ ଗୁରୁତ୍ୱ ଦେଉନାହି।

ସୂଚନା ଅନୁସାରେ କଲେଜ ହସପିଟାଲ

**ଟେଣ୍ଡର ଡକାଯାଇପାରୁନି**

**୩ ବର୍ଷ ପରେ କଲେଜର ସୁବର୍ଣ୍ଣ ଜୟନ୍ତୀ**

**ମୁଖ୍ୟ ଦ୍ୱାରରେ ଫାଟକ ନାହିଁ**

**ପୂର୍ଣ୍ଣ ହେବା ଆଶାରେ ଅର୍ଦ୍ଧ ନିର୍ମିତ ପ୍ରେକ୍ଷାଳୟ**

ବିଲ୍ଡିଂ, ପାଚେରି, ରାସ୍ତା ଡ୍ରେନ ପାଇଁ ୬୫ ଲକ୍ଷ, କ୍ୟାଣ୍ଟିନ ନିର୍ମାଣ ଓ ଗାଡ଼ିଷ୍ଟାଣ୍ଡ ଲାଗି ୨୨ ଲକ୍ଷ, ପ୍ରଶାସନିକ ବ୍ଲକ ଓ କ୍ଲାସ ରୁମ୍ ଲାଗି ୧ ଲକ୍ଷ ୯୦ ହଜାର, ପ୍ରେକ୍ଷାଳୟ ପାଇଁ ୩ ଲକ୍ଷ ୯୪ ହଜାର, କଲେଜର ପ୍ରଥମ ମହଲା ଓ ଡାକ୍ତରଖାନା ଲାଗି ୫୫୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିରୁ କିଛି କାମ ଆରଏଣ୍ଡବି ବିଭାଗ କାମ କରିଛି। ହେଲେ ଅନେକ କାମ ଅଟକି ରହିଛି। ସେହିପରି (୨୦୨୨-୨୩)ରୁ(୨୦୨୩-୨୪)ରେ ଲେଡିଜ ହଷ୍ଟେଲର ଦ୍ୱିତୀୟ ମହଲା ଲାଗି ୧୨୦.୭୧୧ ଲକ୍ଷ, ନୂତନ ଷ୍ଟାଫ କ୍ୱାର୍ଟର ଲାଗି ୩୧୩.୩୦୬



ଲକ୍ଷ ଟଙ୍କା ଆସିଥିଲା। ସେହପରି(୨୦୨୪-୨୫)ରୁ(୨୦୨୫-୨୬) ବର୍ଷ ଲାଗି ପ୍ରିନ୍ସପାଲ, ପ୍ରଫେସର ଓ ଷ୍ଟାଫ କ୍ୱାର୍ଟର ପାଇଁ ୮ କୋଟି ୮୯ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ପୁରୁଷ ଓ ମହିଳା ହଷ୍ଟେଲ ନବୀକରଣ ଓ ମରାମତି ଲାଗି ୧୭ ଲକ୍ଷ ୬୦ ହଜାର ଓ ୮ ଲକ୍ଷ ୮୦ ହଜାର ଟଙ୍କା ଲେଖାଏଁ ମଞ୍ଜୁର ହୋଇଛି। ହେଲେ କଲେଜରେ ବର୍ତ୍ତମାନ ସୁଦ୍ଧା ଅନେକ ଗୁଡିଏ କାମ ଆରମ୍ଭ ହୋଇନାହି। ବାରମ୍ବାର ଅଭିଯୋଗ ପରେ ମଧ ପ୍ରେକ୍ଷାଳୟ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ମହିଳା ହଷ୍ଟେଲର ଛାତ୍ରୀଙ୍କ ସଂଖ୍ୟା ବଢ଼ିଛି, ତେଣୁ ଦ୍ୱିତୀୟ ମହଲା କାମ ହେବାର ରହିଥିଲା। ତାହା ମଧ ଅଟକି ରହିଛି। ସରକାର ଆୟୁଷ ବିଭାଗ ଲାଗି ଟଙ୍କା ମଞ୍ଜୁର କରୁଥିଲେ ମଧ କେଉଁ କାରଣରୁ ସମ୍ବଲପୁର ହୋମିଓପାଥି କଲେଜର ବିକାଶ ଅଟକି ରହିଛି ତାହା ପ୍ରଶ୍ନ ଘେରରେ ରହିଛି।ମଞ୍ଜୁର ଟଙ୍କାକୁ ବିକାଶ କାମରେ ଲଗାଯାଇପାରୁନି, ଫଳରେ କାମ ନ ହୋଇ ଟଙ୍କା ଫେରି ଯାଉଛି।କଲେଜରୁ ରାସ୍ତା ପାଚେରି କାମ ହୋଇଥିଲା କଲେଜର ଭାରପ୍ରାପ୍ତ ଅଧକ୍ଷ ଡ. ଦିପ୍ତିକାନ୍ତ ସିଂ କହିଛନ୍ତି। ସେ କହିଛନ୍ତି, ପୂର୍ବରୁ ଟେଣ୍ଡର ଡକାଯାଇଥିଲେ ମଧ କେହି ଆସିନଥିଲେ। ତେଣୁ କାମ ବନ୍ଦ ରହିଛି। ପରେ ଟେଣ୍ଡର ହୋଇଥିଲେ ମଧ କାମ ହୋଇ ପାରିନାହି ବୋଲି ସେ ପ୍ରକାଶ କରିଛନ୍ତି। ଏନେଇ ଆରଏଣ୍ଡବି ମୁଖ୍ୟ ଯନ୍ତ୍ରୀଙ୍କୁ ଯୋଗାଯୋଗ ହୋଇପାରିନାହି। ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେଇ ସରକାର, କଲେଜ କର୍ତ୍ତୃପକ୍ଷ ଓ ଆରଆଣ୍ଡବି ତୁରନ୍ତ ବିକାଶ କାମକୁ ଆଗେଇ ନେବାକୁ ଦାବି ହୋଇଛି।

# ପଦ୍ମପୁର ଉପଜିଲ୍ଲାପାଳଙ୍କୁ ଭେଟିଲେ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧି

**ପଦ୍ମପୁର, ୧୩।୧୧(ସମିସ):** ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରଗୁଳାଙ୍କୁ ତାଙ୍କର ଅଫିସ ପ୍ରକୋଷ୍ଠରେ ପଦ୍ମପୁରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ସାକ୍ଷାତ କରିଛନ୍ତି। ପଦ୍ମପୁର ସହରର ବିଭିନ୍ନ ସମସ୍ୟା ଗୁଡ଼ିକୁ ଦର୍ଶାଇ ଏହାର ନିରାକରଣ ପାଇଁ ଅନୁରୋଧ କରିଥିଲେ। ପଦ୍ମପୁର ସହରାଞ୍ଚଳକୁ ପିଇବା ପାଣି ପାଇଁ ଅଙ୍ଗ ନଦୀ ଉପରେ ଦରବେଖୋଲା ଠାରେ ନିର୍ମାଣାଧୀନ ବ୍ୟାରେଜର ଅଗ୍ରଗତି ଓ ଆଗାମୀ ଗ୍ରୀଷ୍ମ ଋତୁରେ ଜନସାଧାରଣ ପିଇବା ପାଣିର ଯେମିତି ଅସୁବିଧାର ସମ୍ମୁଖୀନ ନ ହେବେ ସେ ନେଇ ବିସ୍ତୃତ ଆଲାଚନା ହୋଇଥିଲା। ବିଭିନ୍ନ ବିଭାଗର ଅଧିକାରୀ ଯଥା ଜଳସେଚନ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ସହିତ ଯୁଗ୍ମ ବୈଠକ କରିବା ପାଇଁ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇ ଥିଲା। ସଦସ୍ୟ ମାନେ ଭେଉଁରିଆ ଛକରେ ଟ୍ରାଫିକ ନିୟନ୍ତ୍ରଣ କରିବା ପାଇଁ ଅଧିକ ପୁଲିସ କର୍ମଚାରୀମାନଙ୍କ ନିଯୁକ୍ତି ସକାସେ ବିଭାଗର ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଶୀଘ୍ର ଟ୍ରାଫିକ ସିଗନାଲକୁ କାର୍ଯ୍ୟକ୍ଷମ କରାଯିବା ପାଇଁ ଉପଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ବୈଠକରେ ନାଗରିକ କମିଟିର ସଭାପତି ଉମେଶ ଚନ୍ଦ୍ର ସାହୁ, ଓକିଲ ସଂଘର ସଭାପତି ରାମରତନ ପୁରୋହିତ, ସମ୍ପାଦକ ଚିନ୍ମୟ ପଣ୍ଡା, ବଣିକ ସଂଘର ସଭାପତି ପ୍ରତାପ ମିଶ୍ର, ଓକିଲ ସଂଘର ବରିଷ୍ଠ ସଦସ୍ୟ ଗୌନ୍ତିଆ ସାହୁ, ବରିଷ୍ଠ ନାଗରିକ ଗୋବିନ୍ଦ ପ୍ରସାଦ ଅଗ୍ରବାଲ, ଓକିଲ ସଂଘର ପୂର୍ବତନ ସଭାପତି ସନ୍ତୋଷ ଶତପଥୀଙ୍କ ସହିତ ଆଶା ଓ ସକ୍ୱାରର ସଭାପତି, ସାମାଜିକ କର୍ମୀ ନିରୋଜ ଦୋରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ଦୁର୍ଘଟଣାରେ ଗୁରୁତର ଆହତ ଶିକ୍ଷକଙ୍କ ମୃତ୍ୟୁ

**ସୋହେଲା, ୧୩।୧୧(ସମିସ):** ବାଇକ୍ ଦୁର୍ଘଟଣାରେ ଆହତ ସୋହେଲା ବ୍ଲକ ପାଣିମୋରା ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଦେବଦତ୍ତ ସାହୁଙ୍କ ଆଜି ପରଲୋକ ଘଟିଛି। ଶନିବାର ସ୍କୁଲ ଛୁଟି ପରେ ନିଜ ଗାଁକୁ ଫେରିବା ସମୟରେ ପାଣିମୋରା ନାଲା ନିକଟରେ ତାଙ୍କୁ ଏକ ବାଇକ ଚାଳକ ଧକ୍କା ଦେଇଥିଲା। ଗୁରୁତର ଦେବଦତ୍ତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ସୋହେଲା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରା ଯାଇଥିଲା। ପରେ ବୁର୍ଲାରୁ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଉନ୍ନତି ନହେବାରୁ ଗତକାଲି ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ନେଇଥିଲେ। ଶେଷରେ ଆଜି ଭୋର ପ୍ରାୟ ୪ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୪୫ ବର୍ଷ ବୟସ ହୋଇଥିଲା। ଶିକ୍ଷକ ଦେବଦତ୍ତଙ୍କ ବିୟୋଗରେ ଆଜି ପାଣିମୋରା ଉଚ୍ଚ ବିଦ୍ୟାଳୟରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସହକର୍ମୀ ତଥା ଛାତ୍ରଛାତ୍ରୀ ତାଙ୍କ ପ୍ରିୟ ଶିକ୍ଷକଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷକ ଦେବଦତ୍ତ ସୋହେଲା ବ୍ଲକର କନଗାଁ ଗାଁରେ ଜନ୍ମଗ୍ରହଣ କରିଥିଲେ। ସ୍ୱର୍ଗତ ଦେବଦତ୍ତ ତାଙ୍କ ପଛରେ ୧୧ ଏବଂ ୪ ବର୍ଷର ଦୁଇ ପୁତ୍ର ସନ୍ତାନ ତଥା ବିଧବା ପତ୍ନୀଙ୍କୁ ଛାଡି ଚାଲିଯାଇଛନ୍ତି। ଶିକ୍ଷକଙ୍କ ଅକାଳ ବିୟୋଗରେ ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷକ ସଂଘ ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ମୃତ୍ୟୁରେ ଶୋକ ବ୍ୟକ୍ତ କରିଛନ୍ତି।



# ଗଞ୍ଜେଇ ଭର୍ତ୍ତି କାର୍ ଜଳିଗଲା

**ମ.ରାମପୁର, ୧୩।୧୧(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ନିକଟସ୍ଥ କେନ୍ଦୁଘାଟି ପାଖରେ ଏକ ଗଞ୍ଜେଇ ଭର୍ତ୍ତି ଇନୋଭା କାର୍ ଜଳି ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଛି। ବୁଧବାର ବିଳମ୍ବିତ ରାତିରେ ଏକ ନମ୍ବର ବିହୀନ ଗଞ୍ଜେଇ ଭର୍ତ୍ତି କାର୍ ମ.ରାମପୁର ଅଭିମୁଖେ ଯାଉଥିବା ସମୟରେ କୈଣସି ସୂତ୍ରରୁ ଖବର ପାଇ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ପୁଲିସ କାର୍ ପିଛା କରିଥିଲା। ଦ୍ରୁତ ଗତିରେ ଯାଉଥିବା କାର୍‌ରେ କୌଣସି କାରଣରୁ ନିଆଁ ବାହାରି କେନ୍ଦୁଘାଟି ନିକଟରେ ଜଳିଯାଇଥିଲା। ଗଞ୍ଜେଇ ସହ ଗାଡ଼ି ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ହେଲେ ଗାଡ଼ିରେ ଥିବା ୫ଜଣ ଦୁର୍ବୃତ୍ତ ଚତୁରତାର ସହ ଗାଡି ଛାଡି ଘଟଣାସ୍ଥଳରୁ ଫେରାର ମାରିଥିଲେ। ପରେ ମ.ରାମପୁର ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ହେଁ ଗାଡିଟି ସମ୍ପୂର୍ଣ୍ଣ ପୋଡି ଯାଇଥିଲା। ପରେ ମ.ରାମପୁର ପୁଲିସ ଗାଡିକୁ ଉଦ୍ଧାର କରି ମ.ରାମପୁର ଥାନାକୁ ଆଣି ଘଟଣାର ତଦନ୍ତ ଜାରି ରଖିଛି।



# ମିନି ଷ୍ଟାଡିୟମରେ ସାଂସଦ ଖେଳକୁଦ ମହୋତ୍ସବ

**ରେଢ଼ାଖୋଲ, ୧୩।୧୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ମିନି ଷ୍ଟାଡିୟମରେ ଗୁରୁବାର ଦିନ ପ୍ରଥମ ଦିନର ସାଂସଦ ଖେଳକୁଦ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି।ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ, ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସେନାପତି ତହସିଲଦାର ରାମ ଗୋବିନ୍ଦ ପରିଡ଼ା, ବ୍ଲକ ଶିକ୍ଷା ଅଧିକାରୀ ରଞ୍ଜିତ ଭୋଇ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା, ଏନ୍‌ଏସି ଅଧକ୍ଷ ଶିବରାମ ସାହୁ, ଉପାଧକ୍ଷା ଅନୁସୟା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ସହକାରୀ ଜିଲ୍ଲାପାଳ ଅଜିତ ଦେହୁରୀ, ବିଜେପି ନଗର ସଭାପତି ସୁଷମା ମୁଣ୍ଡା, ବରିଷ୍ଠ ବିଜେପି ନେତା ପ୍ରତାପ ପ୍ରଧାନ, ଜୋସ୍ନା ଦାଶ ଶର୍ମା ପ୍ରମୁଖ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।ଏଥିରେ ପୁରୁଷ ଜୁନିୟର ବର୍ଗରେ ୧୦୦ ମିଟର ଦୌଡରେ ପ୍ରଥମ ମଳୟ ରଞ୍ଜନ ମିଶ୍ର, ୨୦୦ ମିଟର ପ୍ରଥମ କୃଷ୍ଣଚନ୍ଦ୍ର ମାଝୀ, ଡିସକସ ଥ୍ରୋ ପ୍ରଥମ ବୁଦ୍ଧେଶ୍ୱର ଭୋଇ ସଟପୁଟରେ ପ୍ରଥମ ଶକ୍ତି ସେଠୀ। ମହିଳା ଜୁନିଅର ୧୦୦ମିଟର ଦୌଡ ପ୍ରଥମ ସୋନାମୀ କ୍ଷେତ।୨୦୦ ମିଟରରେ ପ୍ରଥମ ସିପି ବେହେରା। ଡିସକସ ଥ୍ରୋ ପ୍ରଥମ ଅର୍ଚ୍ଚିତା ଦେହୁରୀ ସଟ୍‌ପୁଟ ପ୍ରଥମ ଶ୍ରୁତି ପ୍ରଧାନ।ଏମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଚୟନ ହୋଇଛନ୍ତି। କାର୍ଯ୍ୟକ୍ରମକୁ ଶିକ୍ଷକ ଅନିଲ ମେହେର ପରିଚାଳନା କରିଥିଲେ।ବିଚିତ୍ରାନନ୍ଦ ସାହୁ, ରାମାନୁଜ ମହାପାତ୍ର, ବୁର୍ଡା ସରପଞ୍ଚ ରାଜା ପାଲ, ରବି ନାରାୟଣ ରଥ, ଅମର ସିଂ, ସୂର୍ଯ୍ୟ ପ୍ରକାଶ ମହାପାତ୍ର, ଅନିଲ ପୃଷ୍ଟି, ଧରଣିଧର ସାହୁ, ମନୋଜ ପ୍ରଧାନ, ସୁରେଶ ଭିତିରିଆ, କୁର୍ତ୍ତୀ ବାସ ପ୍ରଧାନ, ଜଗା ସିଂହ ଯୁଜେଷ୍ଟି ବାଜେଣୀ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜକ ଉଦୟ ପ୍ରତାପ ସିଂହ ଦେଓ ଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଅଞ୍ଚଳର ସମସ୍ତ ସ୍କୁଲ କଲେଜର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।



# ମହିଳା ମହାବିଦ୍ୟାଳୟରେ ନିଶାମୁକ୍ତି ସଚେତନତା ଅଭିଯାନ



**ସମ୍ବଲପୁର, ୧୩।୧୧ (ସମିସ) :** ସରକାରୀ ମହିଳା ମହାବିଦ୍ୟାଳୟ ଆମ ଗୌରବ ଆମ କଲେଜ ଆନୁକୂଲ୍ୟରେ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରାଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କ୍ରାଇମ୍‌ବ୍ରାଞ୍ଚ ନିରୀକ୍ଷକ ଉମେଶ ଚନ୍ଦ୍ର ବେହେରା, ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ଅନୁଷ୍ଠାନର ଜୈବ-ପ୍ରଯୁକ୍ତି ଏବଂ ଭେଷଜ ପ୍ରଯୁକ୍ତି ବିଭାଗର ପ୍ରଫେସର ଚିତ୍ତରଞ୍ଜନ ଭୋଇ, ଭାରତୀୟ ସେନାର ସୁବେଦାର ଅଙ୍ଗ୍ରୋଜ ଛନ୍ଦ, ଅବସରପ୍ରାପ୍ତ ସେନା ଅଧିକାରୀ ମୁରଲୀଧର ପ୍ରଧାନ ଯୋଗ ଦେଇଥିଲେ। ଅତିଥି ଶ୍ରୀ ବେହେରା କହିଲେ ଯେ, ଅଧୁନା ଜନଜାଗରଣରେ ନାରୀମାନଙ୍କ ଭୂମିକା ସର୍ବାପେକ୍ଷା ଅଗ୍ରଗଣ୍ୟ ହୋଇଥିବାରୁ ସେମାନଙ୍କର ପ୍ରୟାସ ନିଶାମୁକ୍ତି ଅଭିଯାନକୁ ସଫଳ କରିପାରିବ। ଏହାସହିତ ସେ ଉଦବେଗ ପ୍ରକାଶ କରି କହିଥିଲେ ଯେ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଶିକ୍ଷିତା ନାରୀମାନେ ମଧ୍ୟ ନିଶା ରାକ୍ଷସର କବଳିତ ହେଉଛନ୍ତି। ତେଣୁ ଛାତ୍ରୀମାନେ ଏ ଦିଗରେ ସଚେତନ ଓ ସାବଧାନ ହେବା ଉଚିତ। ପ୍ରଫେସର ଭୋଇ ଉଦବେଗ ପ୍ରକାଶ କରି କହିଥିଲେ ଯେ ଶିକ୍ଷିତ ସମାଜ ସର୍ବାଧିକ ନିଶାସକ୍ତ ହୋଇ ନିଶାସକ୍ତହେବା ଆଭିଜାତ୍ୟର ଲକ୍ଷଣ ବୋଲି ଗ୍ରହଣ ନେଇଛନ୍ତି। ଏଣୁ ନିଶାସେବନର କ୍ଷତିକାରକ ଦିଗ ଉପରେ ଉପରେ ସେମାନେ ସତର୍କ ହେବା ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ନଚେତ୍ ବିକଶିତ ଓଡ଼ିଶା ଓ ଭାରତର ସ୍ୱପ୍ନ ସୁଦୂର ପରାହତ ହେବ। ସୁବେଦାର ଶ୍ରୀ ଛନ୍ଦ ନାରୀମାନେ ହିଁ ସମାଜକୁ ନିଶାମୁକ୍ତି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ମତପ୍ରକାଶ କରିଥିଲେ। ଶ୍ରୀ ପ୍ରଧାନ ସୁସ୍ଥ ଜୀବନଚର୍ଯ୍ୟାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଭୋଜରାଜ ରୋହିଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବାବେଳେ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

କୁଚିଣ୍ଡା ତହସିଲରେ ଆଉ ଏକ ଜମି କେଳେଙ୍କାରୀ

# ଜିଲ୍ଲାପାଳ, କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଅଭିଯୋଗ

**କୁଚିଣ୍ଡା, ୧୩।୧୧(ସମିସ)**

ବିବାଦ ପିଛା ଛାଡୁନାହିଁ କୁଚିଣ୍ଡା ତହସିଲର।କୁଚିଣ୍ଡା ତହସିଲର ଗୋଟିଏ ପରେ ଗୋଟିଏ ଜମି କେଳେଙ୍କାରୀ ମାମଲା ଲୋକଲୋଚନକୁ ଆସିବା ପରେ ଜନସାଧାରଣରେ କାର୍ଯ୍ୟାଳୟ ପ୍ରତି ଅବିଶ୍ୱାସର ବାତାବରଣ ସୃଷ୍ଟି ହେଉଛି। କିଛି ଦିନ ତଳେ ଏକ ଜମି କେଳେଙ୍କାରୀ ମାମଲାରେ କୁଚିଣ୍ଡାର ତହସିଲଦାର ମିତାଲି ମଧୁମିତା ଦଳାଇ ନିଲମ୍ବିତ ହେବା ସହିତ ଭୁଲ ରିପୋର୍ଟ ପ୍ରଦାନ କରିଥିବାରୁ କୁଚିଣ୍ଡାର ଆରଆଇ ଅର୍ଜୁନ ବାଗ ମଧ ନିଲମ୍ବିତ ହୋଇଥିଲେ। ମାତ୍ର ଏହି ନୂତନ ମାମଲାରେ କୁଚିଣ୍ଡାର ଅତିରିକ୍ତ ତହସିଲଦାର ଅନିମା ସୋରେଙ୍ଗ ଏବଂ ପାରୁଆଭାଡ଼ିର ତତ୍କାଳୀନ ଆରଆଇ ଯୋଗେଶ କୁମାର ହସ୍ତୀଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ, କୁଚିଣ୍ଡା ତହସିଲ ଅଧିନସ୍ଥ ରାମତିଲେଇମାଲ ଗ୍ରାମର ସ୍ୱର୍ଗତ ଛାଲ ପଟେଲଙ୍କ ଖାତା ନଂ ୧୨୦ରେ ମୋଟ୧୯ ଏକର ୧୩ ଡିସିମିଲ ଚାଷ ଜମି ରହିଥିବା ବେଳେ ଖାତା ନଂ ୧୨୧ରେ ୧୧ଡିସିମିଲ ଘରବାରି ଜମି ରହିଥିଲା। ଛାଲଙ୍କ ତିନି ପୁଅ ମଦନ, ମହେଶ୍ୱର ଓ ଭଗବାନଙ୍କ ମଧ ଇତି ମଧ୍ୟରେ ମୃତ୍ୟୁ ହୋଇଯାଇଛି।ତେବେ ବଡ ପୁଅ ମଦନଙ୍କ କୌଣସି ସନ୍ତାନ ସନ୍ତତି ନ ଥିବାରୁ ସେ ତାଙ୍କର ଭଣଜା ନିତ୍ୟାନନ୍ଦ ନାୟକଙ୍କୁ ପୋଷ୍ୟପୁତ୍ର କରି ରଖିଥିଲେ ଏବଂ ତାଙ୍କ ନାମରେ ଗତ ୨୪.୨.୧୯୮୭ମସିହାରେ କିଛି ଜମିବାଡି ଉଇଲ କରିଦେଇଥିଲେ। ଇତି ମଧ୍ୟରେ ମଦନଙ୍କ ମୃତ୍ୟୁ ପରେ ଉକ୍ତ ଜମିବାଡ଼ିକୁ ନିଜ ନାମରେ କରିବା ପାଇଁ ନିତ୍ୟାନନ୍ଦ ଅନଲାଇନରେ ଆବେଦନ କରିଥିଲେ। କୁଚିଣ୍ଡା ତହସିଲରେ ମ୍ୟୁଟେସନ କେସ ନଂ ୭୦୫/ ୨୦୨୫ରେ ଖାତା ନଂ ୧୨୧ର ଜମି ପାଇଁ ଏବଂ ମ୍ୟୁଟେସନ କେସ ନଂ ୧୫୫୮/ ୨୦୨୫ ରେ ଖାତା ନଂ ୧୨୦ରେ ଜମି ଉପରେ ଶୁଣାଣି ହୋଇଥିଲା। ଉଭୟର ଶୁଣାଣି କୁଚିଣ୍ଡାର ଅତିରିକ୍ତ ତହସିଲଦାର ଅନୀମା ସୋରେଙ୍ଗ କରିଥିଲେ। ଏହି କେସ ଗୁଡ଼ିକର ଶୁଣାଣି ବେଳେ ଆପତ୍ତି ଅଭିଯୋଗ କରିବା ପାଇଁ ସାଧାରଣରେ ନୋଟିସ କରାଯାଇଥିବା ବେଳେ ନିୟମକୁ ଉଲ୍ଲଂଘନ କରି ଏହି ଦୁଇ ଖାତାର ଅନ୍ୟ ଅଂଶୀଦାର ତଥା ଛାଲଙ୍କ ମଝିଆ ପୁଅ ମୃତ

**ସନ୍ଦେହ ଘେରରେ ଅତିରିକ୍ତ ତହସିଲଦାର ଓ ଆର୍‌ଆଇଙ୍କ ଭୂମିକା**

ମହେଶ୍ୱରଙ୍କ ସ୍ତ୍ରୀ ଉଦିଆ କିମ୍ବା ତାଙ୍କ ପୁଅ ପ୍ରଶାନ୍ତଙ୍କୁ ଏବଂ ଅନ୍ୟତମ ଅଂଶୀଦାର ମୃତ ଭଗବାନଙ୍କ ସ୍ତ୍ରୀ ଯଶୋବନ୍ତୀ କିମ୍ବା ତାଙ୍କ ଝିଅ ସନ୍ତୋଷିନୀଙ୍କୁ ପାରୁଆଭାଡିର ତତ୍କାଳୀନ ଆରଆଇ ଯୋଗେଶ କୁମାର ହସ୍ତୀ ମନ୍ଦ ଉଦ୍ଦେଶ୍ୟ ରଖି କୌଣସି ନୋଟିସ କରି ନ ଥିବା ଅଭିଯୋଗ ହୋଇଛି। ଫଳରେ ଉଭୟ ପକ୍ଷ ଏହାର ଶୁଣାଣି ବେଳେ ଉପସ୍ଥିତ ନ ରହିବାରୁ ଅତିରିକ୍ତ ତହସିଲଦାର ଅନିମା ସୋରେଙ୍ଗ ଏକ ପାଖିଆ ଭାବେ ଏହାର ଶୁଣାଣି କରି ନିତ୍ୟାନନ୍ଦଙ୍କ ନାମରେ ଆବେଦନ କରିଥିବା ଜମିର ପଟ୍ଟା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି କେଶରେ ଅତିରିକ୍ତ ତହସିଲଦାର ଏବଂ ପାରୁଆଭାଡିର ତତ୍କାଳୀନ ଆରଆଇଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକଟ କରି ଏହି ଦୁଇ ଖାତାର ଅନ୍ୟତମ ଅଂଶୀଦାର ସ୍ୱର୍ଗତ ମହେଶ୍ୱରଙ୍କ ପୁଅ ପ୍ରଶାନ୍ତ ଏବଂ ସ୍ୱର୍ଗତ ଭଗବାନଙ୍କ ଝିଅ ସନ୍ତୋଷିନୀ ଏହାର ତଦନ୍ତ କରି ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପଟ୍ଟାକୁ ଖାରଜ କରିବା ପାଇଁ ଏବଂ ବେଆଇନ କାମ କରିଥିବା କୁଚିଣ୍ଡାର ଅତିରିକ୍ତ ତହସିଲଦାର ଏବଂ ପାରୁଆଭାଡ଼ିର ତତ୍କାଳୀନ ଆରଆଇଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଗତ ୨୬.୮.୨୦୨୫ ଦିନ ସମ୍ବଲପୁର ଜିଲ୍ଲାପାଳ ଏବଂ କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ପ୍ରଶାନ୍ତ ଅଭିଯୋଗ କରିଛନ୍ତି ଯେ, ଚଞ୍ଚକତା କରି ସେ ରହୁଥିବା ଘରର ପ୍ଲଟକୁ ବି ନିତ୍ୟାନନ୍ଦଙ୍କ ନାମରେ କରି ଦିଆଯାଇଛି। ଯେଉଁ ପ୍ଲଟକୁ ସେ ଦୀର୍ଘ ୫୦/୬୦ ବର୍ଷ ହେବ ଭୋଗ ଦଖଲ କରି ଆସୁଛନ୍ତି। ଏଣୁ ଏହା ପଛରେ ଏକ ବଡ ଧରଣର ଆର୍ଥିକ କାରବାର ହୋଇଥିବା ସେ ଅଭିଯୋଗ କରୁଛନ୍ତି। ତେବେ ଏହି ଅଭିଯୋଗ ବାବଦରେ ମତାମତ ପାଇଁ ଅତିରିକ୍ତ ତହସିଲଦାର ଆନିମା ସୋରେଙ୍ଗଙ୍କୁ ତାଙ୍କର ମତାମତ ପାଇଁ ଯୋଗାଯୋଗ କରିବାରୁ ସେ କହିଲେ ଯେ, ଉକ୍ତ ଦୁଇ ଖାତାର ଅନ୍ୟ ଅଂଶୀଦାର ମାନଙ୍କୁ ନୋଟିସ କରା ଯାଇ ନ ଥିବା ଅଭିଯୋଗ ସତ ତେବେ ନୋଟିସ କରିବା ସମ୍ପୃକ୍ତ ଆରଆଇଙ୍କ କାମ ନୋଟିସ କରା ନ ଯାଇଥିବା ବାବଦରେ ମୁଁ ଯେତେବେଳେ ଜାଣିଲି ସେତେବେଳକୁ ପଟ୍ଟା ପ୍ରଦାନ କରାଯାଇ ସାରିଥିଲା ଏଣୁ ମୁଁ କିଛି କରି ପାରିଲି ନାହିଁ ବୋଲି କହିଥିଲେ। ତେବେ ପଟ୍ଟା ପ୍ରଦାନ ବେଳେ କୁଚିଣ୍ଡା ତହସିଲରେ ଏତେ ସବୁ ବେଆଇନ କାମ ହେଉଥିବାରୁ ଏହି ତହସିଲର କର୍ମଚାରୀ ଏବଂ ଅଧିକାରୀ ପ୍ରତି ଜନସାଧାରଣରେ ଏକ ଅବିଶ୍ୱାସର ଭାବନା ସୃଷ୍ଟି ହେଉଛି।

**OFFICE OF THE GENERAL SECRETARY, OSSTA, NAYASARAK, CUTTACK**

Wanted two young proactive & driven male candidate for the post of Jr. Clerk cum Data Entry Operator & one peon for our office on contractual basis.

Candidate for Data Entry Operator must know how to use a computer & should be versed with MS-Office, Page Maker, Adobe Photoshop, Coreldraw & Typing in Hindi, Odia & English with a minimum speed of 60 words per minute with PGDCA from a recognized Institution. Salary is negotiable & more preference will given to MCA candidates.

Interested candidates can apply to the **General Secretary, OSSTA, At-Nayasarak, Po- Chandini Chowk, Dist- Cuttack, Pin- 753002** with their C.V.(Bio-Data) with all testimonials latest by 10th December 2025.

**General Secretary, OSSTA,**
**Nayasarak, Cuttack-2**

ସକାଳ
THE SAKALA

# ସମ୍ପାଦକୀୟ



ଜାତୀୟ ସୁରକ୍ଷା ସହିତ ଭାରତ କେବେ ବି ରାଜନୀତି କିମ୍ବା ସାଲିସ୍ କରିନାହିଁ।
-ଅଟଳ ବିହାରୀ ବାଜପେୟୀ

## ବନ୍ଦୋବସ୍ତ ସଂସ୍କାର

ଜମିଜମା ପ୍ରସଙ୍ଗ ଜନସାଧାରଣ ଓ ସରକାର(ରାଜା ଓ ପ୍ରଜା) ଉଭୟଙ୍କ ପାଇଁ ଏକ ଜଞ୍ଜାଳ। କିନ୍ତୁ ଏ ସମ୍ପର୍କିତ ପ୍ରଚଳିତ ଆଇନ୍ କାନୁନ, ନୀତି ନିୟମ ଅନାବଶ୍ୟକ ଭାବେ ଏତେ ଜଟିଳ ଯେ ଏଥିଯୋଗୁଁ ଏହାଦ୍ୱାରା ଜମି କ୍ରେତା ଓ ବିକ୍ରେତା ହନ୍ତସନ୍ତ ହେବା ସହିତ ବିଭିନ୍ନ କୋର୍ଟକଚେରିରେ ମାମଲା ବୋଝ ବଢ଼ିଚାଲିଛି। ଏଥିସହିତ ସରକାର ମଧ୍ୟ ଅଯଥା ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଜମି ମାଲିକଙ୍କ ନାମରେ ଜମିର ମାଲିକାନା ରେକର୍ଡଭୁକ୍ତ ବା ପଟ୍ଟା ପ୍ରଦାନ ପାଇଁ ଉଦ୍ଦିଷ୍ଟ ନିୟମାବଳୀର ସଂଶୋଧନ ପାଇଁ ବହୁଦିନରୁ ଦାବି ହୋଇଆସୁଥିଲା। ସୁଖର କଥା ରାଜ୍ୟ ସରକାର ସେ ଦିଗରେ ଆନ୍ତରିକତା ପ୍ରକାଶ କରିଛନ୍ତି। ଏ ସମ୍ପର୍କିତ 'ଓଡ଼ିଶା ସର୍ଭେ ଆଣ୍ଡ ସେଟଲ୍‌ମେଣ୍ଟ ରୁଲ୍‌ସ'କୁ ସଂଶୋଧନ କରିବା ପାଇଁ ଆଗତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଏହା କ୍ୟାବିନେଟ୍ ମଞ୍ଜୁରୀ ପାଇ ସରକାରୀ ବିଜ୍ଞପ୍ତି ଆକାରରେ ପ୍ରକାଶ ପାଇବା ପରେ କାର୍ଯ୍ୟକାରୀ ହେବା ପାଇଁ ଆଉ କିଛିଦିନ ଲାଗିପାରେ। ତେବେ ସରକାରୀ ଇଚ୍ଛାଶକ୍ତି ବଳରେ ତାହା ମଧ୍ୟ ଅଚିରେ ସମ୍ଭବ। ଯାହା ଆଦୌ ହେଉନଥିଲା ତାହା ଏବେ ହେବାକୁ ଯାଉଥିବାରୁ କିଛି ସମୟ ପ୍ରତୀକ୍ଷା କଲେ ମନ୍ଦ ନୁହେଁ।

ଜମିଜମା ରେକର୍ଡ ମାମଲା ମଧ୍ୟରୁ ସବୁଠାରୁ ଜଟିଳ ହେଉଛି ବନ୍ଦୋବସ୍ତ ଶିବିର ବା ସେଟଲ୍‌ମେଣ୍ଟ କ୍ୟାମ୍ପ ସହିତ ଜଡ଼ିତ ଆନୁଷଙ୍ଗିକ ପ୍ରସଙ୍ଗ। ପ୍ରଚଳିତ ନିୟମ ଅନୁସାରେ ବନ୍ଦୋବସ୍ତ କ୍ୟାମ୍ପରେ ଦୀର୍ଘବର୍ଷର ଜମିର ସ୍ୱତ୍ୱାଧିକାର ସଂଶୋଧନ ହେବାର ବ୍ୟବସ୍ଥା ଥିବା ବେଳେ ଯଦି କେହି କ୍ରେତା କ୍ୟାମ୍ପ ବିଷୟରେ ଜାଣିପାରୁ ନାହାନ୍ତି ତେବେ ତାଙ୍କୁ ରାଜସ୍ୱ ପରିଷଦ ଓ ସଂଶୋଧନ ଅଦାଲତରେ ଆବେଦନ କରିବାକୁ ପଡୁଛି। ଏହି ପ୍ରକ୍ରିୟାଟି ଏତେ ଜଟିଳ ଯେ ଏଥିରେ କ୍ରେତା ବା ପକ୍ଷଭୁକ୍ତ କୋର୍ଟକୁ ଦୌଡ଼ି ଓକିଲଙ୍କ ପିଛା ଖର୍ଚ୍ଚ କରି କରି ନୟାନ୍ତ ଓ ଖର୍ଚ୍ଚାନ୍ତ ହେଉଥିବା ବେଳେ ସରକାରଙ୍କ ଅଯଥା କୋର୍ଟ, ବିଚାରପତି, କର୍ମଚାରୀ, ଅଧିକାରୀ ଆଦି ନିଯୁକ୍ତି, ଦରମା ବାବଦ ଖର୍ଚ୍ଚ ବୋଝ କେବଳ ବଢ଼ିବା ହିଁ ସାର ହେଉଛି। ଏପରିକି ସେଟଲ୍‌ମେଣ୍ଟ କୋର୍ଟରେ କାର୍ଯ୍ୟରତ ପୂର୍ବତନ ବିଚାରପତି ଓ ଅଧିକାରୀ, ପୂର୍ବତନ ତହସିଲ୍‌ଦାର ଓ ଜିଲ୍ଲାପାଳ, ଉପଜିଲ୍ଲାପାଳସ୍ତରୀୟ ଅଧିକାରୀମାନେ ମଧ୍ୟ ଅବସର ପରେ ସରକାରୀ କ୍ଷମତା ନଥିବାରୁ ଏପରି ମାମଲାରେ ଧନ୍ଦି ହେଉଥିବା ଦେଖାଯାଉଛି। ସାଧାରଣ ଲୋକଙ୍କ କଥା କଣ କହିବା? ଏଥିରେ ନା ତ ସରକାରଙ୍କ ନା ଲୋକଙ୍କର କାହାର କିଛି ଲାଭ ହେଉନାହିଁ। କେବଳ ଓକିଲଙ୍କ ପାଇଁ ଏହା ଆୟର ଏକ ସୁଗମ ରାସ୍ତା ହୋଇପାରିଛି।

ଯେଉଁମାନେ ଅଜ୍ଞାନବଶତଃ ସେଟଲ୍‌ମେଣ୍ଟ କ୍ୟାମ୍ପ ବିଷୟରେ ଜାଣିପାରୁନାହାନ୍ତି ସେମାନଙ୍କ ଆବେଦନର ବିଚାର ସମ୍ପୃକ୍ତ ତହସିଲଦାରଙ୍କ ଇଜିଲାସରେ ହୋଇଯିବା କଥା। କିନ୍ତୁ ପ୍ରଚଳିତ ନିୟମଟି ଏତେ ଜଟିଳ ଯେ ଥରେ କ୍ୟାମ୍ପ ଉଠିଗଲା ପରେ ତା'ପୂର୍ବରୁ କିଣାବିକା ହୋଇଥିବା ଜମିଜମାର ମାଲିକାନାସ୍ୱତ୍ୱ ଫଇସଲା ଅଧିକାର ତହସିଲଦାରଙ୍କ ହାତରୁ ଚାଲିଯାଉଛି କିମ୍ବା ପୁନଃ କ୍ୟାମ୍ପ ବସିବା ପର୍ଯ୍ୟନ୍ତ ଘୁଞ୍ଚିଯାଇଛି। ତେଣୁ କ୍ରେତାମାନେ ବାଧ ହୋଇ ଓକିଲ ଜରିଆରେ ରାଜସ୍ୱ ପରିଷଦର ଦ୍ୱାରସ୍ଥ ହେଉଛନ୍ତି। ଆଉ ସେଟଲ୍‌ମେଣ୍ଟ କ୍ୟାମ୍ପ ହେବ ନାହିଁ ବୋଲି ସରକାରୀ ନିଷ୍ପତ୍ତି ହେବା ପରେ ପରିଷଦର କୋର୍ଟମାନଙ୍କରେ ମାମଲା ବୋଝ ଏତେ ବଢ଼ିଗଲାଣି ଯେ ତାହା ଫଇସଲା ହେବା ବେଳକୁ କେତେ ସମୟ ଲାଗିବ ତାହା ଈଶ୍ୱରଙ୍କୁ ଜଣା। କେବଳ ପ୍ରଚଳିତ ବ୍ୟବସ୍ଥାର ସାମାନ୍ୟ ସଂଶୋଧନରେ ଯେ ଏତେ ବଡ଼ ସମସ୍ୟାର ସମାଧାନର ହୋଇପାରନ୍ତା ତାହା ବୋଧହୁଏ ନୀତି ନିର୍ଦ୍ଧାରକମାନେ ଚିନ୍ତା କରିନାହାନ୍ତି କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ଜାରି ରଖିଛନ୍ତି।

ସୁଖର କଥା ସରକାର ଜନସାଧାରଣଙ୍କ ଏହି ମାର୍ମିକ ବେଦନା ଅନୁଭବ କରି ମହତ୍ ପଦକ୍ଷେପଟିଏ ନେବାକୁ ଯାଉଛନ୍ତି, ଯାହା ରାଜ୍ୟ ଜମିଜମା ବନ୍ଦୋବସ୍ତରେ ଐତିହାସିକ ସାବ୍ୟସ୍ତ ହେବ। ଏଣିକି ବନ୍ଦୋବସ୍ତ ପୂର୍ବରୁ କିଣାବିକା ହୋଇଥିବା ଜମିଜମା ସଂକ୍ରାନ୍ତୀୟ ସ୍ୱତ୍ୱାଧିକାର ପାଇଁ ମଧ୍ୟ କ୍ରେତା ତହସିଲ୍ କାର୍ଯ୍ୟାଳୟରେ ଆବେଦନ କରିପାରିବେ ଏବଂ ସମ୍ପୃକ୍ତ ତହସିଲଦାର ସେଥିପାଇଁ କ୍ଷମତାପ୍ରାପ୍ତ ହେବେ। କିନ୍ତୁ ଜମିଜମା ରେକର୍ଡ ଓ ସ୍ୱତ୍ୱ ପରିବର୍ତ୍ତନ ପ୍ରକ୍ରିୟାରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ନିର୍ଣ୍ଣାୟକ ଭୂମିକା ନିର୍ବାହ କରନ୍ତି ରାଜସ୍ୱ ନିରୀକ୍ଷକ ବା ଆରଆଇମାନେ। ଏହି ତୃଣମୂଳସ୍ତରୀୟ ରିପୋର୍ଟକୁ ତହସିଲ୍‌ଦାରମାନେ ଆଖିବୁଜି ଗ୍ରହଣ କରିନିଅନ୍ତି। ତେଣୁ ଆରଆଇମାନଙ୍କୁ ସନ୍ତୁଷ୍ଟ କରିବାରେ ଅକ୍ଷମତା କିମ୍ବା ଅଜ୍ଞାନତା କାରଣରୁ ଜମିମାଲିକ ବା କ୍ରେତା ଆବଶ୍ୟକ ସଠିକ୍ ଦଲିଲ୍ ପ୍ରମାଣପତ୍ର, ଦସ୍ତାବେଜ୍ ଥାଇ ମଧ୍ୟ ବର୍ଷ ବର୍ଷ ଧରି ନ୍ୟାୟ ପାଇପାରୁନାହାନ୍ତି। ଏହି ସ୍ତରଟି ଯେପରି ସ୍ୱଚ୍ଛ, ଦକ୍ଷ ଓ ସମୟାନୁସାରୀ ହୋଇପାରିବ ତା' ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଲେ ସଂଶୋଧିତ ଜମିଜମା ଆଇନ ଯୁଗାନ୍ତକାରୀ, ବାସ୍ତବବାଦୀ ଓ ଲୋକହିତୈଷୀ ହୋଇପାରିବ।

ଏଠାରେ ଆଉ ଏକ ଆଇନଗତ ଜଟିଳତା ବିଷୟରେ ଆମେ ଉଲ୍ଲେଖ କରିବାକୁ ଉଚିତ ମନେ କରୁଛୁ। ଯେଉଁ କ୍ରେତାମାନେ ରାଜସ୍ୱ ପରିଷଦ ବା ରିଭିଜନ୍ କୋର୍ଟରେ ମାମଲା ଦାଖଲ ବା ଆବେଦନ କରିସାରିଛନ୍ତି ସେମାନେ ସଂଶୋଧିତ ନିୟମାବଳୀ କାର୍ଯ୍ୟକାରୀ ହେବା ପରେ ତହସିଲ୍‌ଦାରଙ୍କ ଇଜିଲାସରେ ପୁନଃଆବେଦନ କରିପାରିବେ କି ନାହିଁ ସେ ବିଷୟରେ ସରକାର ନିଷ୍ପତ୍ତି ନେଇ ଗେଜେଟ୍ ବିଜ୍ଞପ୍ତିରେ ସ୍ପଷ୍ଟ କଲେ ଆହୁରି ଭଲ ହେବ। କାରଣ ଅଦାଲତ ଆଇନର ଜଟିଳ ଶବ୍ଦକାନନ ଘେରା ଏକ ଅଞ୍ଚଳ। ଆଇନର ଶବ୍ଦ ଏତେ ଜଟିଳ ଓ କୁଟିଳ ଯେ ଯିଏ ଯେମିତି ବୁଝିଲା ଏବଂ ବୁଝାଇ ପାରିଲା ସେହି ଅନୁଯାୟୀ ଦାବି ହାସଲ୍ କରିନେଲା। ବନ୍ଦୋବସ୍ତ ବ୍ୟବସ୍ଥା ସରଳୀକରଣ ସହିତ ଏ ଦିଗଟିକୁ ମଧ୍ୟ ସରଳ ଓ ସ୍ପଷ୍ଟ କରିବା ପାଇଁ ସରକାରଙ୍କୁ ଅନୁରୋଧ। ଆଇନର ଶବ୍ଦ ବୁଝିପାରୁନଥିବା ଏବଂ ଧାର କରଜ କରି ଜମି କିଣିଥିବା ଅଶିକ୍ଷିତ ଓ ଅଳ୍ପଶିକ୍ଷିତମାନେ ଓକିଲଙ୍କ ଦେୟ ଦେଇପାରୁନଥିବା ବେଳେ କଷ୍ଟାର୍ଜିତ ଜମି ଖଣ୍ଡିକ ନିଜ ନାଁରେ କରିପାରୁନାହାନ୍ତି। ସେମାନେ ଯେତେ ଦହଗଞ୍ଜ ହେଉଛନ୍ତି ତାହା ଭୁକ୍ତଭୋଗୀ ହିଁ ଜାଣେ। ଗୋଟିଏ କାର୍ଯ୍ୟାଳୟରୁ ଅନ୍ୟ କାର୍ଯ୍ୟାଳୟକୁ, ଗୋଟିଏ ଟେବୁଲ୍‌ରୁ ଆଉ ଗୋଟିଏ ଟେବୁଲ୍ ପାଖକୁ ଚାବିଦିଆ ଖେଳନା ପରି ବିବଶ ହୋଇ ଧାଇଁବା ବ୍ୟତୀତ ସେମାନଙ୍କ ପାଖରେ ସାହା ଭରସା କେହି ନାହାନ୍ତି କି ଗୁହାରି ଶୁଣିବା ପାଇଁ ଉଚ୍ଚପଦାଧିକାରୀଙ୍କ ପାଖରେ ବେଳ ନାହିଁ। ତେଣୁ ସଂଶୋଧିତ ନିୟମର ଭାଷା ଏତେ ସରଳ ହେଉ ଯେ ତାହା ଜଣେ ଅଳ୍ପଶିକ୍ଷିତ ବୁଝିପାରିବ ଏବଂ ଦୀର୍ଘବର୍ଷ ଧରି ବଳବତ୍ତର ରହି ଏକ ଉଦାହରଣ ସୃଷ୍ଟି କରିବ।

## ଉଚ୍ଚଶିକ୍ଷିତଙ୍କ ଆତଙ୍କବାଦ

ସାଧାରଣତଃ କୁହାଯାଏ ବେକାରୀ, ଅଶିକ୍ଷା, କୁପରିବେଶ, କୁସଙ୍ଗ ଆଦି କାରକ ଉଗ୍ରବାଦ, ଆତଙ୍କବାଦ, ଚରମପନ୍ଥୀବାଦକୁ ଜନ୍ମ ଦିଏ। କ୍ରମାଗତ ନିର୍ଯାତନା, ଲାଞ୍ଛନା, ଅପମାନ, ଅବହେଳା ଓ ଅନ୍ୟାୟର ପ୍ରଭାବରେ ଜଣେ ପ୍ରତିଶୋଧପରାୟଣ ହୋଇ ହିଂସାର ପଥ ଆବୋରି ନିଏ ଏବଂ ଆତଙ୍କବାଦୀ ହେବାକୁ ବାଧ ହୁଏ। କିନ୍ତୁ ପିଏଚଡି ଡିଗ୍ରୀଧାରୀ ଆଇଏସଆଇଏସ ମୁଖ୍ୟ ଅବୁ ବକର ଅଲ-ବାଗଦାଦିଠାରୁ ଆରମ୍ଭ କରି ଅଲ-କାଏଦାର ଡାକ୍ତର ଅୟମାନ ଅଲ-ଜୱାହିରୀ, ସିଭିଲ ଇଞ୍ଜିନିୟରିଂରେ ସ୍ନାତକଡିଗ୍ରୀଧାରୀ ଓସାମା ବିନ୍ ଲାଦେନ ଏବଂ ସମ୍ପ୍ରତି ନୂଆଦିଲ୍ଲୀରେ ଆତ୍ମଘାତୀ କାରବୋମା ବିସ୍ଫୋରଣ ଘଟାଇଥିବା ଡାକ୍ତର ଉମର ଉନ୍ ନବି, ଧରାପଡ଼ିଥିବା ଅନ୍ୟ ଚାରିଜଣ ଡାକ୍ତରଙ୍କ କାର୍ଯ୍ୟକଳାପକୁ ତର୍ଜମା କଲେ ଉପରୋକ୍ତ ଧାରଣା ଭୁଲ୍ ସାବ୍ୟସ୍ତ ହୁଏ। ବିଶ୍ୱର ସବୁଠାରୁ ଭୟଙ୍କର ଏହି ଉଗ୍ରବାଦୀ ନେତାମାନେ ଉଚ୍ଚଶିକ୍ଷିତ, ତାଲିମପ୍ରାପ୍ତ ଓ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ଡିଗ୍ରୀଧାରୀ। ଏଭଳି ଉଚ୍ଚଶିକ୍ଷିତ ମାନେ କିଭଳି ନାରକୀୟ କାଣ୍ଡ ରଚନା କରିପାରନ୍ତି, ବିଶେଷକରି ଜୀବନରକ୍ଷା ପାଇଁ ଶପଥ ନେଉଥିବା ଡାକ୍ତରମାନେ ଯେ ନରସଂହାର ପାଇଁ ବ୍ରତୀ ହୋଇପାରନ୍ତି ତାହା ସତତ ଅବିଶ୍ୱସନୀୟ। ବିଶ୍ୱର କୌଣସି ମତ, ପନ୍ଥ, ଧର୍ମ ଓ ସମ୍ପ୍ରଦାୟ ଏହାକୁ ସ୍ୱୀକୃତି ଦିଏ ନାହିଁ କି ସମର୍ଥନ କରେନାହିଁ। କିନ୍ତୁ ଏଭଳି ଅଭୂତପୂର୍ବ ଘଟଣାମାନ ଘଟି ଚାଲିଥିବାରୁ ମାନବ ସଭ୍ୟତାର ଗତି କେତେ ଅସ୍ଥିର ଓ ଭବିଷ୍ୟତ କେତେ ଅସୁରକ୍ଷିତ ତାହା ଅନ୍ବେବହୁତ ଅନୁମେୟ।



ନୂଆଦିଲ୍ଲୀ କାରବୋମା ବିସ୍ଫୋରଣ ଭାରତଭୂମିରେ ଆତଙ୍କ, ଆତଙ୍କବାଦ ଓ ଆତଙ୍କବାଦୀର ଭାଷାକୁ ନୂଆ ଢଙ୍ଗରେ ଉପସ୍ଥାପନ କରିଛି। ପ୍ରାଥମିକ ପର୍ଯ୍ୟାୟରେ ଏହା ଆମକୁ ଚେତାଇ ଦେଉଛି ଯେ ଆତଙ୍କ ଓ ଆତଙ୍କବାଦୀ ଆମେ ପରିକଳ୍ପନା କରୁଥିବା ଚେହେରା ନେଇ ଆସେ ନାହିଁ। ଆମେ ଚାରିପାଖରେ ରହୁଥିବା ଆମର ଆତ୍ମୀୟ, ଏପରିକି ସବୁଠାରୁ ବିଶ୍ୱସ୍ତମାନେ, ସମାଜକୁ ନୈତିକ ଶିକ୍ଷା ଦେଉଥିବା ଧର୍ମଗୁରୁମାନେ, ନାଗରିକ ଗଠନରେ ସମର୍ପିତ ଶିକ୍ଷକମାନେ, ଧର୍ମାନୁଷ୍ଠାନରେ ପ୍ରତିଦିନରେ ସାକ୍ଷାତ ହେଉଥିବା ସାଧୁଶ୍ରେଣୀୟ ବ୍ୟକ୍ତିମାନେ, ଆମ ସହିତ ସକାଳ ସନ୍ଧ୍ୟାରେ ପାଦ ମିଳାଇ ଚାଲୁଥିବା ଓ ଦୁଃଖସୁଖ ବାଣ୍ଟୁଥିବା ନମ୍ର, ଧୀର ଓ ମିଷ୍ଟଭାଷୀମାନେ, ଅସମୟରେ ଆମ ପାଖରେ ଠିଆ ହୋଇଥିବା ଓ ଅଯାଚିତ ଭାବେ ସହାୟତାର ହାତ ବଢ଼ାଇ ଦେଉଥିବା ଦୟାଳୁ, ପରୋପକାରୀ ଭଦ୍ରବ୍ୟକ୍ତିମାନେ, ଜଟିଳ ସମସ୍ୟାର ସରଳ ସୂତ୍ର ବତାଇ ଦେଉଥିବା ବିଦ୍ୱାନମାନେ ମଧ୍ୟ ଯେ ଆତଙ୍କବାଦୀ ହୋଇପାରନ୍ତି ଏହି ଅବିଶ୍ୱସନୀୟତାକୁ ଗ୍ରହଣ କରିନେବା ପାଇଁ ଆମେ ଆମର ମାନସିକତା ଓ ଧାରଣାକୁ ପରିବର୍ତ୍ତନ କରିବାକୁ ପଡ଼ିବ।

ଆତଙ୍କବାଦ ଓ ଆତଙ୍କବାଦୀ ଇତିହାସରେ ଏଭଳି ଅନେକ 'ହ୍ୱାଇଟ୍ କଲାର ଟେରରିଷ୍ଟ' ବା 'ଉଚ୍ଚଶିକ୍ଷିତ ଆତଙ୍କବାଦୀ'ଙ୍କ କାହାଣୀ ରହିଛି, ଯାହା ମାନବତା ପରି ଶବ୍ଦକୁ ସ୍ୱତଃ ଲଜ୍ଜିତ କରିବା ପାଇଁ ଯଥେଷ୍ଟ। କାନ୍ଦାହାର ବିମାନ ଅପହର୍ତ୍ତା, ଆମେରିକୀୟ ସାମ୍ବାଦିକ ଡାନିଏଲ୍ ପର୍ଲଙ୍କ ଅପହର୍ତ୍ତା ଓ ହତ୍ୟାକାରୀ ଓମାର ସୟଦ୍ ସେଖ୍ ମଧ୍ୟ ଥିଲେ ଅର୍ଥନୀତିରେ ଉଚ୍ଚଶିକ୍ଷିତ। ୯/୧୧ ଆତଙ୍କବାଦୀ ଆକ୍ରମଣରେ ବ୍ୟବହୃତ ବିମାନର ମୁଖ୍ୟ ଅପହରଣକାରୀ ମହମ୍ମଦ ଆଟ୍ଟା କାଇରୋ ବିଶ୍ୱବିଦ୍ୟାଳୟରେ 'ସ୍ଥାପତ୍ୟ ଓ ନଗର ଯୋଜନା' ବିଷୟରେ ଡିଗ୍ରୀ ହାସଲ କରିବା ପରେ ହାମବର୍ଗରେ 'ନଗର ଯୋଜନା'ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଅନ୍ୟତମ ଅପହର୍ତ୍ତା ମାରୱାନ ଅଲ-ଶେହି ଜର୍ମାନୀରେ ଉଚ୍ଚତର ଡିଗ୍ରୀ ହାସଲ କରିଥିଲେ ଏବଂ ଜିଆଦ ଜାରାହ ହାମବର୍ଗ ଆପ୍ଲାଏଡ୍ ସାଇନ୍ସ ବିଶ୍ୱବିଦ୍ୟାଳୟରେ ପଢ଼ିଥିଲେ। ଆଇଏସ୍‌ଆଇଏସ୍ ତା'ର ସଦସ୍ୟ ଭାବେ ମୁଖ୍ୟତଃ ୟୁକେ, ସୁଦାନ ଆଦି ଅଞ୍ଚଳରେ ରହୁଥିବା ଡାକ୍ତର ଓ ଡାକ୍ତରୀଛାତ୍ରମାନଙ୍କୁ ଗ୍ରହଣ କରିଥାଏ। ତାମିଲ ଗରିଲା ଏଲ୍‌ଟିଟିଇର ସଦସ୍ୟମାନଙ୍କ ମଧ୍ୟରେ ଅନେକ ବରିଷ୍ଠ ନେତା, ସ୍ନାତକ, ଶିକ୍ଷକ ଓ ଇଞ୍ଜିନିୟର ଥିଲେ ଏବଂ ଏହାର ଆତ୍ମଘାତୀ ବାହିନୀ ପ୍ରାୟତଃ ସେମାନଙ୍କ ବିଦ୍ୟାଳୟସ୍ତରରେ ଉତ୍କର୍ଷ ହାସଲ କରିଥିଲେ। 'ଆଇରିଶ ରିପବ୍ଲିକାନ୍ ଆର୍ମି' ବିଶ୍ୱବିଦ୍ୟାଳୟ ଛାତ୍ର, ସରକାରୀ କର୍ମଚାରୀ ଏବଂ ବୃତ୍ତିଗତମାନଙ୍କୁ ନିଯୁକ୍ତି ଦେଇଥିଲା, ଯେଉଁମାନେ ବିଶ୍ୱାସ କରୁଥିଲେ ଯେ ସେମାନେ ଏକ ବୈଧ ରାଜନୈତିକ ସଂଘର୍ଷ କରୁଛନ୍ତି।

ଭାରତରେ ୧୯୮୦ ଦଶକର ଖଲିସ୍ତାନୀ ସଂଗଠନରେ ଡାକ୍ତର, ସରକାରୀ କର୍ମଚାରୀ, ପଞ୍ଜାବ ଓ ଦିଲ୍ଲୀର କଲେଜ୍ ପଢ଼ୁଆମାନେ ସାମିଲ୍ ଥିଲେ। ଡାଲ ଖାଲସା ପ୍ରତିଷ୍ଠାତା ଗଜିନ୍ଦର ସିଂହ ୧୯୮୧ ମସିହାରେ ଇଣ୍ଡିଆନ ଏୟାରଲାଇନ୍ସର ଏକ ବିମାନ ଅପହରଣର ନେତୃତ୍ୱ ନେଇଥିଲେ। ମୃଦୁଭାଷୀ, ପଠନପ୍ରିୟ ଗଜିନ୍ଦରଙ୍କ ମତରେ ଅପହରଣ ଏକ ଅପରାଧ ନୁହେଁ, ବରଂ ଖଲିସ୍ତାନ ଆନ୍ଦୋଳନର ସେବାରେ ଏକ ନୈତିକ କାର୍ଯ୍ୟ। ପୁଲ୍‌ୱାମା ଆତ୍ମଘାତୀ ବିସ୍ଫୋରଣର ସମ୍ପର୍କୀୟମାନଙ୍କ ଜୀବନଶୈଳୀ ଅତ୍ୟୁଚ୍ଚ ଧନୀଙ୍କ ଠାରୁ କମ୍ ନଥିଲା।

ଏଭଳି ଶିକ୍ଷିତ ଆତଙ୍କବାଦୀଙ୍କ ପାଖରେ ଥିଲା ହିଂସାକୁ କର୍ତ୍ତବ୍ୟ ଭାବରେ ପ୍ରତିପାଦନ କରିବାର ଅଦମ୍ୟ ଉତ୍ସାହ, ନିଷ୍ଠା, ଆନ୍ତରିକତା ଓ ଦୃଢ଼ ମନୋବଳ। ସେଥିପାଇଁ ସେମାନଙ୍କୁ ଯଥେଷ୍ଟ ଶକ୍ତିଶାଳୀ ପୃଷ୍ଠଭୂମି ମଧ୍ୟ ମିଳିଯାଉଥିଲା। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏଭଳି ଉଚ୍ଚଶିକ୍ଷିତ ଓ ସମ୍ମାନଜନକ ବୃତ୍ତିଧାରୀମାନେ ହିଂସାର ପଥକୁ ଆବୋରି ନିଅନ୍ତି କାହିଁକି? ଜର୍ଜଟାଉନ୍ ବିଶ୍ୱବିଦ୍ୟାଳୟରେ ମୌଳବାଦୀକରଣ ଉପରେ ଗବେଷଣା କରୁଥିବା ରାଜନୈତିକ ମନସ୍ତତ୍ତ୍ୱବିତ୍ ଡକ୍ଟର ଫାଥାଲି ମୋଘାଦମଙ୍କ କହିବା ଅନୁଯାୟୀ, 'ମୌଳବାଦୀକରଣ କେବଳ ଦାରିଦ୍ର୍ୟ କିମ୍ବା ଅଜ୍ଞତାରେ ଜନ୍ମ ହୁଏ ନାହିଁ। ଏହା ସେତେବେଳେ ଘଟେ ଯେତେବେଳେ ଲୋକମାନେ ନୈତିକ ଭାବରେ ଅପମାନିତ, ସାମାଜିକ ଭାବରେ ଅସମ୍ମାନିତ ଏବଂ ରାଜନୈତିକ ଭାବରେ ଅବହେଳିତ ଅନୁଭବ କରନ୍ତି। ଶିକ୍ଷିତ ବ୍ୟକ୍ତିମାନେ ମାନସିକସ୍ତରରେ ପ୍ରାୟତଃ ଅଧିକ ଦୁର୍ବଳ। ତେଣୁ ହିଂସା ସେମାନଙ୍କ ମନରେ ବିନାଶ ନୁହେଁ ବରଂ ଉଦ୍ଦେଶ୍ୟର ଏକ କାରକ ଭାବେ ପ୍ରବେଶ କରେ। ବିଦ୍ୱାନ ଅରୁଣ କୁନ୍ଦନାନି ତାଙ୍କ ପୁସ୍ତକ 'ଦି ମୁସଲିମ୍‌ସ ଆର କମିଂ! ଇସଲାମୋଫୋବିଆ, ଏକ୍ସଟ୍ରିମିଜିମ୍ ଆଣ୍ଡ ଦି ଡୋମେଷ୍ଟିକ୍ ୱାର୍ ଅନ୍ ଟେରର୍' ରେ ଉଲ୍ଲେଖ କରିଛନ୍ତି ଯେ କାହିଁକି ମୌଳିବାଦକରଣ ବା ଚରମପନ୍ଥା 'ଅକସ୍ମାତ୍ ମାନସିକ ଦୁର୍ବଳତାର ଏକ କାରକ' ନୁହେଁ ବରଂ 'ରାଜନୈତିକ ପ୍ରସଙ୍ଗରେ ଏକ ରାଜନୈତିକ ପ୍ରତିକ୍ରିୟା'। ଆଉ କେତେକ ବିଦ୍ୱାନଙ୍କ ମତରେ ଅନୁଭୂତ ଅନ୍ୟାୟ ପ୍ରତି ନୈତିକ ଆକ୍ରୋଶ, ବ୍ୟକ୍ତିଗତ କିମ୍ବା ରାଜନୈତିକ ଆଘାତ ଦ୍ୱାରା ସୃଷ୍ଟି ହୋଇଥିବା ଜ୍ଞାନାତ୍ମକ ପରିପ୍ରକାଶ, ମୌଳିକ ଚିନ୍ତାଧାରାକୁ ସମର୍ଥନ ମିଳୁଥିବା କଠୋର ସମକକ୍ଷ ମଞ୍ଚ, ସମ ବିଚାରଧାରାର ନିଶ୍ଚିତତା, ସମଆଗ୍ରହ ଆଦି ଉଚ୍ଚଶିକ୍ଷିତ ଆତଙ୍କବାଦର କାରଣ।

ଏବେ ମୂଳ ଓ ବାସ୍ତବ ପ୍ରଶ୍ନ ହେଉଛି ଉପରୋକ୍ତ ଉଚ୍ଚଶିକ୍ଷିତମାନେ କାହିଁକି ବିଶ୍ୱାସ କରିନେଲେ ଯେ ଆତଙ୍କବାଦର ପଥ ହିଁ ସର୍ବାଧିକ ଉଚିତ। ଏହି ପ୍ରଶ୍ନର ଉତ୍ତର ଗୁରୁତ୍ୱର ସହ ଖୋଜିବାକୁ ପଡ଼ିବ। ଏହା କେବଳ ମନସ୍ତତ୍ତ୍ୱବିତ୍‌ଙ୍କ ଦାୟିତ୍ୱ ନୁହେଁ; ଏହା ସମାଜଶାସ୍ତ୍ରୀ, ନୀତି ନିର୍ଦ୍ଧାରକ ସର୍ବୋପରି ଜନସାଧାରଣଙ୍କ ନୈତିକ ଦାୟିତ୍ୱ। ଆତଙ୍କବାଦର ଏହି ପରିବର୍ତ୍ତିତ ପରିଭାଷା କେବଳ ରାଷ୍ଟ୍ରର ସୁରକ୍ଷା ଓ ଅଖଣ୍ଡତା ପ୍ରତି ଏକ ବିପଦ ନୁହେଁ, ବରଂ ମାନବତା ଓ ମାନବ ସଭ୍ୟତା ପ୍ରତି ନୈତିକ ଆହ୍ୱାନ।

(ସକାଳ ମିଡିଆ ସର୍ଭିସ୍)

## ଭୋଟରଙ୍କ ମାନସିକତା ବଦଳୁଛି

ଡ.ବିମଳ ଷଡ଼ଙ୍ଗୀ

ଜାତିଗତ ଭେଦଭାବକୁ ଆୟୁଧ କରି ନିର୍ବାଚନ ଜିତିଥିବା ଡୋନାଲ୍ଡ ଟ୍ରମ୍ପଙ୍କ ତୃତୀୟ ପ୍ରୟାସକୁ ସଚେତନ ଆମେରିକା ଭୋଟର ନ୍ୟୁୟର୍କ ସହରରେ ଭାଙ୍ଗି ଚୁରମାର କରିଛନ୍ତି। ଘୃଣା, ଦ୍ୱେଷ, ଆତ୍ମପ୍ରଚାର, ଅହଂକାର ଜଣେ ହୀନ ରାଜନେତାର ପରିଚୟ, ଯାହାକୁ ଆଜି ପ୍ରମାଣ କରିଛନ୍ତି ନ୍ୟୁୟର୍କର ସଚେତନ ଜନତା। ୨୦୨୫, ନଭେମ୍ବର ମାସରେ ୩୪ ବର୍ଷୀୟ ଅଗ୍ନିବର୍ଷୀ ଗଣତାନ୍ତ୍ରିକ ସମାଜବାଦୀ ଜୋହରାନ୍ କ୍ୱାମେ ମାମଦାନି ନ୍ୟୁୟର୍କ ସହରର ଇତିହାସର ଦ୍ୱିତୀୟ ସର୍ବକନିଷ୍ଠ ମେୟର ଭାବରେ ବିଜୟ ହାସଲ କରିଛନ୍ତି। ଭାରତୀୟ ହିନ୍ଦୁ ମାତା ତଥା ଚଳଚ୍ଚିତ୍ର ନିର୍ମାତା ମୀରା ନାୟାର ଏବଂ ଉଗାଣ୍ଡା ମୁସଲିମ ପିତା ଶିକ୍ଷାବିତ୍ ମହମ୍ମଦ ମାମଦାନିଙ୍କ ଔରସରୁ ଜନ୍ମଗ୍ରହଣ କରିଥିବା ଏହି ପ୍ରବାସୀ ଯୁବନେତା କେବଳ ନିର୍ବାଚନ ଜିତି ନାହାନ୍ତି, ବରଂ ଟ୍ରମ୍ପବାଦ ପ୍ରତି ଏକ ଆହ୍ୱାନ ସୃଷ୍ଟି କରିଛନ୍ତି।

ନିର୍ବାଚନ ପ୍ରଚାର ସମୟରେ ମାମଦାନୀଙ୍କୁ ମୁସଲିମ, ନ୍ୟୁୟର୍କକୁ ନଷ୍ଟ କରିବାକୁ ଆସିଥିବା ବାମ ମୌଳବାଦୀ, ଆମେରିକୀୟ ବିରୋଧୀ, ଧର୍ମ ବିରୋଧୀ ଆଦି ଆଖ୍ୟାଦେଇ ତିରସ୍କାର କରିବାକୁ ପଛାଇ ନଥିବା ଟ୍ରମ୍ପଙ୍କୁ ନିର୍ବାଚନ ଫଳାଫଳ ମାଧ୍ୟମରେ ଉତ୍ତର ଦେଇଥିଲେ ମାମ୍‌ଦାନୀ। ବିଜୟୀ ପ୍ରାର୍ଥୀ ଟ୍ରମ୍ପଙ୍କ ରାଜନୀତିର ବିପରୀତ ମୂଲ୍ୟବୋଧକୁ ଆୟୁଧ କରିଥିଲେ। ଟ୍ରମ୍ପ ଦୃଢ଼ ଜାତୀୟତାବାଦ, ରକ୍ଷଣଶୀଳ ପରିଚୟ ଏବଂ ଆକ୍ରମଣାତ୍ମକ ଭାଷଣବାଜି ଦ୍ୱାରା ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରିଥିବା ବେଳେ ମାମଦାନୀ ନିଜକୁ ମୁସଲିମ ବୋଲି ପରିଚୟ ଦେବା ସହିତ ପ୍ରଗତିଶୀଳ ନୀତି ଏବଂ ପ୍ରବାସୀଙ୍କୁ ସମାନ ଅଧିକାର, ଧର୍ମନିରପେକ୍ଷତା ଏବଂ ନୂତନ ଦିଗଦର୍ଶନ ମାଧ୍ୟମରେ ଭୋଟରମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। ଟ୍ରମ୍ପଙ୍କୁ ଖରାପ ନକହି ତାଙ୍କ ପ୍ରଚଳିତ ନୀତିକୁ ବିରୋଧ କରିଥିଲେ, ଯାହା ପ୍ରମାଣ କରିଥିଲା ଯେ ଅନେକ ଆମେରିକୀୟ ବିଶେଷକରି ସହରଗୁଡ଼ିକରେ ଥିବା ଶିକ୍ଷିତ ଭୋଟର ଟ୍ରମ୍ପଯୁଗର ବିଭାଜନକାରୀ ରାଜନୀତିକୁ ପ୍ରତ୍ୟାଖ୍ୟାନ କରିଛନ୍ତି।

ଯୁବ ଭୋଟରଙ୍କ ଅଧିକ ଭାଗୀଦାରୀରେ ନିର୍ବାଚନରେ ପାଖାପାଖି ୨ ନିୟୁତ ଭୋଟ ମିଳିଥିଲା ଯାହା ଦଶନ୍ଧି ମଧ୍ୟରେ ନ୍ୟୁୟର୍କର ମେୟର ନିର୍ବାଚନରେ ସର୍ବାଧିକ ଭୋଟଦାନ ଥିଲା। ଏହା ପ୍ରମାଣ କରିଥିଲା ଯେ ବଡ଼ ସହରଗୁଡ଼ିକରେ ଗୃହ ନିର୍ମାଣରେ ବର୍ଦ୍ଧିତ ଖର୍ଚ୍ଚ, ବ୍ୟୟବହୁଳ ଦୈନନ୍ଦିନ ଖର୍ଚ୍ଚ, ଧର୍ମନିରପେକ୍ଷତାର ବିରୋଧ, ଶ୍ରମିକଙ୍କ ସମ୍ମାନହାନି ଓ ଅସୁରକ୍ଷିତ ପ୍ରବାସୀ ନୀତିଗୁଡ଼ିକର କୁପରିଣାମ ଲୋକଙ୍କୁ ଭୋଗିବାକୁ ପଡ଼ିଥିଲା। ତେଣୁ ସେମାନେ ଟ୍ରମ୍ପ ଓ ଟ୍ରମ୍ପ ନୀତିକୁ ବିରୋଧ କରିଥିଲେ ଏବଂ ନୂଆ ଭାବନା ଓ ନୂଆ ନେତୃତ୍ୱକୁ ଜିତାଇବାକୁ ମନସ୍ଥ କରିଥିଲେ।

ନ୍ୟୁୟର୍କ ଭଳି ବହୁ-ସଂସ୍କୃତି ସହରରେ ଅଳ୍ପସଂଖ୍ୟକ ଓ ପ୍ରବାସୀମାନଙ୍କର ସ୍ୱର ଶକ୍ତିଶାଳୀ ହେଉଛି, ଯାହା ଦର୍ଶାଉଛି ଯେ ସମାଜିକ ଅସମାନତା ବିଷୟରେ ଲୋକ ଅଧିକ ସଚେତନ। ତତ୍‌ସହିତ ପ୍ରଗତିଶୀଳ ରାଜନୀତିର ଉଦୟ ହୋଇଛି। ଆମେରିକାର ରାଷ୍ଟ୍ରପତି ରୂପେ ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳର ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ ତାଙ୍କର ଅସଲ ଚେହେରା ପଦାକୁ ଆସିଥିଲା। ପରିବାରବାଦ, ଭୟ ସୃଷ୍ଟି, ବେକାରୀ, ଦରଦାମ ବୃଦ୍ଧି ସହିତ ଆନ୍ତର୍ଜାତିକ ସ୍ତରରେ ଆମେରିକାର କ୍ଷୁର୍ଣ୍ଣ ରୂପ, ଭୁଲ ବୈଦେଶିକ ନୀତି, ଶିକ୍ଷାର ପ୍ରଗତିରେ ବାଧା, ନ୍ୟାୟିକ ବ୍ୟବସ୍ଥାରେ ହସ୍ତକ୍ଷେପ, ପରବାରବାଦ, ଗଣମାଧ୍ୟମକୁ ନିଜ ଇଚ୍ଛାରେ ବ୍ୟବହାର ଆଦି ଟ୍ରମ୍ପନୀତିର ବିରୋଧ ଏବଂ ମାମଦାନୀଙ୍କ ବିଜୟ ଏକ ଜାତୀୟ ଜନମତକୁ ସୂଚାଉଛି।

ମମଦାନୀଙ୍କ ବିଜୟ ବିଶ୍ୱକୁ ବାର୍ତ୍ତା ଦେଇଛି ଯେ ଆକ୍ରମଣାତ୍ମକ ରାଜନୀତି, ଜାତି ଜାତି ବିରୁଦ୍ଧରେ ବିଭେଦ ସୃଷ୍ଟି କରିବା, ଭ୍ରଷ୍ଟାଚାର, ବ୍ୟକ୍ତିଗତ ଆକ୍ଷେପକୁ ଭୋଟର ନାପସନ୍ଦ କରିଛନ୍ତି। ଦଳୀୟ ପରିଚୟ ଠାରୁ ଲୋକଙ୍କ କାମ ଏବେ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଲୋକମାନେ ଏବେ ଶାନ୍ତି ଚାହୁଁଛନ୍ତି। ବାଦବିବାଦ, ଟ୍ୱିଟର ରାଜନୀତି, ସଂସ୍କୃତି ଯୁଦ୍ଧ ଆଦି ପରେ ଲୋକ ଏବେ ସ୍ଥିରତା ଓ ବିବେକୀ ନେତୃତ୍ୱକୁ ସ୍ୱାଗତ କରୁଛନ୍ତି। ଏହି ଫଳାଫଳ କେବଳ ଏକ ସହର ନିର୍ବାଚନର କଥା ନୁହେଁ, ବରଂ ସମଗ୍ର ବିଶ୍ୱର ରାଜନୀତିରେ ଚାଲୁଥିବା ଏକ ନୂଆ ପରିବର୍ତ୍ତନର ପ୍ରତିଛବି।

ଗତ ୧୦-୧୫ ବର୍ଷ ଧରି ବିଶ୍ୱର ବହୁ ଦେଶରେ ଉଚ୍ଚ ସ୍ୱରରେ ବକ୍ତୃତା, ପ୍ରଚଣ୍ଡ ଭାବନା, ଜନଆନ୍ଦୋଳନ, ଜାତିଆଣ ଭେଦଭାବ ଓ ଦେଶ ଦେଶ ବିରୁଦ୍ଧରେ ଜନତାଙ୍କୁ ଉସକେଇବା ରାଜନୀତି ବହୁତ ବୃଦ୍ଧି ପାଇଲାଣି। କିନ୍ତୁ ଏବେ ଲୋକମାନେ ବୁଝିଲେ ଯେ କେବଳ କଥାକୁହା ରାଜନୀତି ଦେଶକୁ ଚଲାଇପାରିବ ନାହିଁ। ଉନ୍ନତି, କାର୍ଯ୍ୟ ଓ ପରିଣାମ ସହିତ ଦେଶ-ବିଦେଶ ସହିତ ସୁସମ୍ପର୍କ ପାଇଁ ଲୋକେ ଇଚ୍ଛୁକ। ଲୋକମାନେ ଏବେ ପ୍ରଶ୍ନକରିବା ସହିତ ବିଭେଦ ରାଜନୀତିକୁ ଅସ୍ୱୀକାର କରୁଛନ୍ତି। ଯୁବକ ଓ ଶିକ୍ଷିତ ଭୋଟରମାନେ ସମ୍ମାନ, ସାଧାରଣ ଜୀବନ ଓ ସ୍ଥିର ଅଗ୍ରଗତି ଚାହୁଁଛନ୍ତି। ବିଶ୍ୱ ଏବେ ନାରା ଓ ଡ୍ରାମା ନୁହେଁ; ଉନ୍ନତି ଓ ଉତ୍ତରଦାୟୀତା ନେତୃତ୍ୱକୁ ସ୍ୱାଗତ କରିବାକୁ ଶ୍ରେୟ ମନେକରୁଛି।

ଭୁବନେଶ୍ୱର

## ଢୁଙ୍ଗରି ଦେବୀ ଭାବେ ପୂଜା ପାଆନ୍ତି ଅସୁରୁଣୀ ହିଡ଼ିମ୍ବା

### ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ମହାଭାରତର ବର୍ଣ୍ଣନା ଅନୁସାରେ ପଞ୍ଚୁପାଣ୍ଡବ ବନବାସ ସମୟରେ ହିମାଚଳ ପ୍ରଦେଶର ମନାଲିଠାରେ କିଛିଦିନ ପାଇଁ ରହିଥିଲେ। ସେହିସ୍ଥାନରେ ହିଡ଼ିମ୍ବା ନାମକ ଜଣେ ଅସୁରୁଣୀ ଏବଂ ତାଙ୍କ ଭାଇ ହିଡ଼ିମ୍ବଙ୍କ ରାଜୁତି ଥିଲା। ହିଡ଼ିମ୍ବ ବହୁତ ବଳଶାଳୀ ଏବଂ ହିଡ଼ିମ୍ବା ତନ୍ତ୍ରମନ୍ତ୍ରର ଅଧିକାରୀଣୀ ଥିଲେ। ଏକଦା ହିଡ଼ିମ୍ବ ଖାଦ୍ୟ ସନ୍ଧାନରେ ଜଙ୍ଗଲରେ ବୁଲୁଥିବା ସମୟରେ ପଞ୍ଚୁପାଣ୍ଡବଙ୍କୁ ଦେଖି ସେମାନଙ୍କୁ ଭକ୍ଷଣ କରିବାକୁ ଉଦ୍ୟତ ହେଲେ। କିନ୍ତୁ ଅପ୍ରତ୍ୟାଶିତ ଭାବେ ଭୀମଙ୍କ ସହ ହିଡ଼ିମ୍ବଙ୍କୁ ଯୁଦ୍ଧ କରିବାକୁ ପଡ଼ିଲା। ଯୁଦ୍ଧରେ ହିଡ଼ିମ୍ବ ପରାସ୍ତ ହେଲେ। ହିଡ଼ିମ୍ବା ଭୀମଙ୍କ ବୀରତ୍ୱରେ ଅତିଶୟ ପ୍ରଭାବିତ ହୋଇ ତାଙ୍କୁ ବିବାହ କଲେ। ବିବାହ ପରେ ହିଡ଼ିମ୍ବା ମାନବୀ ରୂପରେ ପତିବ୍ରତା ଧର୍ମ ପାଳନ କରିବା ସହିତ କାଳାନ୍ତରରେ ଘୋର ତପସ୍ୟାରେ ଲୀନ ହୋଇ ଅସୁରୁଣୀରୁ ଦେବୀ ଭାବେ ଆବିର୍ଭୂତା ହେଲେ। ତପସ୍ୟା ଦ୍ୱାରା ତାଙ୍କର ସମସ୍ତ ଆସୁରିକ ଶକ୍ତି କ୍ଷୟ ହୋଇଥିଲା ଏବଂ ସେ ମନାଲିର ଆରାଧ୍ୟା ଦେବୀ ଏବଂ କୁଲ୍ଲୁ ରାଜବଂଶର କୁଳଦେବୀ ଭାବେ ଉପାସିତ ହୋଇ ଆସୁଛନ୍ତି।

ଭାରତର ସବୁଠାରୁ ସୁନ୍ଦର ପର୍ଯ୍ୟଟନ ସହରର ମାନ୍ୟତା ହାସଲ କରିଥିବା ମନାଲିଠାରେ ହିଡ଼ିମ୍ବାଙ୍କୁ ସମର୍ପିତ ଏକ ପ୍ରାଚୀନ ଗୁମ୍ଫା ମନ୍ଦିର ଅଛି। ମନ୍ଦିର ଭିତରେ ଥିବା ଏକ ପ୍ରାକୃତିକ ଚଟ୍ଟାଣର ନିମ୍ନଭାଗରେ ଦେବୀ ହିଡ଼ିମ୍ବାଙ୍କ ଆସ୍ଥାନ ରହିଛି। ଏଠାରେ ମା'ଙ୍କର ପଦଚିହ୍ନର ପୂଜା କରାଯାଏ। ଏହି ସ୍ଥାନରେ ହିଡ଼ିମ୍ବା ଦେବତ୍ୱ ଲାଭ କରିଥିଲେ ବୋଲି ବିଶ୍ୱାସ ରହିଆସିଛି। ସ୍ଥାନୀୟ ଭାଷାରେ ଏହି ପ୍ରାକୃତିକ ଚଟ୍ଟାଣକୁ 'ଢୁଙ୍ଗ' କୁହାଯାଉଥିବାରୁ ଏହାର ନାମାନୁସାରେ ମାତା ହିଡ଼ିମ୍ବା 'ଢୁଙ୍ଗ୍ରି ଦେବୀ' ଭାବେ ପୂଜା ପାଉଛନ୍ତି। ତେଣୁ କାହିଁ କେଉଁ କାଳରୁ ଆସ୍ଥାର ପ୍ରତୀକ ଭାବେ ରହିଥିବା ଏହି ମନ୍ଦିରକୁ ଭକ୍ତ ଓ ପର୍ଯ୍ୟଟକମାନେ ମାତା ହିଡ଼ିମ୍ବାଙ୍କ ଆଶୀର୍ବାଦ ନେବା ପାଇଁ ଆସିଥା'ନ୍ତି।

ହିଡ଼ିମ୍ବା ମାତାଙ୍କ ମନ୍ଦିର ପାଗୋଡ଼ା ଶୈଳୀରେ ନିର୍ମିତ। ଦେବଦାରୁ ଗଛରେ ପରିପୂର୍ଣ୍ଣ ଏହି ଅଞ୍ଚଳ ଏବଂ ମନ୍ଦିରର ଶୋଭା ତୁଷାରପାତ ସମୟରେ ଦ୍ୱିଗୁଣିତ ହୋଇଥାଏ। ମନ୍ଦିରରେ ଥିବା ଏକ ଶିଳାଲେଖ ଅନୁସାରେ ଏହି ମନ୍ଦିରକୁ କୁଲ୍ଲୁ ରାଜ୍ୟର ଶାସକ ରାଜା ବାହାଦୂର ସିଂ ନିର୍ମାଣ କରିଥିଲେ। ତିନୋଟି ଛାତ ବିଶିଷ୍ଟ ଏହି ମନ୍ଦିରଟି ସମ୍ପୂର୍ଣ୍ଣ ଭାବେ ଦେବଦାରୁର ମଞ୍ଜିକାଠରେ ନିର୍ମାଣ କରାଯାଇଛି ଏବଂ ମନ୍ଦିରର ଭିତର ପାର୍ଶ୍ୱ ଏବଂ ମୁଖ୍ୟଦ୍ୱାରରେ କାଠ ଉପରେ କରାଯାଇଥିବା କାରୁକାର୍ଯ୍ୟ ବେଶ୍ ମନମୁଗ୍ଧକର। ମନ୍ଦିରର ସର୍ବୋଚ୍ଚ ଛୋଟ ଛାତ ଉପରେ ତମ୍ବା ଓ ପିତଳ ମିଶ୍ରିତ ଆଉ ଏକ ତ୍ରିଭୁଜାକାର ଛତ୍ର ରହିଛି। ବିଶ୍ୱାସ ରହିଛି ଯେ, ଶ୍ରଦ୍ଧାଳୁମାନେ ହିଡ଼ିମ୍ବା ମାତାଙ୍କୁ ଭକ୍ତି ଓ ଶ୍ରଦ୍ଧାର ସହିତ ପୂଜାର୍ଚ୍ଚନା କଲେ ତାଙ୍କର ସବୁ ଦୁଃଖକଷ୍ଟ ଦୂର ହେବା ସହିତ ସମସ୍ତ ମନସ୍କାମନା ପୂରଣ ହୋଇଥାଏ।

ଲୋକକଥା ଅନୁସାରେ ସ୍ୱୟଂ ଶ୍ରୀକୃଷ୍ଣ ହିଡ଼ିମ୍ବା ଦେବୀଙ୍କୁ ବନବାସ ସମୟରେ ପ୍ରେରଣ କରି ଦିବ୍ୟଲୀଳା ପ୍ରକାଶ କରିଥିଲେ ଏବଂ ପରବର୍ତ୍ତି ସମୟରେ ସଂସାରର କଲ୍ୟାଣାର୍ଥେ ଦେବୀ ସ୍ୱରୂପା ହେବାର ବରଦାନ ଦେଇଥିଲେ। ମାତା ହିଡ଼ିମ୍ବା କୁଲ୍ଲୁ ରାଜବଂଶର କୁଳଦେବୀ ଭାବେ କାହିଁକି ପୂଜିତା, ସେ ସମ୍ପର୍କରେ ମଧ୍ୟ ଏକ ଜନଶ୍ରୁତି ରହିଛି। ବିହଙ୍ଗମଣି ପାଲ୍ ନାମକ ଜଣେ ବ୍ୟକ୍ତିଙ୍କୁ ସ୍ୱୟଂ ଦେବୀ ହିଡ଼ିମ୍ବା କୁଲ୍ଲୁର ରାଜା ହେବା ପାଇଁ ବରଦାନ ଦେଇଥିଲେ। କୁଲ୍ଲୁର ପ୍ରଥମ ଶାସକ ଭାବେ ବିହଙ୍ଗମଣି ରାଜ୍ୟଭାର ଗ୍ରହଣ କରି ରାଜା ହେଲେ ଏବଂ ତାଙ୍କଠାରୁ କୁଲ୍ଲୁ ରାଜବଂଶର ସୃଷ୍ଟି ହୋଇଥିବାରୁ ଦେବୀ ହିଡ଼ିମ୍ବାଙ୍କୁ କୁଳଦେବୀ ଭାବେ ପୂଜା କରାଯାଉଛି। ଭକ୍ତି ଓ ଶ୍ରଦ୍ଧାରେ ମାତା ହିଡ଼ିମ୍ବାଙ୍କୁ କୁଲ୍ଲୁ ରାଜବଂଶର ଜେଜେମା' ବୋଲି କୁହାଯାଉଛି। ପରମ୍ପରା ଅନୁସାରେ ଏବେ ମଧ୍ୟ କୁଲ୍ଲୁ ଦଶହରା ସମୟରେ ଡିଡ଼ିମ୍ବା ଦେବୀଙ୍କ ପ୍ରତୀକ କୁଲ୍ଲୁ ଅଞ୍ଚଳକୁ ଗମନ କରନ୍ତି ଏବଂ ସାତଦିନ ପର୍ଯ୍ୟନ୍ତ ଢାଲପୁରାସ୍ଥିତ ନିଜର ଦେବସ୍ଥାନରେ ଅବସ୍ଥାନ କରିଥା'ନ୍ତି। ହିଡ଼ିମ୍ବା ଦେବୀ ଦେବସ୍ଥାନରେ ନ ପହଞ୍ଚିବା ପର୍ଯ୍ୟନ୍ତ କୁଲ୍ଲୁ ଦଶହରାର ବିଧିବିଧାନ ଆରମ୍ଭ ହୋଇନଥାଏ।

ହିଡ଼ିମ୍ବାଙ୍କ ମନ୍ଦିରର ଅନତିଦୂରରେ ତାଙ୍କର ପୁତ୍ର ଘଟୋତ୍କଚଙ୍କ ମନ୍ଦିର ମଧ୍ୟ ଅଛି। ମାତା ହିଡ଼ିମ୍ବାଙ୍କ ଦର୍ଶନ କରିବା ପରେ ଶ୍ରଦ୍ଧାଳୁମାନେ ଘଟୋତ୍କଚଙ୍କ ଦର୍ଶନ କରିଥା'ନ୍ତି। ଅନ୍ୟଥା ମାତାଙ୍କ ଦର୍ଶନର ପୁଣ୍ୟଫଳ ମିଳିନଥାଏ ବୋଲି ବିଶ୍ୱାସ ଅଛି। ମାତା ହିଡ଼ିମ୍ବା ଓ ତାଙ୍କର ପୁତ୍ର ଘଟୋତ୍କଚ ଅସୁର ଭାବେ ଜନ୍ମ ନେଇଥିଲେ ମଧ୍ୟ ଭକ୍ତଙ୍କ ଭକ୍ତି, ବିଶ୍ୱାସ ଓ ଶ୍ରଦ୍ଧା ଯୋଗୁଁ ଈଶ୍ୱରୀୟ ଶକ୍ତି ଭାବେ ପୂଜା ପାଉଛନ୍ତି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୌର ପରିଷଦ ଟ୍ୟାକ୍ସ କଲେକ୍ଟର ନିଲମ୍ବିତ



■ କାର୍ଯ୍ୟରେ ଅବହେଳା ଅଭିଯୋଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନ
■ ବୈଠକକୁ ଆସିଲେନି, ଜିଲ୍ଲାପାଳଙ୍କ ଫୋନ୍ ମଧ୍ୟ ରିସିଭ୍ କଲେନି
■ ଅଫିସକୁ ନିଶାସକ୍ତ ହୋଇ ଆସୁଥିଲେ, କାର୍ଯ୍ୟ କରୁ ନ ଥିଲେ

ସୋନପୁର,୧୩।୧୧(ସମିସ): ସୋନପୁର ପୌର ପରିଷଦର ଟ୍ୟାକ୍ସ କଲେକ୍ଟର କୃଷ୍ଣଭକ୍ତ ନାଏକ କାର୍ଯ୍ୟରେ ଗୁରୁତର ଅବହେଳା ଯୋଗୁଁ ନିଲମ୍ବିତ ହୋଇଛନ୍ତି। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ବୁଧବାର ଜିଲ୍ଲାର ସମସ୍ତ ପୌର ପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ଜିଲ୍ଲାପାଳଙ୍କ ସଭାଗୃହରେ ଏକ ସମୀକ୍ଷା ବୈଠକ ବସିଥିଲା। ଏଥିରେ ଟ୍ୟାକ୍ସ କଲେକ୍ଟର ଶ୍ରୀ ନାଏକ ଅନୁପସ୍ଥିତ ଥିଲେ। ତାଙ୍କୁ ପ୍ରଥମେ ବିଭାଗୀୟ ଅଧିକାରୀ ଫୋନ୍ କରିଥିଲେ। ସେ କିନ୍ତୁ ଫୋନ୍ ରିସିଭ୍ କରି ନ ଥିଲେ। ଶେଷରେ ଜିଲ୍ଲାପାଳ ନିଜେ ବାରମ୍ବାର ଫୋନ୍ କରିଥିଲେ। ଏହା ସତ୍ତ୍ୱେ ସେ ଫୋନ୍ ରିସିଭ୍ କରି ନ ଥିଲେ। ଲୋକଙ୍କ କରରୁ ମାସକୁ ୮୨ ହଜାର ଟଙ୍କା ଦରମା ନେବା ସତ୍ତ୍ୱେ ଲୋକଙ୍କ ସେବା ଓ ସରକାରୀ କାର୍ଯ୍ୟରେ ଘୋର ଅବହେଳା କରିଥିବା ଏବଂ ତାଙ୍କ ନାଁରେ ବିଭିନ୍ନ ଅଭିଯୋଗ ଥିବା ଯୋଗୁ ଗୁରୁବାର ସୁବର୍ଣ୍ଣପୁର ଜିଲ୍ଲାପାଳ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସେ ଅଫିସକୁ ନିଶାସକ୍ତ ହୋଇ ଆସିବା ଏବଂ କାର୍ଯ୍ୟ କରୁ ନ ଥିବା ଅଭିଯୋଗ ରହିଥିଲା। ଗୁରୁବାର ସକାଳ ୧୦ଟାରେ ଜିଲ୍ଲାପାଳ ଡ. ସାହୁ ପୁଣି ନିଜେ ପୌର ପରିଷଦ ଅଫିସରେ ପହଞ୍ଚି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ଶ୍ରୀ ନାଏକଙ୍କ ଉପରେ ଅସନ୍ତୋଷ ପ୍ରକାଶ କରି ନିଲମ୍ବନ କରିଥିଲେ।

# ପୋଖରୀକୁ ଓଲଟିଲା କାର୍; ୨ ମୃତ



କବିସୂର୍ଯ୍ୟନଗର, ୧୩।୧୧ (ସମିସ): କବିସୂର୍ଯ୍ୟନଗର ଥାନା ଆଠଗଡ଼ପାଟଣାର ଗଙ୍ଗାପୁର ଠାରେ ବୁଧବାର ବିଳମ୍ବିତ ରାତିରେ ଏକ କାର୍ ଭାରସାମ୍ୟ ହରାଇ ପୋଖରୀ ଭିତରେ ପଶିଯିବାରୁ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନୀଳାଞ୍ଚଳ ମହାପାତ୍ର ଓ ସନ୍ତୋଷ ମହାପାତ୍ର। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତି ଯାଏ ଏକ ଇଟା ଭାଟିରେ ଭୋଜିଭାତ ଚାଲିଥିଲା। ଭୋଜି ଖାଇସାରି ଚାରି ଜଣ ସାଙ୍ଗ କାରରେ ଚିଙ୍ଗୁଡ଼ିଘାଇ ଫେରୁଥିଲେ। ଫେରିବା ବେଳେ ଗଙ୍ଗାପୁର ଗୁଡିବନ୍ଧରେ ଚାଳକ ଭାରସାମ୍ୟ ହରାଇବାରୁ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇ ଗଙ୍ଗାପୁର ଗାଁ ପୋଖରୀ ଭିତରକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ହିଁ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ବାସିନ୍ଦା ସମସ୍ତଙ୍କୁ ଉଦ୍ଧାର କରି ଆସିକା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ନୀଳାଞ୍ଚଳ ଓ ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ କାର୍ ଉଦ୍ଧାର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଇପିଏଫ୍‌ଓ-୩.୦ ୨୫ ହଜାର ହେବ ବେତନ ସୀମା

### ଅଧିକ ବେତନଧାରୀଙ୍କୁ ବି ମିଳିବ ପେନ୍‌ସନ୍ ଫାଇଦା
### ମାସିକ ପେନ୍‌ସନ୍ ଫଣ୍ଡ ଜମା ୧୨୫୦ରୁ ୨୦୮୩ ଟଙ୍କା ହେବ
### ୨୦୧୪ରେ ଇପିଏସ୍ ସୀମା ୧୫ ହଜାରକୁ ବଢ଼ିଥିଲା

ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି): ଆଗକୁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍‌ଓ)ର ସଦସ୍ୟମାନେ ପେନ୍‌ସନ୍‌ରେ ବଡ଼ ଫାଇଦା ପାଇବାକୁ ଯାଉଛନ୍ତି। ଏଣିକି ଅଧିକ ବେତନଧାରୀଙ୍କୁ ବି ମିଳିବ ଅଧିକ ପେନ୍‌ସନ୍‌ର ଫାଇଦା। କାରଣ ସରକାର ଇପିଏଫ୍‌ଓ ସଦସ୍ୟମାନଙ୍କର ବେତନସୀମାରେ ବୃଦ୍ଧି ଘଟାଇବାକୁ ଯାଉଛନ୍ତି। ସରକାର ସଦସ୍ୟଙ୍କ ବେତନ ସୀମା ୧୫,୦୦୦ ଟଙ୍କାରୁ ୨୫, ୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ବିଚାର କରୁଛନ୍ତି। ଶେଷ ଥର ପାଇଁ ୨୦୧୪ରେ କର୍ମଚାରୀ ପେନ୍‌ସନ୍ ଯୋଜନା (ଇପିଏସ୍) ଅନ୍ତର୍ଗତ ବେତନ ସୀମା ୧୫ ହଜାର ଟଙ୍କାକୁ ବୃଦ୍ଧି କରିଥିଲେ। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟର ସୂତ୍ର ଅନୁସାରେ, ଏ ସମ୍ପର୍କିତ ଏକ ପ୍ରସ୍ତାବ ଆସନ୍ତା ଡିସେମ୍ବର କିମ୍ବା ଜାନୁଆରୀ ମାସରେ ହେବାକୁ ଥିବା ଇପିଏଫ୍‌ଓ ବୋର୍ଡ ବୈଠକରେ ଆଲୋଚନା ହେବାର ଆଶା କରାଯାଉଛି। ଯଦି ଏହି ପ୍ରସ୍ତାବକୁ ମଞ୍ଜୁରି ମିଳେ ତେବେ କର୍ମଚାରୀଙ୍କ ମାସିକ ପେନସନ୍ ପାଣ୍ଠି ଜମା ୧୨୫୦ ଟଙ୍କାରୁ ୨୦୮୩ ଟଙ୍କାକୁ ବୃଦ୍ଧି ପାଇବ। ଏହାକୁ ଏବେ ଇପିଏଫ୍‌ଓ-୩.୦ ଅଧୀନରେ ଅନ୍ତର୍ଭୁକ୍ତ କରାଯାଇପାରେ, ଯାହା ୬୫ ନିୟୁତରୁ ଅଧିକ ସଦସ୍ୟଙ୍କୁ ଲାଭ ଦେବ।

ଭାରତରେ ପିଏଫ୍ ଆକାଉଣ୍ଟଗୁଡ଼ିକ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଦ୍ୱାରା ପରିଚାଳିତ ହୁଏ। ଇପିଏଫ୍‌ଓ ସଦସ୍ୟଙ୍କ ବାଧ୍ୟତାମୂଳକ ବେତନ ସୀମା ୧୫,୦୦୦ରୁ ୨୫,୦୦୦ ଟଙ୍କାକୁ ବୃଦ୍ଧି କରିଲେ ଉଚ୍ଚ ବେତନପ୍ରାପ୍ତ କର୍ମଚାରୀମାନେ ମଧ୍ୟ ଇପିଏସ୍ ଯୋଜନା ଅଧୀନରେ ସାମାଜିକ ସୁରକ୍ଷାର ଲାଭ ପାଇବେ। ଇପିଏଫ୍ ଏବଂ ଇପିଏସ୍ ଉଭୟ ପାଇଁ କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କୁ ପ୍ରତ୍ୟେକଙ୍କୁ ଦରମାର ୧୨% ଯୋଗଦାନ କରିବାକୁ ପଡିବ। କର୍ମଚାରୀଙ୍କ ସମ୍ପୂର୍ଣ୍ଣ ୧୨% ଇପିଏଫ୍‌କୁ ଯାଏ, ଯେତେବେଳେ କି ନିଯୁକ୍ତିଦାତାଙ୍କ ଯୋଗଦାନ ଦୁଇଟି ଭାଗରେ ବିଭକ୍ତ ହୋଇଛି। ନିଯୁକ୍ତି ଦାତା ୮.୩୩%ଇପିଏସ୍‌କୁ ଏବଂ ୩.୬୭% ଇପିଏଫ୍‌କୁ ଯୋଗଦାନ ଦେଇଥାନ୍ତି। ସଦସ୍ୟଙ୍କ ବେତନ ସୀମାରେ ବୃଦ୍ଧି ଇପିଏଫ୍- ଇପିଏସ୍ କର୍ପସକୁ ଦ୍ରୁତ ଗତିରେ ବୃଦ୍ଧି କରିବ, ଯାହା ଫଳରେ କର୍ମଚାରୀଙ୍କ ଅବସର ପେନସନ ଏବଂ ସୁଧ ଉଭୟ ବୃଦ୍ଧି ପାଇବ। ବର୍ତ୍ତମାନ ଇପିଏଫ୍‌ର ମୋଟ ପାଣ୍ଠି ପରିମାଣ ପ୍ରାୟ ୨୬ ଲକ୍ଷ କୋଟି ଟଙ୍କା। ଏହାର ୭୬ ନିୟୁତ ସକ୍ରିୟ ସଦସ୍ୟ ଅଛନ୍ତି। ବର୍ତ୍ତମାନ ପ୍ରଚଳିତ ନିୟମ ଅନୁଯାୟୀ, ଇପିଏସ୍-୯୫ ଅନ୍ତର୍ଗତ ପେନସନ ପାଣ୍ଠିରେ ଯୋଗଦାନକୁ ମୂଳ ଦରମାର ସର୍ବାଧିକ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଗଣନା କରାଯାଏ। ଏହାର ଅର୍ଥ ହେଉଛି ଯେ ଆପଣଙ୍କର ଦରମା ୩୦,୦୦୦ କିମ୍ବା ୪୦,୦୦୦ ଟଙ୍କା ହୋଇ ଥାଉ ନା କାହିଁକି, ଆପଣଙ୍କର ପେନସନ କେବଳ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ଗଣନା କରାଯାଏ। ଏଠାରେ ସୂଚନାଯୋଗ୍ୟ ଯେ, ଇପିଏସ୍ ସୀମା ଶେଷ ଥର ପାଇଁ ୨୦୧୪ ରେ ୬୫୦୦ ରୁ ୧୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨୦ରୁ ଆରମ୍ଭ ହେବ...

ଯାହାକୁ ନେଇ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ତେଣୁ ଚଳିତ ବର୍ଷ ଯଦି ଅନୁରୂପ ସମସ୍ୟା ସୃଷ୍ଟି ହୁଏ ତେବେ ଚାଷୀମାନେ କାହା ନିକଟରେ ଗୁହାରି କରିବେ ବୋଲି ପ୍ରଶ୍ନ ଉଠିଛି।

ଗତବର୍ଷ ଅର୍ଥାତ୍ ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୭୭ ଲକ୍ଷ ଟନ୍ ଧାନ କିଣିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ ହେଁ ୭୪ ଲକ୍ଷ ଟନ୍ ଧାନ ସଂଗ୍ରହ କରିଥିଲେ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ ଟଙ୍କା ଉପରେ ସରକାର ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ପ୍ରଦାନ ସତ୍ତ୍ୱେ ୩ ଲକ୍ଷ ଟନ୍ କମ୍ ଧାନ ସଂଗ୍ରହ ହେବା ସାଧାରଣରେ ଆଶ୍ଚର୍ଯ୍ୟ ସୃଷ୍ଟି କରିଥିଲା। ଧାନ କମ କ୍ରୟ ପଛରେ ଚାଷୀ ଏକାଧିକ କାରଣକୁ ଦାୟୀ କରିଥିଲେ। କଟନୀଛଟନୀ, ଧାନର ଏଫଏକ୍ୟୁ ମାନ ନେଇ ଚାଷୀଙ୍କୁ ହଇରାଣ, ମିଲରଙ୍କ ମନମାନିକୁ ନେଇ ଚାଷୀ ହନ୍ତସନ୍ତ ହୋଇଥିବା ଓ ଏହାର ସମାଧାନରେ ଯୋଗାଣ ବିଭାଗ ବିଫଳ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏପରିକି ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନ ସଂଗଠିତ ହୋଇଥିବା ବେଳେ ମିଲରଙ୍କ ମନମାନିକୁ ମଧ୍ୟ ସେତେବେଳେ ରାଜ୍ୟ ସରକାର ପରୋକ୍ଷରେ ସ୍ୱୀକାର କରିଥିଲେ। ଅପରପକ୍ଷେ ଚଳିତ ବର୍ଷ ଚାଷୀ ପଞ୍ଜିକରଣ ଆରମ୍ଭରେ ସରକାରଙ୍କ ଅତ୍ୟନ୍ତ ଜଟିଳ ନିୟମକୁ ନେଇ ତାତିଥିଲେ ଚାଷୀ। ଏନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ସରକାର ନିୟମରେ କୋହଳ କରିଥିଲେ। ତେଣୁ ଏଥର ଯେପରି ଧାନ କିଣା ତ୍ରୁଟି ଶୂନ୍ୟ ହେବ, ସେ ନେଇ ସରକାର ଆଗୁଆ ସମସ୍ତ ପଦକ୍ଷେପ ନିଅନ୍ତୁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଅପରପକ୍ଷେ ଚଳିତ ଥର ଧାନ ସଂରକ୍ଷଣ ପାଇଁ ମଣ୍ଡିରେ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଛି ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ବଳସାମନ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଆସନ୍ତା ୨ ବର୍ଷ ମଧ୍ୟରେ ୧୦୦ଟି ମଡେଲ ମଣ୍ଡି ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୮ଟି ମଡେଲ ମଣ୍ଡି ନିର୍ମାଣ କରାଯିବ। ଏଥିପାଇଁ ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହୋଇ ସାରିଛି। ପୁନଶ୍ଚ ଚଳିତ ବର୍ଷ ୮୦ ସମବାୟ ସମିତିରେ ୨୦୦ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଘର ନିର୍ମାଣ ପାଇଁ ୨୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

### ରାସ୍ତାରେ ମାଣ...

କରାଯାଉ ଏବଂ କୌଣସି ଚାଷୀ ଧାନ ବିକ୍ରିରୁ ବଞ୍ଚିତ ନ ହେଉ। ତେବେ ଗୁରୁବାର ଚାଷୀ ନିଆରା ଢଙ୍ଗରେ ପ୍ରତିବାଦ କରିଛନ୍ତି। ଆଜି ମାର୍ଗଶିର ମାସ ଦ୍ୱିତୀୟ ଗୁରୁବାର ଥିବାରୁ ଆନ୍ଦୋଳନ ସ୍ଥଳରେ ମାଁ ମହାଲକ୍ଷ୍ମୀଙ୍କ ପୂଜା କରିଥିଲେ। ଏହାପରେ ସମସ୍ତ ଅଫିସର, ପୁଲିସ, ସାମ୍ବାଦିକ, ଉପସ୍ଥିତ ସମସ୍ତ ଚାଷୀ ଓ ଗାଈଗୋରୁ ମାନଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ଆନ୍ଦୋଳନ ଚାପରେ ବାଧ୍ୟ ହୋଇ ସରକାର ୨୦ ତାରିଖ ଏକକାଳୀନ ସମସ୍ତ ମାର୍କେଟ ୟାର୍ଡ ଖୋଲିବାକୁ କହିଛନ୍ତି। ଏହା ଆନ୍ଦୋଳନକୁ ଆଂଶିକ ସଫଳତା ଯୋଗାଇବା ସହ ଆନ୍ଦୋଳନକାରୀଙ୍କ ସାହସ ଓ ଉତ୍ସାହକୁ ଦ୍ୱିଗୁଣିତ କରିଛି। ଆଜି ଆନ୍ଦୋଳନ ସ୍ଥଳକୁ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ସମର୍ଥନର ସୁଅ ଛୁଟିଛି। ରେଶମ ମାର୍କେଟର ଚାଷୀ ବୃନ୍ଦ, କୋଶଳ ସେନା, ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନ, ବାରପାହାଡ କୃଷକ ସଙ୍ଗଠନ, ବୀର ସୁରେନ୍ଦ୍ର ସାଏ କୃଷକ ସଙ୍ଗଠନ, ଆଞ୍ଚଳିକ କୃଷକ ମହାସଂଘ, ସଂଯୁକ୍ତ କୃଷକ ସଙ୍ଗଠନର ସଦସ୍ୟ ମାନେ ସଭାକୁ ଆଜି ସମ୍ବୋଧିତ କରିଥିଲେ।

### ଆଜି ବିହାର...

ବିଧାନସଭା ନିର୍ବାଚନରେ ୬୬.୯୧ ପ୍ରତିଶତ ମତଦାନ ହାର ସମସ୍ତ ପୂର୍ବ ରେକର୍ଡକୁ ଭାଙ୍ଗିଦେଇଛି। ପ୍ରଥମ ପର୍ଯ୍ୟାୟରେ ୬୫.୦୮ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୬୮.୭୬ ପ୍ରତିଶତ ମତଦାନ ହୋଇଥିଲା। ମୋଟାମୋଟି ଭାବେ ଦେଖିବାକୁ ଗଲେ ୨୦୨୦ ନିର୍ବାଚନ ( ୫୭.୨୯)ତୁଳନାରେ ଏଥର ୯.୬୨ ଅଧିକ ମତଦାନ ହୋଇଛି। ଶାସକ ମେଣ୍ଟକୁ ଯେଉଁ କଥାଟି ଚିନ୍ତାରେ ପକାଇଛି, ତାହା ହେଲା ଯେ ରାଜ୍ୟ ବିଧନସଭା ନିର୍ବାଚନରେ ଯେତେବେଳେ ମତଦାନ ହାର ପୂର୍ବ ଅପେକ୍ଷା ୫ ପ୍ରତିଶତରୁ ଅଧିକ ବା କମ୍ ସେତେବେଳେ ସରକାରର ପତନ ଘଟିଛି। ଏହା ବିହାରର ନିର୍ବାଚନ ଇତିହାସ କହୁଛି। ୧୯୬୭ରେ ପୂର୍ବ ନିର୍ବାଚନ ତୁଳନାରେ ୭ ପ୍ରତିଶତ ଅଧିକ ମତଦାନ ହୋଇଥିବା ବେଳେ କଂଗ୍ରେସ ସରକାରର ପତନ ଘଟିଥିଲା। ସେହିବର୍ଷ ଅଣ-କଂ।ଗ୍ରେସ ଦଳ ମେଣ୍ଟ ସରକାର ଗଠନ କରିଥିଲେ। ସେହିଭଳି ୧୯୮୦ରେ ପୂର୍ବ ନିର୍ବାଚନ ତୁଳନାରେ ୬.୮ ପ୍ରତିଶତ ଅଧିତ ମତଦାନ ହୋଇଥିଲା ଏବଂ କ୍ଷମତାରେ ପରିବର୍ତ୍ତନ ହୋଇଥିଲା। ୧୯୯୦ରେ ପୂର୍ବ ନିର୍ବାଚନ ତୁଳନାରେ ୫.୭ ପ୍ରତିଶତ ଅଧିକ ମତଦାନ ହୋଇଥିଲା ଏବଂ କଂଗ୍ରେସ ସରକାରର ପତନ ଘଟିଥିଲା। ଏହା ସ୍ଥାନରେ ଜନତା ଦଳ ସରକାର ଗଠନ କରିଥିଲା। ଏହି ଧାରା ଏଥର ଜାରି ରହିଲେ ସରକାର ପରିବର୍ତ୍ତନ ହେବା ନିଶ୍ଚିତ। ତେବେ ଭୋଟର ଏହି ଧାରାକୁ ଭାଙ୍ଗିଛନ୍ତି କି ନାହିଁ ତାହା ଆସନ୍ତାକାଲି ୧୪ ତାରିଖେରେ ହିଁ ଜଣାପଡ଼ିବ। ସୂଚନାଯୋଗ୍ୟ ଏଥର ନିର୍ବାଚନରେ ମହିଳାମାନଙ୍କ ମତଦାନ ହାର ପୁରୁଷମାନଙ୍କ ଅପେକ୍ଷା ଅଧିକ ରହିଛି। ମହିଳାମାନଙ୍କ ମତଦାନ ହାର ୭୧.୬ % ଥିବା ବେଳେ ପୁରୁଷମାନଙ୍କ ମତଦାନ ହାର ୬୨.୮% ରହିଛି। ନୀତୀଶ କୁମାର ୨୦୧୫ରୁ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀପଦରେ ରହିଛନ୍ତି। ଏହାପୂର୍ବରୁ ୨୦୦୫ରୁ ୨୦୧୪ ପର୍ଯ୍ୟନ୍ତ ସେ ମୁଖ୍ୟମନ୍ତ୍ରୀ ଥିଲେ।

### ୭ ଡିଗ୍ରୀକୁ...

ତାପମାତ୍ରା ଆହୁରି ତଳକୁ ଖସିଛି। ଏହି କ୍ରମରେ ୪ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଥିବା ବେଳେ ୯ ସହରରେ ପାରଦ ୧୨ ଡିଗ୍ରୀ ତଳେ ରହିଛି। ୭.୧ ଡିଗ୍ରୀ ସହ ସେମିଳିଗୁଡାରେ ରାଜ୍ୟର ସବୁଠୁ କମ୍ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଜି. ଉଦୟଗିରି ୭.୪, ଦାରିଙ୍ଗବାଡି ୭.୫, ଫୁଲବାଣୀ ୮.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏହା ବ୍ୟତୀତ ଝାରସୁଗୁଡ଼ାରେ ୧୦.୯, ରାଉରକେଲା ୧୧.୧, ଚିପିଲିମା ୧୧.୨, କିରେଇ ୧୧.୫, ଭବାନୀପାଟଣା ୧୧.୫, ଅନୁଗୁଳ ୧୨ ଡିଗ୍ରୀ ସହ ଦ୍ୱୈତ ନଗରୀ କଟକରେ ୧୪.୬ ଏବଂ ଭୁବନେଶ୍ୱରରେ ୧୪.୧ ଡୀଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ବଡ଼ କଥା ହେଉଛି ଯେ ଏଥି ମଧ୍ୟରୁ ଅନେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ତୁଳନାରେ ତାପମାତ୍ରା ଯଥେଷ୍ଟ ହ୍ରାସ ହୋଇଛି। ଭୁବନେଶ୍ୱରରେ ସ୍ୱାଭାବିକ ତୁଳନାରେ ତାପମାତ୍ରା ୫.୩ ଡିଗ୍ରୀ କମ୍ ରହିଥିବା ବେଳେ ଅନୁଗୁଳରେ ୫.୮, ଝାରସୁଗୁଡ଼ାରେ ୬.୨ ଓ ଗୋପାଳପୁରରେ ତାପମାତ୍ରା ସ୍ୱାଭାବିକଠାରୁ ୫ ଡିଗ୍ରୀ କମ୍ ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟରେ ସପ୍ତାହେ ପର୍ଯ୍ୟନ୍ତ ଥଣ୍ଡା ଜାରି ରହିବ। ଶୁକ୍ରବାର ରାତିଠାରୁ କେତେକ ସ୍ଥାନରେ ରାତିର ତାପମାତ୍ରା ଆହୁରି କମିବ। ବ୍ରହ୍ମପୁର, ଭୁବନେଶ୍ୱର, ଭଦ୍ରକ, ପୁରୀ, ବାଲେଶ୍ୱରରେ ଶୁକ୍ରବାର ରାତିରୁ ପରବର୍ତ୍ତୀ ୩ ଦିନ ମଧ୍ୟରେ ତାପମାତ୍ରା ୧-୩ ଡିଗ୍ରୀ ହ୍ରାସ ପାଇବ। ୧୮ ପର୍ଯ୍ୟନ୍ତ ଏହା ଅପରିବର୍ତ୍ତିତ ରହିବ। ବାଲେଶ୍ୱରରରେ ୧୪ରୁ ୧୬ ଡିଗ୍ରୀ ସହ ବ୍ରହ୍ମପୁରରେ ୧୫-୧୭ ଡିଗ୍ରୀ, ରାଉରକେଲାରେ ୧୦-୧୨ ଡିଗ୍ରୀ, ସମ୍ବଲପୁରରେ ୧୩-୧୫ ଡିଗ୍ରୀ ତାପମାତ୍ରା ରହିପାରେ। ଅନ୍ୟାନ୍ୟ ସ୍ଥାନରେ ପ୍ରାୟତଃ ଆଜିର ତାପମାତ୍ରା ଚାଲୁ ରହିବ। ଆଭ୍ୟନ୍ତରୀଣ ଅପେକ୍ଷା ଉପକୂଳରେ ତାପମାତ୍ରା ଅଧିକ କମିବ। ୧୯-୨୧ ମଧ୍ୟରେ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ ବଢ଼ିବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଭୁବନେଶ୍ୱର ଏୟାରପୋର୍ଟରେ ପ୍ରତି ୩୦ ମିନିଟ ଅନ୍ତରାଳରେ ନିଆଯାଇଥିବା ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ, ରାଜ୍ୟ ମଧ୍ୟକୁ ଗତକାଲି ରାତ୍ରି ୧୦ ଟା ପରଠାରୁ ଏପର୍ଯ୍ୟନ୍ତ କ୍ରମାଗତ ଭାବେ ଉତ୍ତର-ପଶ୍ଚିମ ଦିଗରୁ ଥଣ୍ଡା ଶୁଷ୍କ ବାୟୁ ପ୍ରବାହିତ ହେଉଛି, ଯାହା ପ୍ରଭାବରେ ବିଭିନ୍ନ ସ୍ଥାନରେ ରାତିର ତାପମାତ୍ରା ତଳମୁହାଁ ହେଉଛି। ଏହି ଶୁଷ୍କ ବାୟୁ ଅନେକ ସ୍ଥାନରେ ଶୀତ ଲହରୀ ସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି। ସେହିପରି ଗୁରୁବାର ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନ ଅନୁଯାୟୀ ଆଗାମୀ ଦୁଇ ସପ୍ତାହ ଯାଏଁ (୧୪ ରୁ ୨୭ତାରିଖ) ଦେଶର ବିଭିନ୍ନ ଭାଗରେ ସର୍ବନିମ୍ନ ରାତିର ତାପମାତ୍ରା କମ୍ ରହିବ। ଏହା ପ୍ରଭାବରେ ଶୀତଲହରୀର ସମ୍ଭାବନା ସୃଷ୍ଟି ହେବ। ଏହି ସମୟରେ ଓଡ଼ିଶାରେ ମଧ୍ୟ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ ବୋଲି ଆଇଏମ୍‌ଡି ନିଜ ଆକଳନରେ ଦର୍ଶାଇଛି।

### ମାମଲା ରୁଜୁ କଲା...

ଗୁଡ଼ିକୁ ଯିବ। ଏହା ସହ ସିବିଆଇ ଓଡ଼ିଶା ସମେତ ରାଜ୍ୟ ବାହାରେ ଏକ ମିଳିତ ରେଡ୍ କରିବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଏହି ମାମଲାର ସିବିଆଇ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସୁପାରିସ କ୍ରମେ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିବା ପରେ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଆଇ ଚାକିରି ବିକ୍ରି ମାମଲାର ମାଷ୍ଟରମାଇଣ୍ଡ ସିଲିକନ୍‌ର ସିଇଓ ସୁରେଶ, ପଞ୍ଚସପ୍ଟର ମାଲିକ ଶଙ୍କର ପୃଷ୍ଟି ଏବଂ ସେମାନଙ୍କ ସହଯୋଗୀଙ୍କ ସମେତ ମୋଟ୍ ଗିରଫ ହୋଇଥିବା ୧୨୬ଙ୍କ ନାମ ସହ ସମସ୍ତ ତଥ୍ୟ ସିବିଆଇକୁ ହସ୍ତାନ୍ତର କରିଛି। ଅପରପକ୍ଷେ ସ୍ଥାନୀୟ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଗୁରୁବାର ୨ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଜାମିନ ପାଇଥିବା ଅଭିଯୁକ୍ତ ହେଲେ ଶେଖର ସାହୁ ଓ ପ୍ରକାଶ ସାହୁ। ତେବେ ବିଶ୍ୱରଞ୍ଜନ ବେହେରା ଓ ତଫିମ ଅହମ୍ମଦ ଖାନଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଛନ୍ତି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟି, ଅରବିନ୍ଦ ଦାସ ଓ ସିଲିକନ ଟେକର ମାଲିକ ସୁରେଶ ଚନ୍ଦ୍ର ନାୟକଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୦ରେ ହେବ ବୋଲି ଜଣାପଡ଼ିଛି।


SDCCB

**THE SAMBALPUR DISTRICT CO-OPERATIVE CENTRAL BANK**

Letter No. 3842 Date: 12.11.2025

**Quotation Call Notice**

The Sambalpur District Co-operative Central Bank (SDCCB) invites Quotation call notice for UPS and Batteries for Various Branches & H.O. under the Sambalpur District Co-Operative Central Bank Ltd. (SDCCB), Bargarh, Odisha. For details please visit Bank's website: www.sambalpurdccb.bank.in. The last date for receipt of proposal is 20.11.2025, 2:00 P.M.SDCCB reserves the right to accept/reject any/all Quotation without assigning any reason thereof.

**Sd/-Chief Executive Officer**

THE SAMBALPUR DISTRICT CO-OPERATIVE CENTRAL BANK
HEAD OFFICE: BARGARH – 768028
Email: headoffice@sambalpurdccb.com



ଭା.କ.ନି.
CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୩.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



**LOST**

By virtue of an affidavit, I, Manisha Khatua, W/o Ranjeet Kumar Dalai, Village/PO/P.S- Erasama, Dist.- Jagatsinghpur solemnly affirm that I have obtained an original sale deed no. 10392306357, dt.04.05.2023 after registration of land bearing Khata No. 686/3286, Plot No. 704/9394 of Mouza - Adalia. That unfortunately, the said sale deed has been lost somewhere while I was going to Erasama Bazar from my residence situated at Erasama on 19.10.2025. That inspite of my best effort, I could not able to trace out it. That I declare that I have not mis-utilised the said sale deed any anywhere for any purpose. If found by anybody kindly inform at my above address.

**AFFIDAVIT**

I, Ranjan Kumar Agrawala, aged about 58 years, S/o- Ramotar Agrawala, resident of Tikrapada, Po- Balangir, Ps- Town, Bolangir, Dist- Balangir, Odisha, PIN-767001 declare by this affidavit No. 2301, dtd-13/11/2025, that now onwards I shall be known as **RANJAN KUMAR AGRAWAL** for all future purposes.

**NOTICE**

By virtue of an affidavit sworn before the Notary Public, Cuttack, dated 12.11.2025, I, Ahalya Kumari Jena, D/o- Bhagirathi Jena, W/o- Late Bipin Bihari Jena, permanent resident of At-154, Nuabazar, P.O.- Paradeep, P.S.- Paradeep, Dist.- Jagatsinghpur, Odisha, PIN–754142, have changed my name and surname from Ahalya Swain to Ahalya Kumari Jena. Henceforth, I shall be known as **Ahalya Kumari Jena** for all purposes.
Ahalya Kumari Jena

**NOTICE**

By virtue of an affidavit sworn before the Notary Public, Cuttack, dated 06.11.2025, I, Pratap Kumar Samantaray, S/o- Jambeswar Samantaray, resident of At-Chhakadipur, P.O.- Biribadi, P.S.- Tangi, Dist.-Khorda, Odisha, PIN–752027, have changed my name from Pratap Samantaray to Pratap Kumar Samantaray. Henceforth, I shall be known as **Pratap Kumar Samantaray** for all purposes.
Pratap Kumar Samantaray

**NOTICE**

By virtue of an Affidavit sworn before the Notary Public, Bhubaneswar, Dtd. 09/10/2025. I Kishor Chandra Rout, S/o: Late Chakradhar Rout, Resident of At: Govindapur, P.O.: Gadadhar Prasad, Via: Itamati, P.S.: Itamati, Dist.: Nayagarh, Odisha, PIN-752068, have changed my name from Kishor Chandra Raut to **Kishor Chandra Rout** & my father's name also have changed from Chakradhar Raut to **Chakradhar Rout** & my mother's name also changed from Chhatiani Raut to **Chhatiani Rout** for all purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 08/11/2025. I, **Panchu Bag** (applicant name), S/o Anama Bag, permanent resident of AT-Jugirata, PO- Haldi, PS- Muribahal, Dist-Balangir, (Odisha), PIN- 767037 now residing at the same place declare that I have changed my minor son's name from **Jituranjan Bag** (old name) to **Jitumani Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Jitumani Bag** (new name) for all future purposes.
**Panchu Bag**

**AFFIDAVIT**

I, Sujay Pattanayak, age- 45 , S/o- Shripati Pattanayak of village - Palasia, Po- Kothapada, Ps- Basta, Dist- Balasore,Odisha . declared by affidavit before In The Court of Executive Magistrate and Tahasildar,Basta No- 3345,dtd-04/09/2025 that as per aadhar card and pan card my name is Sujay Pattanayak but my R.O.R Moza– Palasia,PS-Basta Thana no-113,Khata no-94/19 & 94/29 recorded my name with my brothers and my name mentioned as Sujay Pattanayak S/o- Sripati Pttnayak, and khata no-94/17 & 94/51 recorded my name with my brother's name Sujay kumar Pattanayak , and Khata No- 94/16 recorded my name with my brothers and my name is mentioned Sasanka Pattanayak s/o- Sripati Kumar Pattanayak . Hence I Declared that **Sujay Pattanayak** alias **Sujay Kumar Pattanayak** alias **Sasanka Pattanayak**, S/o- **Sripati Pattanayak** alias **Shripati Pattanayak** alias **Sripati Kumar Pattanayak** is same and one person there is no other person in that name and style in above noted address for all future purpose .
Sujay Pattanayak

**AFFIDAVIT**

By virtue of an affidavit sworn before the Executive Magistrate Padampur, Dist.- Bargarh dated 11th November 2025, CF No.-05, I Atmaram Satnami aged about 33 years, S/o.- Habelal Satnami, resident of village- Sikaripali, Ps.-Jagdalpur, Block- Jharbandh, Dist.- Bargarh, Pin- 768042 hereby declares that for and on behalf of my minor daughter Hatasini Satnami. I have changed my minor doughter's name from **Htasini Satnami to Hatasini Satnami**. Hance she will be known as **Hatasini Satnami** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF No. 106 on dated 11.11.2025, I Nilanchala Patro, currently resident at Pragati Vihar, Plot No-211/5796, Bhubaneswar, PIN-751016 Dist- Khordha, Odisha, declare that I have changed my son's name from Rudransu Patro to Rudransh Patro. Henceforth, He shall be known as **RUDANSH PATRO** for all future purposes.
Nilanchala Patro

**AFFIDAVIT**

By virtue of an affidavit sworn before Executive Magistrate, Rayagada, dated 07/11/2025, I, P. RUVIAH resident of Village- Lelibadi, Po.- Dunduli, Ps.- Chandili, Dist.- Rayagada, Odisha vide affidavit no. 1018 dtd. 07.11.2025 declare that, I have changed my name from **RUAI PEDENTI** to **P. RUVIAH**. Henceforth, I shall be known as **P. RUVIAH** for all purposes.
Sd/- P. Ruviah

**AFFIDAVIT**

I Sarbajeet Pattnaik S/o- Late Biswanath Pattnaik resident of Patrapada PO- Dumduma Housing Board Colony PS- Bharatpur Dist- Khordha PIN-751019 Odisha declare by this affidavit No 693 dtd- 11/11/2025 that now onwards I shall be known as **Sarbajeet Pattanaik** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Sohela dated 13/11/2025 I Taranisen Budhia resident of Village Jampali P/O.- Tungibandhali, P/S.- Sohela, Dist.- Bargarh, Pin-768033 declare that I have changed my son name **Dev Budhia** to **Devranjan Budhia**. Henceforth he shall be known as **Devranjan Budhia** for all purpose.

**AFFIDAVIT**

By virtue of an affidavit before the Notary Public, Kodala, Ganajm, I, A Jyothi Patra, D/o- Tarakeswar Rao Nalla And W/o- A Manoja Kumar Patra, resident of Vill.- Beguniapada, P.S.- Beguniapada, Dist.- Ganjam, Odisha (PIN-761031), do hereby declare that I have changed my name from JYOTHI BALLA to **A JYOTHI PATRA**. Henceforth, I shall be known as **A JYOTHI PATRA** for all purposes.
Sd/- A JYOTHI PATRA

**NOTICE**

By virtue of an affidavit sworn before Executive Magistrate, Rairakhol, dated 29/10/2025, I Pradeep Mukhi, S/o- Durjodhan Mukhi, resident of Village- Samsingha, Poa.- Kadaligarh, Ps.- Rairakhol, Dist.- Sambalpur, Odisha, Pin- 768106 declare that, I have changed the name of my minor daughter from **Smitarani Mukhi** to **Priya Mukhi**. Henceforth, she shall be known as **Priya Mukhi** for all purposes.
Sd/- Pradeep Mukhi

**CHANGE OF NAME**

I,**SAPANA MAHARANA** (OLD NAME) as per Board of SSC marks list. Orissa. residing at Plot.No.55, Nagarjuna Hills, Punjagutta,Hyderabad.,Telengana-500082. Hereby declare that I have changed my name as **SAPNA MAHARANA** (NEW NAME) (Aadhar Card) D/o DEENABANDHU MAHARANA.

**AFFIDAVIT**

I, Bhupesh Kumar Gandha, aged about 60 years, S/o- Late Laxmidas Kalyanji, resident of At- Back side of Mafidar Building, Cox Colony, Dist- Jharsuguda, Odisha, Pin- 768203 declare by this affidavit No. CF No-5943, dated-13/10/2025 that now onwards I shall be known as **BHUPESH GANDHA** for all future purposes.

# ଜାତୀୟ ରାଜପଥରେ ସିରିଜ ଦୁର୍ଘଟଣା, ଚାଳକ ଗୁରୁତର

**ଦେବଗଡ଼, ୧୩।୧୧ (ସମିସ):** ବାର୍କୋଟ ବ୍ଲକ ମୁଖ୍ୟାଳୟ ୪୯ ନମ୍ବର ଜାତୀୟ ରାଜପଥରେ ଗୁରୁବାର ହାଇୱା-ଟ୍ରକ ଓ ବୋଲେରୋ ମଧ୍ୟରେ ସିରିଜ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ହାଇୱା ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ଚାଳକ ସମ୍ବଲପୁର ଜିଲ୍ଲାର ଜମନକିରା ଅଞ୍ଚଳର ହୃଷିକେଶ ବରିହା ବୋଲି ସୂଚନା ରହିଛି। ଅନ୍ୟ ୨ ଗାଡ଼ିର କାହାରି କିଛି କ୍ଷତି ହୋଇନଥିବା ଜଣାପଡ଼ିଛି। ପ୍ରକାଶ ଯେ, ବାହାଡିପଶି ପଟୁ ଏକ ହାଇୱା ବାରକୋଟ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ ୪୯ ନମ୍ବର ଜାତୀୟ ରାଜପଥର ବାରକୋଟ ବ୍ଲକ ଛକ ପାରି ହେଉଥିଲା। ସେହି ସମୟରେ ହଠାତ ଜଣେ ସ୍କୁଟି ଆରୋହୀ ରାଜପଥକୁ ଚାଲି ଆସିଥିଲେ। ସ୍କୁଟି ଚାଳକକୁ ବଞ୍ଚାଇବାକୁ ଯାଇ ହାଇୱା ଚାଳକ ଭାରସାମ୍ୟ ହରାଇ ବିପରୀତ ଦିଗରୁ ଆସୁଥିବା ଟ୍ରକ ସହିତ ଧକ୍କା ହୋଇଥିଲା। ଅନ୍ୟପଟେ ବାରକୋଟ ମେଡିକାଲରୁ ଆସୁଥିବା ଏକ ବୋଲେରୋ ହାଇୱା ଓ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ହାଇୱା ଚାଳକ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ ଉଦ୍ଧାର କରାଯାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବାରକୋଟ ଥାନା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

**ଜିଲ୍ଲା ଖାଉଟି ଅଦାଲତଙ୍କ ରାୟ**

# ୨ ଟଙ୍କା ଅଧିକ ନେଲେ ଗଣିବେ ୨୫ ହଜାର ଓ ୫ ହଜାର ମାମଲା ଖର୍ଚ୍ଚ

**ଝାରସୁଗୁଡ଼ା, ୧୩।୧୧(ସମିସ)**

ଗ୍ରାହକଙ୍କ ଠାରୁ ୨ ଟଙ୍କା ଅଧିକ ନେଇଥିଲେ ଏବେ କ୍ଷତିପୂରଣ ୨୫ ହଜାର ଟଙ୍କା ଗଣିବା ସହିତ ମାମଲା ପାଇଁ ଗ୍ରାହକଙ୍କ ଓକିଲ ଖର୍ଚ୍ଚ ବାବଦକୁ ୫ ହଜାର ଟଙ୍କା ମଧ୍ୟ ପ୍ରଦାନ କରିବେ। ଏହାସହ ଅଧିକ ନେଇଥିବା ୨ ଟଙ୍କା ଫେରସ୍ତ କରିବେ। ଝାରସୁଗୁଡ଼ା ଜିଲ୍ଲା ଖାଉଟି ଅଦାଲତ ଏକ ମାସ ମଧ୍ୟରେ ଏହି ନିର୍ଦ୍ଦେଶକୁ ପାଳନ କରିବା ପାଇଁ ଝାରସୁଗୁଡ଼ା ସ୍ଥିତ ଉଜ୍ଜ୍ୱଳ ବାଜାଜକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ମଇ ମାସ ୭ ତାରିଖରେ ଗ୍ରାହକ ନେତ୍ରାନନ୍ଦ ସାହୁ ନିଜ ବାଇକର ଏକ୍ସିଲେଟର ତାର କିଣିବା ପାଇଁ ଉଜ୍ଜ୍ୱଳ ବାଜାଜକୁ ଯାଇଥିଲେ। ଏକ୍ସିଲେଟରେ ତାରର ଏମଆରପି ୧୫୮ ଟଙ୍କା ରହିଥିବା ବେଳେ ନେତ୍ରାନନ୍ଦଙ୍କ ଠାରୁ ୨ ଟଙ୍କା ଅଧିକ ୧୬୦ ଟଙ୍କା ନିଆଯାଇଥିଲା। ଏହାକୁ ବିରୋଧ କରି ନେତ୍ରାନନ୍ଦ ଜିଲ୍ଲା ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ।




ଖାଉଟି ଅଦାଲତର ସଭାପତି ଜାଗିଷା ମିଶ୍ର ଏବଂ ସଦସ୍ୟ ଅଞ୍ଜୁ ଅଗ୍ରୱାଲ ଏହି ମାମଲାର ବିଚାର କରି ଉଜ୍ଜ୍ୱଳ ବଜାଜ୍‌କୁ ଦଣ୍ଡିତ କରିଛନ୍ତି। ୧ ମାସ ମଧ୍ୟରେ ଅଭିଯୋଗକାରୀଙ୍କ ଠାରୁ ନେଇଥିବା ଅତିରିକ୍ତ ୨ ଟଙ୍କା ଫେରସ୍ତ କରିବା, ସେବା ପ୍ରଦାନରେ ତ୍ରୁଟି ଯୋଗୁଁ ୨୫ ହଜାର ଟଙ୍କା କ୍ଷତିପୂରଣ ଓ ମାମଲା ଖର୍ଚ୍ଚ ବାବଦକୁ ୫ ହଜାର ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଖାଉଟି ଅଦାଲତ ଉଜ୍ଜ୍ୱଳ ବଜାଜ୍‌କୁ ନିର୍ଦ୍ଦେଶ ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ



**ଦେବଗଡ଼, ୧୩।୧୧(ସମିସ):** ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଅକ୍ଟୋବର ମାସରେ ଧାର୍ଯ୍ୟ ଥିବା ଭୂରାଜସ୍ୱ, ଜଳକର, ବସୁନ୍ଧରା, ସ୍କୁଲ କଲେଜ ପଟ୍ଟା ଓ ସମସ୍ତ ଅନ୍ୟାନ୍ୟ କର ଆଦାୟ କରିବାକୁ ଜିଲ୍ଲାର ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ତିନି ତହସିଲର ତହସିଲଦାର, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର୍, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜନଜାତି ଗୌରବ ବର୍ଷ ପକ୍ଷରେ ଜନ ସଚେତନତା କାର୍ଯ୍ୟକ୍ରମ

**ଦେବଗଡ଼, ୧୩।୧୧(ସମିସ):** ଧରତି ଆବ୍ବା ଜନଜାତୀୟ ଗାଁ ଉତ୍କର୍ଷ ଅଭିଯାନର ଆଦି କର୍ମଯୋଗୀ ଅଭିଯାନ ଅଧୀନ ତିଳେଇବଣି ବ୍ଲକ ବଣିଆକିଲିଣ୍ଡା ପଞ୍ଚାୟତ କଳାମାଟି ଗାଁ ଠାରେ ଜନଜାତୀୟ ଗୌରବ ବର୍ଷ ପଖୱାଡା କାର୍ଯ୍ୟକ୍ରମ ହୋଇଯାଇଛି। ଏହି ଅବସରରେ କଳାମାଟି ଆଦି ସେବା କେନ୍ଦ୍ର ଠାରେ ଜନ ସଚେତନତା କାର୍ଯ୍ୟକ୍ରମ ଏବଂ ଅଭିଯୋଗ ଶୁଣାଣି ହୋଇଥିଲା। ନଭେମ୍ବର ୧ରୁ ୧୫ ନଭେମ୍ବର ପର୍ଯ୍ୟନ୍ତ ଜନଜାତୀୟ ଗୌରବ ବର୍ଷ ପକ୍ଷ ପାଳିତ ହେବ। କଳାମାଟି ଆଦି ସେବା କେନ୍ଦ୍ରରେ ଆଧାରକାର୍ଡ ଶିବିର, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଏବଂ ବିତ୍ତୀୟ ସାକ୍ଷରତା ସଚେତନତା ଶିବିର ଅନୁଷ୍ଠିତ ହେବ। ଶିବିରରେ ୫୦ରୁ ୬୦ ଜନଜାତି ବର୍ଗ ହିତାଧିକାରୀ ଅଂଶଗ୍ରହଣ କରିବେ। ସ୍ୱାସ୍ଥ୍ୟ ଶିବିରରେ ୩୨ ଜଣଙ୍କ ସ୍ୱାସ୍ଥ୍ୟ ଚିକିତ୍ସା, ଆଧାରକାର୍ଡ ଶିବିରରେ ୨୩ ଜଣ ହିତାଧିକାରୀଙ୍କ ଆଧାରକାର୍ଡ ସଂଶୋଧନ କରାଯାଇଥିଲା। ବିତ୍ତୀୟ ସାକ୍ଷରତା ସଚେତନତା ଶିବିର ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜନଧନ ଜମା ଖାତାରେ ୧୨ ଜଣ ହିତାଧିକାରୀଙ୍କ ନୂତନ ଜମାଖାତା ଖୋଲାଯାଇଥିଲା। କାର୍ଯ୍ୟକ୍ରମରେ ତିଳେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଉଚ୍ଛବ ଚରଣ ବେହେରା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର କର୍ମଚାରୀ ବୃନ୍ଦ, ଅଙ୍ଗନବାଡ଼ି କର୍ମୀ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ଧରତି ଆବ୍ବା ଜନଜାତୀୟ ଗ୍ରାମ୍ୟ ଉତ୍କର୍ଷ ଅଭିଯାନରେ ଦେବଗଡ଼ ଜିଲ୍ଲାରେ ୫୨ଟି ଜନଜାତି ବହୁଳ ଗାଁରେ ୪୭ଟି ଆଦିସେବା କେନ୍ଦ୍ର ଖୋଲାଯାଇଛି। ଏହି ସେବାକେନ୍ଦ୍ରରେ ପ୍ରତ୍ୟେକ ମାସ ପ୍ରଥମ ଶନିବାର ଏବଂ ତୃତୀୟ ଶନିବାର ମଧ୍ୟାହ୍ନ ୨ ରୁ ଅପରାହ୍ଣ ୪ ପର୍ଯ୍ୟନ୍ତ ସରକାରଙ୍କ ପ୍ରମୁଖ ସେବା ସବୁ ଯୋଗାଇ ଦିଆଯାଉଛି।



# ଗାଁ ଦିବସ ସମ୍ମାନ ସମାରୋହ

**ଅତାବିରା, ୧୩।୧୧(ସମିସ):** ଭାରତର ଆତ୍ମା ହେଉଛି ଗାଁ, ଯାହାର ୭୫ ପ୍ରତିଶତ ଜନବସତି ଗାଁରେ ରହିଛି। ସମ୍ପ୍ରତି ଭୌତିକବାଦୀ ସମାଜରେ ମଣିଷ ସହରାଭିମୁଖୀ ହୋଇ ନିଜର ଅସ୍ତିତ୍ୱ ହରାଇବସୁଛି। ଚାକଚକ୍ୟ ଭରା ସହରାଞ୍ଚଳରେ ମାନବ ସମାଜ ମଣିଷତ୍ୱ ହରାଉଛି। ଗାଁ ପରିବେଶର ସଂସ୍କୃତି, ପରମ୍ପରା, ଭାତୃତ୍ୱଭାବ, ସାମାଜିକ ସମ୍ପର୍କ ସହରରେ ନାହିଁ। ସହରରେ କେବଳ ଅର୍ଥ ପଛରେ ଧାଇଁ ମଣିଷ ନିଜକୁ ଏକ ମେସିନରେ ପରିଣତ କରିଦେଲାଣି। ସହରୀ ମୋହମାୟା ଠାରୁ ବିତୃସ୍ପୃହ କିଛି ଶିକ୍ଷିତ ଲୋକ ପୁଣି ଗାଁର ପ୍ରାକୃତିକ ପରିବେଶକୁ ଆପଣାଇଲେଣି। ସହରାଭିମୁଖୀ ମାନବ ସମାଜ ପୁଣି ନିଜ ମାଟିକୁ ପ୍ରତ୍ୟାବର୍ତ୍ତନ କରିବା ନେଇ ସଚେତନତା ଅଭିଯାନ ଆରମ୍ଭ କରିଛି 'କଳାକ୍ଷେତ୍ର' ଅନୁଷ୍ଠାନ। ଲାଦରପାଲି ସ୍ଥିତ ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ କଳାକ୍ଷେତ୍ର ବରଗଡ଼ ତରଫରୁ ଗାଁ ଦିବସର ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶବ୍ଦନୃତ୍ୟ ଗୁରୁ ପଦ୍ମଶ୍ରୀ ଭାଗବତ ପ୍ରଧାନ, ମୁଖ୍ୟବକ୍ତା କଳାକ୍ଷେତ୍ରର ଆବାହକ ବାସୁଦେବ ମାଲବିଶୋଇ, ସମ୍ମାନିତ ଅତିଥି ଅନୁଷ୍ଠାନର କନ୍ଧମାଳ ଜିଲ୍ଲା ସଂଯୋଜକ ଅକ୍ଷୟ କର୍ଣ୍ଣ, ବିଜ୍ଞାନ ମହାନ୍ତି ଓ ଅରୁଣ ମେଣ୍ଡଲୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଅମୃତ ବାରିକ। ଏହି ଅବସରରେ ଅତାବିରା ବ୍ଲକର କଳାକାର ବିକ୍ରମ କିଶୋର ସାହୁ, ଭଟଲି ବ୍ଲକର କ୍ଷୀରୋଦ୍ର ସାହୁ, ଅମ୍ବାଭୋନା ବ୍ଲକର ରବିଶଙ୍କର ବେହେରା, ଝାରବନ୍ଧ ବ୍ଲକର ଘନଶ୍ୟାମ ନାଗ, ପାଇକମାଲ ବ୍ଲକର ଶୁକଦେବ ବେହୁରା, ପଦ୍ମପୁର ବ୍ଲକର ରାଜ ସାହୁ, ବିଜେପୁର ବ୍ଲକରୁ ଦେବେନ୍ଦ୍ର ଛତ୍ରିଆ, ଗାଇସିଲାଟ ବ୍ଲକରୁ ଇନ୍ଦ୍ରମଣି ବାରିକ ଓ ଗୁରୁଦେବ ସାହୁ, ବରପାଲି ବ୍ଲକର ରମେଶ ଚନ୍ଦ୍ର ପଧାନ, ଭେଡେନ ବ୍ଲକର ସାରଥି ପ୍ରଧାନ ଓ ବରଗଡ଼ ବ୍ଲକର ସମରେନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସୌମ୍ୟରଞ୍ଜନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଡିଏଭିରେ ଶିଶୁ ମହୋତ୍ସବ ଉଦ୍‌ଘାଟିତ



**ଝାରସୁଗୁଡ଼ା, ୧୩।୧୧(ସମିସ):** ଡିଏଭି ସ୍କୁଲ ପରିସରରେ ତିନି ଦିନିଆ ଶିଶୁ ମହୋତ୍ସବ ତଥା 'ଚିଲଡ୍ରେନ ଫେଷ୍ଟ' ଉଦ୍‌ଘାଟିତ ହୋଇଯାଇଛି। ପରିଚାଳନା ସମିତି ସଭ୍ୟ ତଥା ବରିଷ୍ଠ ଆଇନଜ୍ଞ ତାପସ ରାୟ ଚୌଧୁରୀ ମୁଖ୍ୟ ଅତିଥି ଓ ବ୍ରଜରାଜନଗର କଲେଜରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱଜିତ ଖମାରୀ ସମ୍ମାନିତ ଅତିଥି ରୂପେ ଶିଶୁ ମହୋତ୍ସବର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ଅତିଥି ପରିଚୟ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ବୈଦିକ ହୋମଯଜ୍ଞ ସହିତ ଉଦ୍‌ଘାଟନୀ ଉତ୍ସବର ଶୁଭାରମ୍ଭ କରାଯାଇ ପ୍ରାରମ୍ଭିକ ପର୍ଯ୍ୟାୟରେ ପୁସ୍ତକ ମେଳାର ଆୟୋଜନ କରାଯାଇଥିଲା। ଉଦ୍‌ଘାଟନୀ ଦିବସରେ ସମାଜରେ ଉପେକ୍ଷିତ ହେଉଥିବା ଜେଜେ ବାପା ଜେଜେ ମା'ଙ୍କ ସମ୍ମାନାର୍ଥେ ଜେଜେ ବାପା, ଜେଜେମା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଶ୍ରୀ ଖମାରୀ ଏହି ସମ୍ମିଳନୀରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାପୁରୁଷଙ୍କ ଅଭିନୟ, ଗୀତ, ନଡିଆ ଚିତ୍ରୀକରଣ, ମାଠିଆ ଚିତ୍ରକଳା, ଆଡ ଶୋ, ଫଟୋଗ୍ରାଫି, ଇଂରାଜୀ ତର୍କ, ଗୀତ ଆବୃତ୍ତି, ନୃତ୍ୟ, କୁଇଜ ଆଦି ପ୍ରତିଯୋଗିତା ସହିତ ପ୍ରଥମ ଦିବସର କାର୍ଯ୍ୟକ୍ରମ ସମାପନ ହୋଇଥିଲା। ପ୍ରଥମ ଦିବସର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥି, ବିଚାରକ ଓ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ମେଗା ଉତ୍ସବ ଆଗାମୀ ଦୁଇ ଦିନ ଧରି ଚାଲିବ। ସନ୍ଧ୍ୟା କାର୍ଯ୍ୟକ୍ରମରେ ଲକ୍ଷ୍ମୀନାରାୟଣ କଲେଜରୁ ଅବସରପ୍ରାପ୍ତ ଅଧ୍ୟକ୍ଷ ଓ ଅଧ୍ୟାପିକା ମନ୍ଦାକିନୀ ଶତପଥୀ, ସମିତି ସଭ୍ୟ ଶ୍ରୀରାୟ ଚୌଧୁରୀ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

# ଆଇଆଇଏଚ୍‌ଟିର ନବମ ଆଲୁମିନା ମିଟ୍

**ବରଗଡ଼, ୧୩।୧୧(ସମିସ):** ବରଗଡ଼ ଭାରତୀୟ ହସ୍ତତନ୍ତ ପ୍ରଦ୍ୟୋଗିକ୍ ପ୍ରତିଷ୍ଠାନରେ ସର୍ବ ଭାରତୀୟ ଆଇଆଇଏଚଟିର ନବମ ଆଲୁମିନି ମିଟ ସମାପ୍ତ ହୋଇଯାଇଛି। ୧୯୫୬ ମସିହାରୁ ଆରମ୍ଭ ହୋଇଥିବା ଏହି ସଂସ୍ଥା ଭାରତର ୯ଟି ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀଙ୍କୁ କପଡ଼ା ବୈଷୟିକ ଶିକ୍ଷା ପ୍ରଦାନ କରି ଆସୁଛି। ୧୯୫୬ରୁ ୨୦୨୫ ପର୍ଯ୍ୟନ୍ତ ଶିକ୍ଷା ପାଇଥିବା ଅନୁଷ୍ଠାନ ମାନଙ୍କର ପୁରାତନ ଛାତ୍ରଛାତ୍ରୀ ଏହି ମହା ମିଳନ ପର୍ବରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ବସ୍ତ୍ର ଓ ହସ୍ତ ଶିଳ୍ପ କମିଶନର ଓ ସମ୍ପାଦକ ଗୁହା ପୁନମ ତାପସ ଯୋଗ ଦେଇଥିଲେ। ବରଗଡ଼ କଲେକ୍ଟର ଆଦିତ୍ୟ ଗୋୟଲ୍ ଓ ଏସପି ପ୍ରହଲ୍ଲାଦ ସହାୟ ମୀନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ବ୍ରିଜେଶ ଅବସ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସର୍ବ ଭାରତୀୟ ଆଇଆଇଏଚ୍‌ଟି ଆଲୁମିନି ସଂଘର ସଭାପତି ଧରମ ବୀର ସିଂହ, ସମ୍ପାଦକ ଭବର ଲାଲ୍ ବନ୍ଦରୱାଲ୍ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ନିର୍ଦ୍ଦେଶକ ଆଇଆଇଏଚଟି ବାରାଣସୀ, ବିପି ସରକାର, ବିବି ପାଲ ନିର୍ଦ୍ଦେଶକ, ସୁରେନ୍ଦ୍ର ପାତ୍ର, ଉମାକାନ୍ତ ରାଉତ, ସୋମଦତ୍ତ ଶର୍ମା, ପ୍ରତୀକ ରାଣା ସଭାପତି ଓ ସମ୍ପାଦକ ଆଇଆଇଏଚଟି, ବରଗଡ଼, ଆଲୁମିନି ସଂଘ୍ ଶାନ୍ତନୁ ମେହେର ସ୍ନିଗ୍ଧ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ପାଇକମାଲ, ୧୩।୧୧(ସମିସ):** ପାଇକମାଲ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ରଞ୍ଜିତା ମହାନ୍ତି ଅତିଥି ପରିଚୟ ଦେଇଥିଲେ ଓ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ଅଧ୍ୟାପିକା ନିରୁପମା ପ୍ରଧାନ ସଭା ପରିଚାଳନା କରିଥିଲେ। ଖେଳ ଶିକ୍ଷକ ରାଧାକାନ୍ତ ପୁରୋହିତ, ଲୋକନାଥ ସାହୁ, ଦୁର୍ଯ୍ୟୋଧନ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ। ଅଧ୍ୟାପିକା ଲିପିକା ଦାସ ଧନ୍ୟବାଦ ଦେଇଥିଲେ।

# ଲଇକେରାରେ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

**ଝାରସୁଗୁଡ଼ା, ୧୩।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଇକେରା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣସମ୍ପଦ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ମେଳାର ଶୁଭାରମ୍ଭ କରିଥିଲେ। ଯୁବଗୋଷ୍ଠୀ ଚାକିରି ପଛରେ ନ ଗୋଡ଼ାଇ ବିଭିନ୍ନ ପ୍ରକାର ଚାଷ ସହ ପ୍ରାଣୀ ଓ ମତ୍ସ୍ୟ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ହେବା ପାଇଁ ଆହ୍ୱାନ ଦେଇଥିଲେ। ମାଛ ଓ ପ୍ରାଣୀ ଚାଷ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ଯୋଜନା କାର୍ଯ୍ୟକାରୀ ହେବା ସହ ରିହାତି ମିଳୁଥିବା ବିଷୟରେ କହିଥିଲେ। ଲଇକେରା ବ୍ଲକର ୧୪୫ ଜଣ ଚାଷୀ କାମଧେନୁ ଯୋଜନାର ଲାଭ ଉଠାଇଥିବା ନେଇ ମଧ୍ୟ ମତବ୍ୟକ୍ତ କରିଥିଲେ। ସଭାରେ ଅବସରପ୍ରାପ୍ତ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ଭଗବତୀ ପ୍ରସାଦ ଦାଶ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଏଥିରେ ବ୍ଲକ ଅଧ୍ୟକ୍ଷ ସଞ୍ଜିତ ନାୟକ, ସାହସପୁର ସରପଞ୍ଚ ସୁକାନ୍ତି ଜୟପୁରିଆ, ଲଇକେରା ସମିତି ସଭ୍ୟ ରାମୁରଞ୍ଜନ ମିଶ୍ର, ବାବୁଛିପିଡିହି ସମିତି ସଭ୍ୟ ମନମୋହନ କଂସାରୀ, ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଦୟା ସାଗର ଧୂରିଆ, ସାମୁଲର ଜେନେରାଲ ମ୍ୟାନେଜେର ସରୋଜ ସାହୁ, ଏଡିଆରଆଇ ଡ.ପ୍ରଦୀପ ସେଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମେଳାରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ହାତ ତିଆରି ବିଭିନ୍ନ ଖାଦ୍ୟ ପ୍ରଦର୍ଶିତ କରାଯାଇଥିଲା। ଏହାସହ ଚାଷୀଙ୍କ ପକ୍ଷରୁ ଗୋପାଳନ ଓ ମତ୍ସ୍ୟ ଚାଷକୁ ଲାଭଜନକ କରିବାକୁ ସେମାନେ ଅଭିଜ୍ଞତା ପ୍ରକାଶ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ରାଧାକୃଷ୍ଣ ସାହିତ୍ୟ ସଂସଦର ସାମ୍ବତ୍ସରିକ ଉତ୍ସବ ପ୍ରସ୍ତୁତି

**ରିଆମାଳ, ୧୩।୧୧ (ସମିସ):** ରିଆମାଳ ବ୍ଲକ ରେଙ୍ଗାଲାବେଡା ଠାରେ ରାଧାକୃଷ୍ଣ ସାହିତ୍ୟ ସଂସଦର ଚଳିତବର୍ଷ ସାମ୍ବତ୍ସରିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂସଦର ସଭାପତି ଲୋକନାଥ ବେହେରାଙ୍କ ସଭାପତିତ୍ୱରେ ସାମ୍ବତ୍ସରିକ ଉତ୍ସବ ଆସନ୍ତା ଡିସେମ୍ବର ୧୪ ତାରିଖରେ ହେବା ପାଇଁ ସ୍ଥିରୀକୃତ ହୋଇଥିଲା। ଏହାପରେ ଆଗାମୀ ତିନି ବର୍ଷ ପାଇଁ ସଂସଦର ନୂତନ କର୍ମକର୍ତ୍ତା ଚୟନ କରା ଯାଇଥିଲା। ଏଥିରେ ସଭାପତି ଭାବେ ଉଦୟ ପ୍ରଧାନ, ଉପସଭାପତି ଭାବେ ଯତୀନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଭାବେ ଜଗମୋହନ ସାହୁ, ସମ୍ପାଦକ ଭାବେ ବିପିନ ବିହାରୀ ପୃଷ୍ଟି, ସହ ସମ୍ପାଦକ ଭାବେ ମହେନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ଭାବେ ପ୍ରକାଶ ପ୍ରଧାନଙ୍କୁ ଚୟନ କରାଯାଇଥିଲା। ମୁଖ୍ୟ ଉପଦେଷ୍ଟା ଭାବେ ଲୋକନାଥ ବେହେରା, ଉପଦେଷ୍ଟା ମଣ୍ଡଳୀରେ ଯୋଗେଶ୍ୱର ବିଶ୍ୱାଳ, ହରିଶ୍ଚନ୍ଦ୍ର ବିଶ୍ୱାଳ, ଶରତ ସାହୁ, ପ୍ରକାଶ ଆଚାର୍ଯ୍ୟ ଓ ବସନ୍ତ ବେହେରାଙ୍କୁ ମନୋନୀତ କରାଯାଇଥିଲା। ସଂସଦର ୨୭ ଜଣ କବି ଓ କବୟିତ୍ରୀ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ। ସର୍ବଶେଷରେ ସଂସଦର ସମ୍ପାଦକ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ଝାରସୁଗୁଡ଼ା, ୧୩।୧୧(ସମିସ):** ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ବରପାଲି ଗାଁରେ ୫୧ ତମ ଗୋକୁଳାଷ୍ଟମୀ ଯାତ୍ରା ଉପଲକ୍ଷେ ୩୨ ତମ ଦ୍ୱିଦିବସୀୟ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜଗନ୍ନାଥ ୟୁଥ୍ କ୍ଲବ୍‌ର ସଭାପତି ହେମନ୍ତ ବଗାରଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଯୋଗ ଦେଇଥିଲେ। ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ପୂର୍ବତନ ରାଜପୁର ସରପଞ୍ଚ ଈଶ୍ୱର ପ୍ରଧାନ, ସମାଜସେବୀ ରାଜୀବ ପାଟଯୋଶୀ, ପୂର୍ବତନ ଲୋଇସିଂହ ସରପଞ୍ଚ ଦୁଷ୍ମନ୍ତ ପଟେଲ, ପୂର୍ବତନ ଫୁଟବଲ ଖେଳାଳି ଆନନ୍ଦ ସା ଏବଂ ଗାଁର ବରିଷ୍ଠ ବ୍ୟକ୍ତି ପୀତବାସ ବଡ଼ାଇ, ଭୁଗିଶ ରାଉତ, ପର୍ଶୁରାମ ବଡ଼ାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଦଳକି ଏଫସି ଓ ଆଦିବାସୀ କ୍ଲବ୍ ଝାରସୁଗୁଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦିବାସୀ କ୍ଲବ୍ ଝାରସୁଗୁଡ଼ା ୨-୦ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଆଦିବାସୀ କ୍ଲବ୍ ଓ ଲୁହୁରା ବ୍ରଦର୍ସ ସାନଯୋବ ଦଳ ମଧ୍ୟରେ ହୋଇଥିଲା। ଆଦିବାସୀ କ୍ଲବ୍ ଦଳ ୪-୩ ଗୋଲ ଟ୍ରାଇବ୍ରେକର ଜରିଆରେ ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି। ଭାଷ୍ୟକାର ଭାବେ ନିରଞ୍ଜନ ବଡ଼ାଇ ଓ ଆକାଶ ଦୋରା ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଅରୁଣ ମିର୍ଦ୍ଧା, ଖେମାଶିଲ କିଷାନ, ପଦ୍ମ ଭଇଁଷା, ଅରୁଣ ପ୍ରଧାନ, ମେଘନାଥ ଓରାମ ଓ ମିଥୁନ ବାଦ୍ରା ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରୁଥିବା ଜଣାପଡ଼ିଛି।

# କେଶାଇପାଲି ହାଇସ୍କୁଲରେ ବିଜ୍ଞାନ ମେଳା

**ଭଟଲି, ୧୩।୧୧ (ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅଧୀନ ସରକାରୀ ହାଇସ୍କୁଲ କେଶାଇପାଲିରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଆତ୍ମାରାମ ଭୋଇଙ୍କ ସଭାପତିତ୍ୱରେ ମେଳା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଡ.ଧରଣୀଧର ସିଂଦେଓ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ କ୍ଲବ୍‌ର ମାର୍ଗଦର୍ଶକ ଶିକ୍ଷୟିତ୍ରୀ ସୁଚିସ୍ମିତା ପଧାନ ଓ ଗଣିତ କ୍ଲବ୍‌ର ମାର୍ଗଦର୍ଶକ ଶିକ୍ଷୟିତ୍ରୀ ଭାଗ୍ୟଶ୍ରୀ ଦାଶ ସଂଯୋଜନା କରିଥିଲେ। ବିଜ୍ଞାନ ମେଳାରେ ବିଦ୍ୟାଳୟର ବିଜ୍ଞାନ କ୍ଲବ୍, ଗଣିତ କ୍ଲବ୍ ଓ ଶକ୍ତି କ୍ଲବ୍‌ର ସଦସ୍ୟ ନିଜସ୍ୱ ପ୍ରକଳ୍ପ ପ୍ରଦର୍ଶନ କରିବା ସହ ପ୍ରକଳ୍ପର ଉପଯୋଗୀତା ପ୍ରସଙ୍ଗରେ ବର୍ଣ୍ଣନା କରିଥିଲେ। ଶିକ୍ଷୟିତ୍ରୀ କଳ୍ପନା ବଡପଣ୍ଡା, ସୁଚିସ୍ମିତା ପଧାନ, ଭାଗ୍ୟଶ୍ରୀ ଦାଶ, ଲତା ସାହୁ, ଦେବଦତ୍ତା ପାତ୍ର, ଭୂମିସୁତା ଭୋଇ, ଆରତି ବିଶି ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ସଞ୍ଚୟ ଓ ଆର୍ଥିକ ସେବା ବିଭାଗର ସଞ୍ଚୟ ପକ୍ଷ କର୍ମଶାଳା



**ଝାରସୁଗୁଡ଼ା, ୧୩।୧୧(ସମିସ):** ସଞ୍ଚୟ ପକ୍ଷ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନର ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ସଂସ୍କୃତି ଭବନ ପରିସରରେ ଗୁରୁବାର ଝାରସୁଗୁଡ଼ା ଜିଲ୍ଲାର ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କ ନିମନ୍ତେ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ସଞ୍ଚୟ ପକ୍ଷ ପାଳନର ଉଦ୍ଦେଶ୍ୟରେ ବିବରଣୀ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ସୁନ୍ଦରଗଡ଼ ବରିଷ୍ଠ ଡାକ ଅଧୀକ୍ଷକ ଜୟନ୍ତ ଦାସ ସଞ୍ଚୟ ପକ୍ଷ ପାଳନର ଗୁରୁତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଝାରସୁଗୁଡ଼ା ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ପ୍ରତାପ ଚନ୍ଦ୍ର ଭୋଇ ପୋଷ୍ଟ ଅଫିସ୍‌ର ଜମା ଉପରେ ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାମାନଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ। ସୁନ୍ଦରଗଡ଼ ପୋଷ୍ଟାଲ ଡିଭିଜନର ଡାକ ଜୀବନ ବୀମା ଉନ୍ନୟନ ଅଧିକାରୀ ଅସିତ ଦାସ ଡାକ ଜୀବନ ବୀମା ଉପରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ସୁନ୍ଦରଗଡ଼ ପୋଷ୍ଟାଲ ଡିଭିଜନର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ନୀଳମଣି ଜାନି ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତାଙ୍କର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ପରିଶେଷରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକରୀ ସୁମନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ରାଜପୁର ପ୍ରଥମାଷ୍ଟମୀ ଫୁଟବଲ ପ୍ରତିଯୋଗିତା**

# ଅନିକେତ ଇଲେଭେନ୍ ବନ୍ଧବାହାଲ ଦଳ ଚାମ୍ପିଅନ

**ଝାରସୁଗୁଡ଼ା, ୧୩।୧୧(ସମିସ)**

ଝାରସୁଗୁଡ଼ା ଜିଲ୍ଲା ରାଜପୁର ଠାରେ ଅଟଳ କ୍ଲବ୍ ରାଜପୁର ପକ୍ଷରୁ ଆୟୋଜିତ ହେଉଥିବା ୩୪ତମ ପ୍ରଥମାଷ୍ଟମୀ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଷ୍ଟାର ଇଲେଭେନ୍ ରାଜପୁର୍ ଏବଂ ଅନିକେତ ଇଲେଭେନ୍ ବନ୍ଧବାହାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂଶିତ ରହିଥିବା ବେଳେ ଟ୍ରାଇବ୍ରେକର ଜରିଆରେ ଅନିକେତ ଇଲେଭେନ୍ ବନ୍ଧବାହାଲ ଦଳ ଚାମ୍ପିଅନ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ବନ୍ଧବାହାଲ ଦଳର ଅଜୟ ବାର୍ଲା, ଶ୍ରେଷ୍ଠ ଗୋଲକିପର ଭାବେ ବିଶ୍ୱନାଥ ବୁଡା ପୁରସ୍କୃତ ହୋଇଥିଲେ। ଶ୍ରେଷ୍ଠ ଡିଫେଣ୍ଡର ଭାବେ ରାଜପୁର ଦଳର ରାହୁଲ ଲାଲ, ଲୋକପ୍ରିୟ ଖେଳାଳି ଲୋକନାଥ ମୁଣ୍ଡା ପୁରସ୍କୃତ ହୋଇଥିଲେ। ବିଜେତା ଦଳକୁ ୪୦, ୦୦୦ ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୩୦, ୦୦୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟର ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ର ପୂର୍ବତନ ବିଧାୟିକା କୁସୁମ ଟେଟେ, ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ରାଧେଶ୍ୟାମ ପ୍ରଧାନ, ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡା, ଚାନ୍ଦିନୀମାଲ ସମିତି ସଭ୍ୟ ଯତୀନ ଦେଓ ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ଅଟଳ କ୍ଲବ୍ ସଭାପତି ଗୁଣ ପ୍ରଧାନ ଓ ସମସ୍ତ କ୍ଲବ୍ ସଭ୍ୟ ସହଯୋଗ କରିଥିଲେ।



# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳାକୁ ନେଇ ଆଶଙ୍କା



ଝାରବନ୍ଧ, ୧୩।୧୧(ସମିସ): ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ୨୦୨୫ ପଦ୍ମପୁର ଅଶୋକ ପଡ଼ିଆ ଠାରେ ଅନୁଷ୍ଠିତ ହେବ। ଏନେଇ ଏକ ବିରାଟ ବ୍ୟାନର ଝାରବନ୍ଧ ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ଲାଗିଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓଡ଼ିଶା ସରକାରର ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀଙ୍କୁ ସୂଚନା ଦେବା ସହିତ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରୁଛନ୍ତି। ଚାଷୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ତାହାର ସୁଯୋଗ ନେଇ ପାରିବା ସହ ଉପକୃତ ହେବେ ବୋଲି ବ୍ୟାନର ଲାଗିଛି। ହେଲେ କେଉଁ ମାସର ୧୬ରୁ ୧୮ ତାରିଖ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ ତାହା ସ୍ପଷ୍ଟ ଉଲ୍ଲେଖ ନାହିଁ। ଯାହାଦ୍ୱାରା କୃଷି କାର୍ଯ୍ୟାଳୟକୁ ଆସୁଥିବା ଚାଷୀ ମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଏଭଳି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଚାଷୀ ଆଗ୍ରହୀ ଥିବା ବେଳେ ବ୍ୟାନରରେ ନିର୍ଦ୍ଦିଷ୍ଟ ସୂଚନା ପ୍ରଦାନ ନ ହେବା ଫଳରେ ଚାଷୀ ଆଶା ଆଶଙ୍କାରେ ରହିଛନ୍ତି।

# ବିକାଶ ଲ' ସ୍କୁଲରେ ଆଇନ ସଚେତନତା କାର୍ଯ୍ୟକ୍ରମ



ବରଗଡ଼, ୧୩।୧୧(ସମିସ): ବିକାଶ ଲ' ସ୍କୁଲରେ 'ଆଇନ୍ ସେବା ସପ୍ତାହ' ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ଡ.ବିକ୍ରମ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଧକ୍ଷ ଦାସ ଆଇନ୍ ସଚେତନତା ଉପରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରଗଡ଼ ଡିଷ୍ଟ୍ରିକ୍ଟ କୋର୍ଟର ସିନିୟର୍ ଆଡ୍‌ଭୋକେଟ୍ ଦେବଦତ୍ତ ମିଶ୍ର 'ଲ ଆଣ୍ଡ ପ୍ରାକ୍ଟିସ୍' ବିଷୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଶିବାନନ୍ଦ ସାହୁ, ଜୈମିନି ସାହୁ, ନିହାରରଞ୍ଜନ ବିଶ୍ୱାଳ, ରୋଜି ମେହେର, ସୁଶୋଭିତା ଦାସ୍, ସନ୍ତୋଷୀ ସାହୁ, ଅଞ୍ଜନା ପୂଜାରୀ, ବରଗଡ଼ ଡିଷ୍ଟ୍ରିକ୍ଟ କୋର୍ଟର ଆଡ୍‌ଭୋକେଟ୍, ତାହିରା ବାନୋ, ପ୍ରୀତି ରଥ ଓ ଲ'ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁଁ ଚାଷୀ ହନ୍ତସନ୍ତ

ବରଗଡ଼, ୧୩।୧୧(ସମିସ)



ବିଦ୍ୟୁତ ବିଭାଗର ମନମୁଖୀ ଯୋଗୁଁ ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଭିଞ୍ଜୋତୋରା ଅଞ୍ଚଳରେ ଚାଷୀଙ୍କ ଧାନ ଓ ପନିପରିବା ନଷ୍ଟ ହୋଇଛି। ଗତ ବର୍ଷ ଭଳି ଏବର୍ଷ ମଧ୍ୟ ଚାଷୀ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ବରଗଡ଼ ଜିଲ୍ଲା ଭଟଲି ଅଞ୍ଚଳ ଅଣ ଜଳସେଚେତ ଅଞ୍ଚଳ ହୋଇଥିବାରୁ ପ୍ରାୟ ସମସ୍ତ ଚାଷୀ ଗଭୀର ନଳକୂପ ପାଣିରେ ଚାଷ କରିଥାନ୍ତି। ହେଲେ ଦୁଇ ବର୍ଷ ହେଲା ବିଦ୍ୟୁତ ବିଭାଗ ଅଣଦେଖା କରିଆସୁଛି। ଫଳରେ ଚାଷୀ ଠିକ ଭାବେ ଚାଷ କରି ପାରୁନାହାଁନ୍ତି। ଚଳିତ ଋତୁରେ ଧାନ ଓ ପନିପରିବା ଚାଷ ଆରମ୍ଭ ହେବା ପରେ ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡି ଯାଇଥିଲା। ଭେଞ୍ଜୋତୋରା ଗ୍ରମବାସୀ ବିଦ୍ୟୁତ ବିଭାଗକୁ ଲିଖିତ ଓ ଅନଲାଇନରେ ଜଣାଇଥିଲେ। ହେଲେ ଭଟଲି ଜେଇ ଏବଂ ଏସଡିଓ ନୂତନ ଟ୍ରାନ୍ସଫର୍ମର ଦେଇ ପାରିବେ ନାହିଁ ରୋକ୍‌ଠୋକ୍ କହିଥିଲେ। ଏପରିକି ଚାଷୀ ମାନଙ୍କୁ ନିଜ ଖର୍ଚ୍ଚରୁ ଟ୍ରାନ୍ସଫର୍ମରକୁ ସଜାଡି ଚଳାଇବାକୁ କହିଥିଲେ। ପରେ ୩୨ ହଜାର ଟଙ୍କା ଖର୍ଚ୍ଚ କରି ସଜାଡି ଥିଲେ। ହେଲେ ତାହା ପୁଣି ଦୁଇ ଦିନ ମଧ୍ୟରେ ଖରାପ ହୋଇଥିଲା। ବିଦ୍ୟୁତ୍ ବିଭାଗ ଜେଇଙ୍କ ପାଖରେ ବାରମ୍ବାର ଗୁହାରି କଲେ ସୁଧା ସେମାନେ ଶୁଣିବାକୁ ନାରାଜ। ଏବେ ଚାଷୀ ଧାନ ଚାଷ ଓ ପନିପରିବା ଚାଷ କିପରି କରିବେ ତାହାକୁ ନେଇ ଚିନ୍ତାରେ ରହିଛନ୍ତି। ଜେଇଙ୍କ ସାଙ୍ଗରେ ଯୋଗାଯୋଗ କରିବା ସମ୍ଭବପର ହୋଇ ପାରି ନାହିଁ। ଏବେ ସମସ୍ତ ଚାଷୀଙ୍କ ଧାନ ସହ ପନିପରିବା ଫସଲ ସବୁ ମରିବାକୁ ବସିଲାଣି। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତଥା ଟାଟା ପାୱାର ଉଚ୍ଚ ଅଧିକାରୀ ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ଚାଷୀ ଅନୁରୋଧ କରିଛନ୍ତି।

# ପ୍ରଦର୍ଶିତ ହେଲା ୬୫ ପ୍ରକାରର ଧାନ ବିହନ

ଅତାବିରା, ୧୩।୧୧(ସମିସ): ରାଜ୍ୟ ସରକାରଙ୍କ ସହ ଅନୁବନ୍ଧିତ ଅତାବିରାର ମଙ୍ଗଳ ମୂର୍ତ୍ତି ସିଡ୍ସ ପକ୍ଷରୁ ନିଜ ଗବେଷଣା କେନ୍ଦ୍ରରେ ବିକଶିତ ହୋଇଥିବା ୬୫ ପ୍ରକାରର ଧାନ ଶସ୍ୟର ବିହନ ପ୍ରଦର୍ଶିତ ହୋଇଛି। ପାଖାପାଖି ୭ ଶହ ପ୍ରକାରର ଧାନ ବିହନ ସଂରକ୍ଷିତ ରଖାଯାଇଛି। ଏହାକୁ ଦୀର୍ଘ ୫ ବର୍ଷ ଧରି ନିୟମିତ ଭାବେ ବିକଶିତ କରାଯାଇ ଅଧିକ ଅମଳକ୍ଷମ ଉନ୍ନତ ଶଙ୍କର ଜାତୀୟ ବିହନ ଉତ୍ପାଦନ କରାଯାଇଥିବା ପ୍ରଦର୍ଶନୀରେ ଦେଖାଯାଇଥିଲା। ପ୍ରଦର୍ଶନୀରେ ବ୍ଲକ କୃଷି ଅଧିକାରୀ ପିଙ୍କୁସେନ କର, ଓୟୁଏଟି ଅଧୀନ ଗବେଷଣାରତ ଛାତ୍ରଛାତ୍ରୀ, ଷ୍ଟେଟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସମେତ ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶର ଚାଷୀ ଓ ବିହନ ବିକ୍ରେତା ଆସିଥିଲେ। କମ୍ପାନୀର ଏମ୍‌ଡି ସତିଶ ମିତ୍ତଲ, ନିର୍ଦ୍ଦେଶକ ଉପାସନା ମିତ୍ତଲ, ନିଧି ମିତ୍ତଲ, କୁଞ୍ଜଲତା ମିତ୍ତଲ ପ୍ରମୁଖ ଉପସ୍ଥିତ ଥିଲେ।



# ଝାଞ୍ଜିପାହାଡ଼ ଅଞ୍ଚଳରେ ଦେଶୀ ମଦର ବନ୍ୟା

ଦହିତା, ୧୩।୧୧(ସମିସ): ପଦ୍ମପୁର ଉପଖଣ୍ଡ ଝାଞ୍ଜିପାହାଡ ଓ ବୁଢ଼ା ଡଙ୍ଗର ପାହାଡ ଅଞ୍ଚଳରେ ଦେଶୀ ମଦର ବନ୍ୟା ଛୁଟୁଛି। ସବୁ ଜାଣିଶୁଣି ସ୍ଥାନୀୟ ଅବକାରୀ ବିଭାଗ ନୀରବ ରହିଛି। ଦେଶୀ ମଦ ରନ୍ଧା ସହ ଖୋଲାଖୋଲି ଚାଲାଣ ହେଉଛି। ଏହାର ପ୍ରାଦୁର୍ଭାବରେ ଝାଞ୍ଜିପାହାଡ ଓ ନିକଟବର୍ତ୍ତୀ ଅଞ୍ଚଳରେ ଅଶାନ୍ତି ବାତାବରଣ ଦେଖାଦେଉଛି। ଅବକାରୀ ବିଭାଗର ଘାଣ୍ଟୁତା ଦେଖି ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ ପାଇଛି। ସେହିପରି ପୁଲିସ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଆଶ୍ଚର୍ଯ୍ୟର ବିଷୟ ପାଲଟିଛି। ତୁରନ୍ତ ମଦ ମାଫିଆଙ୍କ ବିରୁଦ୍ଧରେ ଅବକାରୀ ଓ ପୁଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଜୁଆ ଆଡ୍ଡାରେ ଚଢ଼ଉ, ୩ ଗିରଫ

ଅମ୍ବାଭୋନା, ୧୩।୧୧(ସମିସ): ବରଗଡ଼ ଜିଲ୍ଲା ଅଧୀନ ଅମ୍ବାଭୋନା ଥାନା ପୁଲିସ ଦ୍ୱାରା ଗଣ୍ଡିଆପାଲି ଗାଁ ନିକଟରେ ଅବୈଧ ଜୁଆ ଆଡ୍ଡା ଉପରେ ଅତର୍କିତ ଚଢ଼ଉ କରାଯାଇ ୩ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଆଧାରରେ ଅମ୍ବାଭୋନା ଥାନା ଅଧିକାରୀ ବିପିନ ବାଗଙ୍କ ନିର୍ଦ୍ଦେଶରେ ଏକ ପୁଲିସ ଦଳ ଏଏସଆଇ ନିରଞ୍ଜନ ନାଏକ ଓ ହାବିଲଦାର ଯୁଗଳ କିଶୋର ପଧାନଙ୍କ ନେତୃତ୍ୱରେ ରାତିରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ଜୁଆ ଖେଳୁଥିବା ଅବସ୍ଥାରେ ତିନି ଜଣଙ୍କୁ ଗିରଫ କରାଯାଇ ମାମଲା ରୁଜୁ ହୋଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ଛତିଶଗଡ଼ ସରିଆ ଥାନା ଶଙ୍କରା ଗାଁର ଗୌତମ ଦାସ (୫୫), ଝାରସୁଗୁଡ଼ା ରେଙ୍ଗାଲି ଥାନା କଣ୍ଡେଇଖେଳା ଗାଁର ବିନ୍ଦେଶ୍ୱର ଜୈସ୍ୱାଲ (୩୯) ଏବଂ ପ୍ରଶାନ୍ତ ମହାପାତ୍ର (୩୬) ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ଠାରୁ ନଗଦ ୮, ୩୦୦ ଟଙ୍କା, ୧୫ଟି କଉଡି, ୫ଟି ମୋଟରସାଇକଲ, ୧ଟି ବାଇସାଇକଲ ଓ ୩ଟି ମୋବାଇଲ ଫୋନ ଜବତ କରାଯାଇଛି।

# ଘନାମାଳ ଉଚ୍ଚ ବିଦ୍ୟାଳୟରେ ମଇଳାକୁଣ୍ଡ ନିର୍ମାଣ

ପଦ୍ମପୁର, ୧୩।୧୧(ସମିସ): ଘନାମାଳ ଗାଁ ଉଚ୍ଚ ବିଦ୍ୟାଳୟରେ 'ମାଁ କାଳିଡୁଙ୍ଗୁରୀଏନ' ମନ୍ଦିର ପରିସରରେ ଦୁଇଟି ମଇଳାକୁଣ୍ଡ ନିର୍ମାଣ କରାଯାଇଛି। ଜଙ୍ଗଲ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ନିର୍ଦ୍ଦେଶାଳୟ ଭୁବନେଶ୍ୱର କାର୍ଯ୍ୟାଳୟର ନିର୍ଦ୍ଦେଶକ ଭରତଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ମିଳିଥିବା ଅନୁଦାନରେ ଏହାର ନିର୍ମାଣ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମନ୍ଦିର ପରିସରକୁ ସଫାସୁତୁରା କରାଯାଇ ମନ୍ଦିର ପରିସରରେ ନଡିଆ, ଅଶୋକ, ମନ୍ଦାର, ଟଗର ଓ ଚମ୍ପା ଇତ୍ୟାଦି ଫୁଲ ଗଛ ଲଗାଇବାକୁ ଏବଂ ମଇଳାକୁଣ୍ଡକୁ ବ୍ୟବହାର କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିର୍ଦ୍ଦେଶକ ଭରତଚନ୍ଦ୍ର ଜେନା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ରାଜେଶ ମହନ୍ତ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

# ରାଜ୍ୟସ୍ତରୀୟ ଇତିହାସ ବିଭାଗର ପାଠଚକ୍ର



ଭଟଲି, ୧୩।୧୧(ସମିସ): ଦଧିବାମନ ସ୍ନାତକ ମହାବିଦ୍ୟାଳୟରେ ଇତିହାସ ବିଭାଗ ଓ ଆଇକ୍ୟୁସି ମିଳିତ ଆନୁକୂଲ୍ୟରେ ଅଧକ୍ଷ ସରୋଜ ଦାଶଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଛି। ଅଧ୍ୟାପିକା ପ୍ରତିମା ପଣ୍ଡା ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷ ସରୋଜ ଦାଶ ଇତିହାସର ପରିବର୍ତ୍ତିତ ସଞ୍ଜ୍ଞା, ଆବଶ୍ୟକତା ଉପରେ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ପଶ୍ଚିମ ଓଡ଼ିଶାର ଇତିହାସ ସଂସ୍କୃତି ଓ ପ୍ରତ୍ନତାତ୍ତ୍ୱିକ ବିଷୟରେ ୨ଟି ପର୍ଯ୍ୟାୟରେ ଆଲୋଚନା ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟ ଅତିଥି ଭାବେ ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଡ.ଅତୁଲ ପ୍ରଧାନ, ପ୍ରାଧ୍ୟାପକ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁର ଯୋଗ ଦେଇଥିଲେ। ପୂର୍ବତନ ବରଗଡ଼ ଲୋକସଭା ସଦସ୍ୟ ଡ.ପ୍ରଭାତ ସିଂ ମୁଖ୍ୟ ରିସୋର୍ସ ପର୍ସନ ଭାବେ ଅଂଶଗ୍ରହଣ କରିଥିଲେ। ଦ୍ୱିତୀୟ ଅଧିବେସନରେ ଡ.ନକୁଲ ସେଠ, ଅଧକ୍ଷ ପଞ୍ଚାୟତ ମହାବିଦ୍ୟାଳୟ ବରଗଡ଼ ଓ ଡୁଙ୍ଗୁରୀପାଲି ମହାବିଦ୍ୟାୟର ଅବସରପ୍ରାପ୍ତ ପ୍ରାଧ୍ୟାପକ କିଶୋର ଚନ୍ଦ୍ର ମେହେର ବିଶିଷ୍ଟ ବକ୍ତା ଭାବେ ପାଠଚକ୍ର ପରିଚାଳନା କରିଥିଲେ। ଡ.ସେଠ ପଶ୍ଚିମ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ଇତିହାସ ସହ ବିଭିନ୍ନ ସ୍ଥାନରେ ଥିବା ଐତିହାସିକ ପୋଥିର ରକ୍ଷଣାବେକ୍ଷଣ ଇତିହାସ ନିମନ୍ତେ ନିତାନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଇତିହାସରେ ପକ୍ଷପାତିତା ଏବଂ ଭାବନାର କୌଣସି ସ୍ଥାନ ନାହିଁ; ଇତିହାସ ହେଉଛି ଏକ ନିରପେକ୍ଷ ଅଧ୍ୟୟନ ବୋଲି ପ୍ରାଧ୍ୟାପକ କିଶୋର ଚନ୍ଦ୍ର ମେହେର ମତ ଦେଇଥିଲେ। ଏହି ପର୍ଯ୍ୟାୟରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ୧୨ ଜଣ ଯୁବ ଗବେଷକ ନିଜ ସନ୍ଦର୍ଭ ପାଠ କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ଛାତ୍ରଛାତ୍ରୀ ମଧ୍ୟ ସନ୍ଦର୍ଭ ପାଠ କରିଥିଲେ। ଇଂରାଜୀ ପ୍ରାଧ୍ୟାପକ ବିଶ୍ୱଜିତ ହୋତା, ଶିକ୍ଷାବିଭାଗର ପ୍ରାଧ୍ୟାପକ ଚୁଡ଼ାମଣି ରଥ, ବିରାଟ ପ୍ରଧାନ ସମେତ ଅଧ୍ୟାପକ ଡ.ରବିନାରାୟଣ ପଣ୍ଡା, ରାଜୀବ ସାହୁ, ଆଶିଷ ମହାନ୍ତି, ସୁଜିତ ପୁରୋହିତ, ଅଜିତ ବାରିକ, ଦୀପକ ପତି, ସଂଗ୍ରାମ ସାହୁ, ଅଧ୍ୟାପିକା ରାଜଶ୍ରୀ ନାଥ, ଜୟନ୍ତୀ ସାହୁ ସମେତ ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଇତିହାସ ବିଭାଗୀୟ ମୁଖ୍ୟ ପ୍ରତିମା ପଣ୍ଡା, ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ସମ୍ପାଦକ ଅଧ୍ୟାପିକା ନମିତା ଭୋଇ ଓ ଅଧ୍ୟାପକ ସୌରୀ ନାରାୟଣ ସାହୁ ଉଭୟ ଅଧିବେସନରେ ପର୍ଯ୍ୟାୟ କ୍ରମେ ଧନ୍ୟବାଦ ଅର୍ପଣ କରିଥିଲେ।

# ସାରଦା ଦେବୀ ପବ୍ଲିକ ସ୍କୁଲରେ ଫ୍ୟାନ୍ସିଡ୍ରେସ୍ ପ୍ରତିଯୋଗିତା



ବରପାଲି, ୧୩।୧୧(ସମିସ): ବରପାଲି ସାରଦା ଦେବୀ ପବ୍ଲିକ ସ୍କୁଲ ପରିସରରେ କୁନିକୁନି ଛାତ୍ରଛାତ୍ରୀଙ୍କୁ ନେଇ ଏକ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଉତ୍ସବରେ ଛାତ୍ରଛାତ୍ରୀ ନିଜକୁ ଭିନ୍ନ ଭିନ୍ନ ବେଶଭୂଷାରେ ସଜ୍ଜିତ କରି ଅଭିନୟ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ଜାତୀୟ ନାୟକ, ପ୍ରକୃତି ସୁରକ୍ଷା ଉପରେ ବହୁ ଶିକ୍ଷଣିୟ ବାର୍ତ୍ତା, ସମାଜସେବୀ, ଖରାପ ଖାଦ୍ୟ, ପୁଲିସ, ଡାକ୍ତର, ଶିକ୍ଷୟିତ୍ରୀ, ଆର୍ମି ବିଭାଗ, ପରିବା ପ୍ରଭୃତି ଭୂମିକାରେ ଅଭିନୟ ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାରେ ଶାରଦା ଦେବୀ ପବ୍ଲିକ ସ୍କୁଲର ନରସରୀ, ଏଲକେଜି, ୟୁକେଜି ଏବଂ ଏକରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୧୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସ୍କୁଲ ଚେୟାରମ୍ୟାନ ସୌମ୍ୟରଞ୍ଜନ ସାମଲ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ନିରୂପମା ମିଶ୍ରଙ୍କ ପରଲୋକ

ବରଗଡ଼, ୧୩।୧୧(ସମିସ): ବରଗଡ଼ ବ୍ରହ୍ମନଗର ୱାର୍ଡ ନମ୍ବର ୧ ନିବାସୀ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଦସ୍ୟ ପ୍ରଫୁଲ୍ଲ ଚରଣ ମିଶ୍ରଙ୍କ ଧର୍ମପତ୍ନୀ ନିରୂପମା ମିଶ୍ରଙ୍କ ୬୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ପ୍ରଫୁଲ୍ଲ, ଦୁଇ ପୁତ୍ର ସୁଦାମ ଓ ଡାକ୍ତର ସୁବଳ ଚରଣ ମିଶ୍ର, ପୁତ୍ରବଧୂ, ନାତି ନାତୁଣୀ ଓ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ ବ୍ରହ୍ମନଗର ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଜୀରା ନଦୀକୂଳ ଶ୍ମଶାନରେ ବଡ଼ପୁଅ ସୁଦାମ ମୁଖାଗ୍ନି ଦେଇଥିଲେ।



# ପ୍ରଥମ ଜଗଦଲପୁର ପ୍ରିମିୟର ଲିଗ୍ ଉଦ୍‌ଯାପିତ

ଝାରବନ୍ଧ, ୧୩।୧୧(ସମିସ): ଝାରବନ୍ଧ ବ୍ଲକ ଜଗଦଲପୁର ଠାରେ ଚାଲୁଥିବା ୪ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ କ୍ରିଷ୍ଣା ମୋଟର ପଦ୍ମପୁରର ନିର୍ଦ୍ଦେଶକ ତଥା ବିଶ୍ୱହିନ୍ଦୁ ପରିଷଦର ସଂଯୋଜକ ସୁରେଶ ରାମଚନ୍ଦାନୀ ମୁଖ୍ୟ ଅତିଥି, ଯୁବ ନେତା ମଦନ ମୋହନ ପଟେଲ ସମ୍ମାନିତ ଅତିଥି ଏବଂ ସରେଇଖେଳା ସରପଞ୍ଚ ଉପେନ୍ଦ୍ର ପଟେଲଙ୍କ ସହିତ କ୍ରିଷ୍ଣ ଚନ୍ଦ୍ର ପଟେଲ, ହେମସାଗର ପଟେଲ, ଜ୍ଞାନ ଭାରତୀ ଗୁରୁକୁଳର ପ୍ରଧାନଶିକ୍ଷକ ସାଧୁ ଚରଣ ବରିହା, କୁର୍ମା ୟୁପି ସ୍କୁଲର ପ୍ରଧାନଶିକ୍ଷକ ଶରତ ସାହୁ, ନରେନ୍ଦ୍ର ପ୍ରଧାନ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଭିକୁ ଏକାଦଶ ବିଜେତା ଓ ମାଫିଆ ଏକାଦଶ ଉପବିଜେତା ହୋଇଥିଲେ। କ୍ରିଷ୍ଣ ପଟେଲ, ଉତ୍ତର, ମୋହିତ ନାୟକ, ଶୋଭିତ, ସମୀର ପଟେଲ, ଛୋଟୁ ପଟେଲ, ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। ଚନ୍ଦନ ବାଗ ସ୍କୋରିଂ ଏବଂ ମଣ୍ଟୁ, ବସନ୍ତ, ଦୁଃଖ ନାସନ ଧାରା ବିବରଣୀ ପ୍ରଦାନ କରିଥିଲେ। ସର୍ବଶ୍ରେଷ୍ଠ ଖେଳାଳି ଭାବେ କମଳେଶଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଜେପିଏଲର ସଭାପତି ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ବନମାଳୀ ରାଉତିଆ ଧନ୍ୟବାଦ ଅର୍ପଣ କରିଥିଲେ। ତାପସ, ତରଣୀ, ମନୋହର, ପୁରୁଷୋତ୍ତମ, ଯଶ, ସଞ୍ଜୟ, ଅମର, ଶେଷ, ଅଜ୍ଜୁ, ଅଜୟ, ଚିନୁ, ରଜତ, କର୍ଣ୍ଣ ପ୍ରମୁଖ ସାହାଯ୍ୟ କରିଥିଲେ।



# ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ

ପଦ୍ମପୁର, ୧୩।୧୧(ସମିସ)



ସ୍ଥାନୀୟ ରାଜବୋଡାସମ୍ବର ଖେଳ ପଡ଼ିଆ ଠାରେ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତା ୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟିକା ବର୍ଷାରାଣୀ ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ରାଜବୋଡାସମ୍ବର ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ, ରାଜବୋଡାସମ୍ବର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାଲମ୍ବ ପ୍ରସାଦ ପଟେଲ, ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ପହଣ୍ଡି ବିଜୟ ମେହେର, ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର ସାହୁ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତିଷ ଚନ୍ଦ୍ର ପ୍ରଧାନ, ବରପାଲି ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରା, ବରପାଲି ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଭୁଏ, ବରପାଲି ବାଳକ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଡିପିଇଓ ବାର୍ଷିକ ବିବରଣୀ ପଠନ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବ୍ୟାଣ୍ଡ, ବରିଖେଳ ଉଚ୍ଚ ବିଦ୍ୟାଳୟର ଦୁଲ୍‌ଦୁଲି ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନେ ଲୋକ ନୃତ୍ୟର ତାଳେ ତାଳେ ସମସ୍ତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜିଲ୍ଲା କ୍ରୀଡା ପତାକା ଉତ୍ତୋଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲ୍ଲାର ୧୨ଟି ବ୍ଲକରୁ ଆସିଥିବା ଖେଳାଳି ମାନେ ମାର୍ଚ୍ଚପାଷ୍ଟ କରି ପତାକାକୁ ଅଭିବାଦନ ଜଣାଇଥିଲେ। ପରିଶେଷରେ ରାଜବୋଡାସମ୍ବର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତା ୧୪ ଓ ୧୭ ବର୍ଷ ବର୍ଗ ମଧ୍ୟରେ ତିନି ଦିନ ଧରି ଅନୁଷ୍ଠିତ ହେବ।

# ମହାବିଦ୍ୟାଳୟରେ ସାଇବର୍ ସୁରକ୍ଷା ସଚେତନତା

ବରପାଲି, ୧୩।୧୧(ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ପୁଲିସ ବିଭାଗ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଯୁବ ରେଡକ୍ରସ ସଂସ୍ଥା ସହାୟତାରେ ଆୟୋଜିତ ହୋଇଥିଲା। ଥାନାଧିକାରୀ ଜୟାରଶ୍ମି ସେଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୋବାଇଲ ଓ ଇଣ୍ଟରନେଟ ସୁରକ୍ଷିତ ବ୍ୟବହାର ଏବଂ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ବୁଝାଇଥିଲେ। କୌଣସି ବ୍ୟକ୍ତି ଠକାମି ବା ବ୍ଲାକ୍‌ମେଲିଂର ଶିକାର ହେଲେ ତୁରନ୍ତ ହେଲ୍ପ ଲାଇନ ନମ୍ବର ୧୯୩୦ ସହ ଯୋଗାଯୋଗ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସଭାକାର୍ଯ୍ୟକୁ ଅଧ୍ୟାପକ ଅଲେଖ ମହାନନ୍ଦ ସଂଯୋଜନା ଓ ପରିଚାଳନା କରିଥିଲେ। ଅଧକ୍ଷା ଜୟନ୍ତୀ ଦାସଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନୀୟ ଅତିଥି ଭାବେ ପ୍ରଶାସନିକ ପ୍ରଭାରୀ ପ୍ରାଧ୍ୟାପକ ସୁଶୀଲ ଶତପଥୀ ଆଇଟିୟୁ ସେଲ ସଂଯୋଜକ ଅଧ୍ୟାପକ ଧୀରୋଜ ତ୍ରିପାଠୀ, ଅଧ୍ୟାପିକା ତଥା ଯୁଥରେଡକ୍ରସ କାଉନସିଲର ନତାସା ସିକନ୍ଦର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ଡ.ଅଶୋକ ଦାସ, ଡ.ପରେଶ୍ୱର ସାହୁ, ଆଲୋକ ପଧାନ, ମନିଷା ଦାସ, ସିମାଞ୍ଜଳି ଦାସ, ସିମାଞ୍ଚଳ ପଧାନ, ଗଣେଶ ପ୍ରସାଦ ମିଶ୍ର, ତଥା କଲେଜର ସହ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ସମେତ ଯୁଥରେଡକ୍ରସ ଶିକ୍ଷାର୍ଥୀ ଗୁରୁଦେବ ସାହୁ ଓ ସୁମିତ ସରାଫ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଉତ୍ତର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ।



## ୨୭ରେ ବିଧାନସଭା ଶୀତ ଅଧିବେଶନକୁ ସମ୍ବୋଧିତ କରିବେ ରାଷ୍ଟ୍ରପତି

# ଗସ୍ତ ପୂର୍ବରୁ ମୁଖ୍ୟ ସଚିବଙ୍କ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ



**ଭୁବନେଶ୍ବର,୧୩।୧୧(ସମିସ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନଭେମ୍ବର ୨୭ରେ ଓଡ଼ିଶା ଗସ୍ତରରେ ଆସିବେ। ଏହି ଗସ୍ତରେ ରାଷ୍ଟ୍ରପତି ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରିବା ସହ ରାଜଭବନରେ ନୂଆ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିବେ। ରାଷ୍ଟ୍ରପତିଙ୍କ ଏହି ଗସ୍ତ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏହି ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ବସିଥିବା ବେଳେ ପରେ ପରେ ଅପରାହ୍ନରେ ଓଡ଼ିଶା ବିଧାନ ସଭାରେ ସ୍ବତନ୍ତ୍ର ପ୍ରକୋଷ୍ଠରେ ମଧ୍ୟ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇଛି।

ଓଡ଼ିଶା ଗସ୍ତ ପୂର୍ବରୁ ଆଗାମୀ ନଭେମ୍ବର ୨୦ ତାରିଖରେ ମଧ୍ୟ ରାଷ୍ଟ୍ରପତି ଓଡ଼ିଶାର ଝାରସୁଗୁଡ଼ା ଦେଇ ଛତିଶଗଡ଼ ଯିବାର ଏକ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଥିବା ଜଣାପଡ଼ିଛି। ୨୦ରେ ରାଷ୍ଟ୍ରପତି ଛତିଶଗଡ଼ର ଅମ୍ବିକାପୁର ଠାରେ "ଜନ ଜାତୀୟ ଗୌରବ ଦିବସ' କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତି ସେଦିନ ସକାଳ ୮ଟା ୨୫ରେ ନୂଆ ଦିଲ୍ଲୀରୁ ସ୍ବତନ୍ତ୍ର ବାୟୁସେନା ବିମାନ ଯୋଗେ ବାହାରି ସକାଳ ୧୦ଟା ୫ରେ ଝାରସୁଗୁଡ଼ାସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ଅବତରଣ କରିବେ। ସେଠାରୁ ସେ ବାୟୁସେନାର ସ୍ବତନ୍ତ୍ର ହେଲିକେପ୍ଟର ଯୋଗେ ଛତିଶଗଡ଼ ଯାଇ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ପୁନଶ୍ଚ ରାଷ୍ଟ୍ରପତି ଝାରସୁଗୁଡ଼ା ଦେଇ ସେଦିନ ଅପରାହ୍ନ ୧ ଟା ୪୫ ସୁଦ୍ଧା ସେ ଆନ୍ଧ୍ରପ୍ରଦେଶ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ନଭେମ୍ବର ୨୦ ତାରିଖରେ ରାଷ୍ଟ୍ରପତିଙ୍କ ଝାରସୁଗୁଡାଠାରେ ଅବତରଣ ଏବଂ ସେଠାରେ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ସାମୟିକ ରହଣି ନିମନ୍ତେ ଜିଲ୍ଲାପାଳ ଓ ଏସପି ଝାରସୁଗୁଡାଙ୍କ ସହିତ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଛି।

**୨୭ ଅପରାହ୍ଣ ୨ରେ ପହଞ୍ଚି ୨୮ ସକାଳ ୯.୩୫ରେ ଓଡ଼ିଶା ଛାଡ଼ିବେ ରାଷ୍ଟ୍ରପତି**

**ରାଜଭବନ ନୂଆ କଳିଙ୍ଗ ଅତିଥି ନିବାସର ହେବ ଉଦ୍‌ଘାଟନ**

**ନଭେମ୍ବର ୨୦ରେ ଝାରସୁଗୁଡ଼ା ଦେଇ ଛତିଶଗଡ଼ ଯିବେ ରାଷ୍ଟ୍ରପତି**

ସେହିପରି ନଭେମ୍ବର ୨୭ ତାରିଖରେ ଭୁବନେଶ୍ବର ଗସ୍ତ କାର୍ଯ୍ୟକ୍ରମ ପାଇଁ ରାଷ୍ଟ୍ରପତି ୧୧ ଟା ୫୦ରେ ନୂଆ ଦିଲ୍ଲୀରୁ ସ୍ବତନ୍ତ୍ର ବିମାନ ଯୋଗେ ବାହାରି ଅପରାହ୍ଣ ୨ ଟା ସମୟରେ ଭୁବନେଶ୍ବର ବିମାନ ବନ୍ଦରରେ ଅବତରଣ କରି ରାଜଭବନରେ ପହଞ୍ଚିବେ। ମଧ୍ୟାହ୍ନ ବିରତି ପରେ ରାଷ୍ଟ୍ରପତି ଅପରାହ୍ଣ ୪ ଟାରେ ରାଜଭବନ ସ୍ଥିତ ନୂଆ କଳିଙ୍ଗ ଅତିଥି ନିବାସର ଗୃହ ଉଦ୍‌ଘାଟନ କରିବେ। ଅପରାହ୍ଣ ୪.୨୦ରେ ସେ ଓଡ଼ିଶା ବିଧାନସଭାରେ ପହଞ୍ଚିବେ ଏବଂ ୪.୩୦ରୁ ୫.୩୦ ପର୍ଯ୍ୟନ୍ତ ବିଧାନସଭାର ସଦସ୍ୟ ସଦସ୍ୟାମାନଙ୍କୁ ସମ୍ବୋଧନ କରିବେ। ପରେ ପରେ ସେଦିନ ରାଷ୍ଟ୍ରପତି ରାଜଭବନଠାରେ ରାଜ୍ୟପାଳଙ୍କ ପକ୍ଷରୁ ଆୟୋଜିତ ରାତ୍ରଭୋଜନ କାର୍ଯ୍ୟକ୍ରମରେ ଯୋଗଦେବେ ଓ ପରଦିନ ୨୮ ତାରିଖ ସକାଳୁ ୯ ଟା ୩୫ରେ ଭୁବନେଶ୍ବର ବିମାନବନ୍ଦରରୁ ବାହାରି ଲକ୍ଷ୍ନୌ ବିମାନ ବନ୍ଦର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି। ୨୭ ତାରିଖରେ ରାଷ୍ଟ୍ରପତିଙ୍କ ଆଗମନ ଠାରୁ ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅନୁ ଗର୍ଗ, ସ୍ବରାଷ୍ଟ୍ର ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟ ପୁଲିସ ମହା ନିର୍ଦ୍ଦେଶକ ୱାଇବି ଖୁରାନିଆ, ଅଗ୍ନିସେବା ଡିଜି ଡଃ ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

■ ଦୀର୍ଘ ଦିନ ପରେ ଦାବି ପୂରଣ କଲା ରେଳ ବିଭାଗ

## ଇସ୍ପାତ ଏକ୍ସପ୍ରେସ୍ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ



**କେସିଙ୍ଗା,୧୩।୧୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଅଞ୍ଚଳବାସୀଙ୍କ ଏକ ଦଶନ୍ଧିରୁ ହେଉଥିବା ଏକ ଦାବି ଭାରତୀୟ ରେଳ ବିଭାଗ ପୂରଣ କରିଛି। ରେଳ ବିଭାଗର ଚିଠି ସଂଖ୍ୟା ସିସି୨୭୧/୨୦୨୫ ତାରିଖ ୩୧.୧୦.୨୫ ଅନୁଯାୟୀ ରେଳ ବିଭାଗ ହାୱଡା ଟିଟଲାଗଡ ଏକ୍ସପ୍ରେସ୍ ଟ୍ରେନକୁ ଜୁନାଗଡ଼ ପର୍ଯ୍ୟନ୍ତ ସମ୍ପ୍ରସାରଣ ପାଇଁ ଆଦେଶ ଦେଇଛି।ଆଗରୁ ଉକ୍ତ ଟ୍ରେନଟି ହାୱଡାରୁ ଆସି ଟିଟଲାଗଡ଼ରେ ରହି ଯାଉଥିଲା ।ବର୍ତ୍ତମାନ ସେହି ଟ୍ରେନ ଟିଟଲାଗଡ଼ରେ ନ ରହି ଜୁନାଗଡ଼ ପର୍ଯ୍ୟନ୍ତ ଯିବ କେବେ ଠୁ ଚଳାଚଳ କରିବ ଖବର ନ ଥିଲେ ମଧ୍ୟ ବହୁତ ଶୀଘ୍ର ଏହା ଚଳାଚଳ କରିବ ବୋଲି ଶୁଣିବାକୁ ମିଳୁଛି। ଏହା ଜିଲ୍ଲାବାସୀଙ୍କ ପାଇଁ ନିହାତି ପକ୍ଷେ ଖୁସିର ବିଷୟ। ଏଥିପାଇଁ ରେଳ ବିଭାଗକୁ ଜିଲ୍ଲାବାସୀଙ୍କ ପକ୍ଷରୁ ବହୁତ ବହୁତ ଧନ୍ୟବାଦ।ଏହି ଟ୍ରେନ ଚଳାଚଳ ପାଇଁ କେସିଙ୍ଗାର ରେଳ ଯାତ୍ରୀ ସଂଘ ସମେତ କେସିଙ୍ଗା ସିଟିଜନ ଫୋରମ ଅନେକ ଦିନରୁ ଦାବି କରିଆସୁଥିଲେ।ଯାହାବି ହେଉ ବିଳମ୍ବରେ ହେଲେ ମଧ୍ୟ ଦାବି ପୂରଣ ହେଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ହସ୍ତକ୍ଷେପ ପରେ ରେଳ ବିଭାଗ ତତ୍ପର ଦେଖାଇ ଟ୍ରେନ ଚଳାଚଳ ପାଇଁ ନିଷ୍ପତ୍ତି ନେଇଛି।କିନ୍ତୁ ଅଞ୍ଚଳବାସୀଙ୍କ ରେଳ ବିଭାଗକୁ ଦେଇଥିବା ଦାବିପତ୍ର ମଧ୍ୟରୁ ପ୍ରମୁଖ ଦାବି କେସିଙ୍ଗାରୁ ସିଧା ସଳଖ ଟ୍ରେନ ଆଜି ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ସେଥିପାଇଁ ବୁଦ୍ଧିଜିବୀ ମହଲରେ ଅସନ୍ତୋଷ ରହିଛି।ବର୍ତ୍ତମାନ ଦେଖିବାକୁ ବାକି ରହିଲା ରେଳ ବିଭାଗ କେବେ ଅଞ୍ଚଳବାସୀଙ୍କ ପ୍ରମୁଖ ଦାବି ରାଜଧାନୀ ପାଇଁ ସିଧାସଳଖ ଟ୍ରେନ ଚଳାଚଳ ପାଇଁ ବିଭାଗୀୟ ଚିଠି ଜାରି କରୁଛି।

## ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇ କାରରୁ ଇଞ୍ଜିନ ଅଲଗା

**ବରଗଡ଼,୧୩।୧୧(ସମିସ):** ବରଗଡ଼ ବରଡୋଲ ରାସ୍ତାରେ ଭୟଙ୍କର ସଡ଼କ ଦୁର୍ଘଟଣାର ଚିତ୍ର ସାମ୍ନାକୁ ଆସିଛି। ଏକ କାର୍ ପବନ ବେଗରେ ଆସି ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଧକ୍କା ଏତେ ଭୀଷଣ ଥିଲା ଯେ ଗାଡ଼ିର ଇଞ୍ଜିନ ଗାଡ଼ିରୁ ବାହରକୁ ଛିଟିକି ପଡ଼ିଥିଲା। ଏ ସମସ୍ତ ଘଟଣା ସିସିଟିଭିରେ କଏଦ ହୋଇଛି। ଦୁର୍ଘଟଣା ବେଳେ ଗାଡିରେ ତିନିଜଣ ବ୍ୟକ୍ତି ଥିବା ବେଳେ ସମସ୍ତେ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଅଧରାତିରେ ଏହି ଦୁର୍ଘଟଣା ଘଟିଥିଲା। ଗାଡି ଦ୍ରୁତ ଗତିରେ ଭଟଲିରୁ ବରଗଡ଼ ଅଭିମୁଖେ ଯାଉଥିବା ବେଳେ ବରଡୋଲ ସଡ଼କ ପଡା ସାମ୍ନାରେ ଏହି ଦୁର୍ଘଟଣା ଘଟିଥିଲା। ତେବେ ଏନେଇ ପୁଲିସର କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

■ ଟିକସ ଫାଙ୍କିବା ଓ ପରମିଟ୍ ଅନିୟମିତତା

## ୪ ବସ୍‌ରୁ ୧୫.୪୬ ଲକ୍ଷ ଜରିମାନା ଆଦାୟ

**ପୁରୀ,୧୩।୧୧(ସମିସ):** ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ବସ୍ ଚଳାଚଳ କରୁଥିଲେ ମଧ୍ୟ ଗାଡ଼ିର କାଗଜପତ୍ର ଠିକ୍ ରଖିବା ଉପରେ ମାଲିକ ଧ୍ୟାନ ଦେଉନାହାନ୍ତି। ଏଭଳି ବେପରୁଆ ମନୋଭାବ ପାଇଁ ୪ଟି ବସ୍‌କୁ ମୋଟା ଅଙ୍କର ଜରିମାନା ହୋଇଛି। ଟିକସ ଫାଙ୍କିବା ଓ ପରମିଟ ଅନିୟମିତତା ଅଭିଯୋଗରେ ପୁରୀ ଆର୍‌ଟିଓ ଓ ଏସ୍‌ଟିଏ କଟକ ସ୍ପେଶାଲ ସ୍କ୍ବାଡ୍ ପକ୍ଷରୁ ମାଳତିପାଟପୁର ବସ୍‌ଷ୍ଟାଣ୍ଡରେ ୪ଟି ବସ୍‌କୁ ଜବତ କରାଯାଇଛି। ଏହି ୪ଟି ବସ୍‌ଠାରୁ ୧୫ଲକ୍ଷ ୪୬ହଜାର ୮୪୭ଟଙ୍କା ଫାଇନ୍ ମଧ୍ୟ ଆଦାୟ ହୋଇଛି। ଜବତ ହୋଇଥିବା ବସ୍ ନମ୍ବର ହେଉଛି ଡବ୍ଲ୍ୟୁବି୨୯ଏଫ୍-୬୮୬୨, ଡବ୍ଲ୍ୟୁବି୧୧ଏଫ୍ ୭୪୯୯, ଡବ୍ଲ୍ୟୁବି୭୩ଜି ୭୫୦୧ ଏବଂ ଡବ୍ଲ୍ୟୁବି ୨୯ଏଫ୍ ୩୦୮୮। ଏ ସମସ୍ତ ବସ୍ ପଶ୍ଚିମବଙ୍ଗର ବୋଲି ପୁରୀ ଜିଲ୍ଲା ପରିବହନ କାର୍ଯ୍ୟାଳୟରୁ ପକ୍ଷରୁ ସୂଚନା ଦିଆଯାଇଛି।

## ଏଯାଏଁ ମିଳିପାରିନି ପରିବେଶ ମଞ୍ଜୁରୀ

# ଅନିଶ୍ଚିତତାରେ ସୁବର୍ଣ୍ଣରେଖା ମେଗା ବନ୍ଦର ପ୍ରକଳ୍ପ

**କାଳିପଦା, ୧୩।୧୧ (ସମିସ):** ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ନଦୀ ମୁହାଁଣ ଚୌମୁଖଠାରେ ହେବାକୁ ଥିବା ସୁବର୍ଣ୍ଣରେଖା ବନ୍ଦର ମେଗା ପ୍ରକଳ୍ପ ଏବେ ଅନିଶ୍ଚିତତା ମଧ୍ୟ ଦେଇ ଗତି କରୁଛି। ଅଦ୍ୟାବଧି ବନ୍ଦର କର୍ତ୍ତୃପକ୍ଷଙ୍କୁ କେନ୍ଦ୍ର ଗ୍ରୀନ ଟ୍ରିବ୍ୟୁନାଲରୁ ପରିବେଶ ମଞ୍ଜୁରୀ ମିଳିପାରିନାହିଁ। ଏବେ ହାଇକୋର୍ଟ ଏକ ଜନସ୍ବାର୍ଥ ମାମଲାର ଶୁଣାଣି କରି ଚୌମୁଖ ଡଗରା ବେଳାଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



**ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

**ସିଆରଜେଡ-୨ ପାଇଁ କୋର୍ଟରେ ମାମଲା**

୧୯୯୮ ମସିହାରେ ଏହି ଦୁଇ ବେଳାଭୂମିକୁ ତତ୍କାଳୀନ ସରକାର ପର୍ଯ୍ୟଟନ କେନ୍ଦ୍ର ଭାବେ ଘୋଷଣା କରିଥିଲେ। ୨୦୦୬ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଙ୍ଗଳେଶ୍ବର କାଳିଝାଟି ପଡିଆ ଜନସମାବେଶରେ ଚୌମୁଖଠାରେ ଘରୋଇ ଉଦ୍ୟୋଗରେ ବନ୍ଦର ହେବ ବୋଲି ଘୋଷଣା କରିଥିଲେ। ପରେ ଚେନ୍ନାଇର କ୍ରିଏଟିଭ ପୋର୍ଟ ନାମକ ଏକ ସଂସ୍ଥା ଏମଓୟୁ ସରକାରଙ୍କ ସହିତ କରିଥିଲେ। ଅନ୍ୟ ଏକ ସହଯୋଗୀ ସଂସ୍ଥା ଏଥିରୁ ଓହରି ଯିବାରୁ ପ୍ରକଳ୍ପ କାର୍ଯ୍ୟ ଧିମେଇ ଯାଇଥିଲା। ଦୀର୍ଘ ଦିନର ବ୍ୟବଧାନ ପରେ ଟାଟା କମ୍ପାନୀ ଏଥିରେ ଯୋଡିବାରୁ ସୁବର୍ଣ୍ଣ ରେଖା ବନ୍ଦର ପ୍ରକଳ୍ପ କାର୍ଯ୍ୟ କିଛି ମାତ୍ରାରେ ଆଗେଇ ଥିଲା। ରାସ୍ତା ଓ ରେଳ କରିଡର ପାଇଁ କମ୍ପାନୀ ୪୦ ପ୍ରତିଶତ ଜମି ଅଧିଗ୍ରହଣ କରିଥିଲେ। ତେବେ ବର୍ଷେ ହେବ ବନ୍ଦର କାମରେ ଧିମା ପଡ଼ିଥିବା ଦେଖିବାକୁ ମିଳିଛି।

## ପୁଣି ଅମାନିଆ ଇସ୍କନ

# ଅଦିନରେ କରିବ ରଥଯାତ୍ରା

**ପୁରୀ,୧୩।୧୧(ସମିସ):** ଯେତେ କହିଲେ ବି ମାନୁନି ଇସ୍କନ। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜାଙ୍କ କଥା ବି ଶୁଣିବା ଅବସ୍ଥାରେ ନାହିଁ। ଶାସ୍ତ୍ରୀୟ ମତକୁ ଆଧାର କରି ନିର୍ଦ୍ଦିଷ୍ଟ ତିଥିରେ ରଥଯାତ୍ରା ଆୟୋଜନ ପାଇଁ ଗଜପତି ମହାରାଜା ଇସ୍କନ ମୁଖ୍ୟଙ୍କୁ ଏକାଧିକଥର ଚିଠି ଲେଖିଛନ୍ତି। ହେଲେ ସେମାନେ ଶତପ୍ରତିଶତ ଏହାକୁ ପାଳନ କରୁନାହାନ୍ତି। ପୁଣି ଅଦିନରେ ରଥଯାତ୍ରା କରିବାକୁ ଯାଉଛି ଇସ୍କନ। ଆସନ୍ତା ୨୩ ତାରିଖରେ ତାଇୱାନର ଜିମେଣ୍ଡିଙ୍ଗ୍ ଏମ୍‌ଆର୍‌ଟି ଏକ୍ସିଟ୍ ୬ରେ ରଥଯାତ୍ରା ଆୟୋଜନ କରିଛି। ଏଥିରେ ଯୋଗଦେବା ପାଇଁ ଇସ୍କନ ଅନୁଗାମୀ ଏବଂ ଜଗନ୍ନାଥପ୍ରେମୀଙ୍କୁ ଅନ୍‌ଲାଇନ ମାଧ୍ୟମରେ ସୂଚନା ଦିଆଯାଇଛି। ଏହି ଅବସରରେ ସାଂସ୍କୃତିକ, କୀର୍ତ୍ତନ, ଯୋଗ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବ। ତେବେ ଏହି ଘଟଣାକୁ ନେଇ ପୁରୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଇସ୍କନ ଏପରି ବାରମ୍ବାର ନିୟମ ବାହାରେ କାର୍ଯ୍ୟ କରୁଥିବାକୁ ନେଇ ଜଗନ୍ନାଥପ୍ରେମୀ ଭକ୍ତ ଓ ସେବାୟତ କ୍ଷୋଭ ପ୍ରକାଶ କରିଛନ୍ତି।

ସୂଚନାଥାଉ କି, ଅଦିନିଆ ରଥଯାତ୍ରା ଆୟୋଜନ ନେଇ ଇସ୍କନ ସବୁବେଳେ ବିବାଦରେ ରହିଆସିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ସାରା ବିଶ୍ବରେ ପ୍ରଚାରପ୍ରସାର କରୁଥିବା ନେଇ ଦାବି କରିଆସୁଥିବା ଇସ୍କନ ବାରମ୍ବାର ମହାପ୍ରଭୁଙ୍କ ପରମ୍ପରା ଉଲ୍ଲଂଘନ କରୁଥିବା ଅଭିଯୋଗ ରହିଛି। ଏଭଳି କାର୍ଯ୍ୟ ଆମ ଧର୍ମ, ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିବା ସହ କୋଟି କୋଟି ହିନ୍ଦୁଙ୍କ ଧାର୍ମିକ ଭାବନାକୁ କୁଠାରାଘାତ କରୁଛି। ପ୍ରତ୍ୟେକ ଧାର୍ମିକ କାର୍ଯ୍ୟକ୍ରମର ଏକ ସ୍ବତନ୍ତ୍ର ତିଥି ଓ ତାରିଖ ରହିଛି। ଏହାକୁ ସମସ୍ତେ ମାନିବା ଦରକାର। ରଥଯାତ୍ରା ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ପାଳିତ ହୋଇଥାଏ। ଏହା ସ୍କନ୍ଦ ପୁରାଣରେ ମହାପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ ଅଟେ। ଅଦିନରେ ଏବଂ ଅତିଥିରେ ରଥଯାତ୍ରା ଆୟୋଜନ କରାଯାଇ ଶ୍ରୀଜଗନ୍ନାଥ ସଂସ୍କୃତି, ସନାତନ ହିନ୍ଦୁ ସମାଜ, ଭକ୍ତ ଏବଂ ଦେଶର ଘୋର୍ ଅପମାନ ସହ ଧାର୍ମିକ ଭାବନାରେ ଆଘାତ ସୃଷ୍ଟି କରାଯାଉଛି। ତେଣୁ ଏଭଳି ମନୋମୁଖି କାର୍ଯ୍ୟରୁ ଇସ୍କନ ଦୂରେଇ ରହିବାକୁ ଦାବି କରିଆସୁଛନ୍ତି ଭକ୍ତ ଓ ସେବାୟତ।

■ ପୁଲିସ ଏସଆଇ ନିଯୁକ୍ତିରେ ସ୍ବଚ୍ଛତା ନେଇ ହାଇକୋର୍ଟରେ ମାମଲା

## ଉଚ୍ଚକମିଟି ତତ୍ତ୍ୱାବଧାନରେ ସମ୍ପନ୍ନ ହେଉ ନିଯୁକ୍ତି ପ୍ରକ୍ରିୟା

**କଟକ,୧୩।୧୧(ସମିସ):** ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ଦ୍ୱାରା ପରିଚାଳିତ ପୁଲିସ ଏସଆଇ ନିଯୁକ୍ତି କେଳେଙ୍କାରୀର ତଦନ୍ତ ଜାରି ରହିଥିବା ବେଳେ ସ୍ବଚ୍ଛତା ଅବଲମ୍ବନ ପୂର୍ବକ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରିବା ପ୍ରସଙ୍ଗରେ ଏକ ଜନସ୍ବାର୍ଥ ମାମଲା ହାଇକୋର୍ଟରେ ଦାୟର କରାଯାଇଛି। ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ତରଫରୁ ଏହି ମାମଲା ରୁଜୁ ହୋଇଛି। ନିଯୁକ୍ତି ପ୍ରକ୍ରିୟା ନେଇ ସରକାରଙ୍କ ଗତ ୨୦୨୫ସେପ୍ଟେମ୍ବର ୨୨ର ଏସଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର)କୁ କଡ଼ାକଡ଼ି ପାଳନ ସହ ଏକ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ତତ୍ତ୍ୱାବଧାନରେ ନିଯୁକ୍ତି ପ୍ରକ୍ରିୟା ସମ୍ପନ୍ନ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ସେହିଭଳି ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଓ ଗୃହ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କୁ ନେଇ ଏହ ଉଚ୍ଚସ୍ତରୀୟ ତଦାରଖ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଉ, ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ଏବଂ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଅନ୍ୟାନ୍ୟ ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ହେଉଥିବା ପରୀକ୍ଷାରେ ସ୍ବଚ୍ଛତା, ନିରପେକ୍ଷତା ଏବଂ ଏସଓପି ଅନୁପାଳନର ତଦାରଖ ଏହି କମିଟି କରୁ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ମାମଲାରେ ସାଧାରଣ ପ୍ରଶାସନ ବିଭାଗ ସଚିବ, ଗୃହ ସଚିବ, ପୁଲିସ ଡିଜି, ଓପିଆରବି ଅଧ୍ୟକ୍ଷ ଓ ସିବିଆଇ ଏସପିଙ୍କୁ ପକ୍ଷଭୁକ୍ତ କରାଯାଇଛି।

■ ଅନାଥାଶ୍ରମ ଅନ୍ତେବାସୀଙ୍କୁ ଦୁଷ୍କର୍ମ ମାମଲା

## ଦୋଷୀକୁ ୨୦ବର୍ଷ ସଶ୍ରମ ଜେଲ୍

**କଟକ,୧୩।୧୧(ସମିସ):** କଟକ କଲେଜଛକ ଅଞ୍ଚଳର ଏକ ଅନାଥାଶ୍ରମରେ ରହି ଚତୁର୍ଥ ଶ୍ରେଣୀରେ ଅଧ୍ୟୟନ କରୁଥିବା ଜଣେ ନାବାଳିକାକୁ ଦୁଷ୍କର୍ମ କରିବା ଅଭିଯୋଗରେ ଅଭିଯୁକ୍ତକୁ କଟକସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ବତନ୍ତ୍ର ପୋକ୍ସୋ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ପୋକସୋ ଆଇନର ଧାରା ୬ ଓ ଆଇପିସିର ଧାରା ୩୭୬ ଅନୁସାରେ ଅଭିଯୁକ୍ତ ତଥା କଟକ ମାଲଗୋଦାମ ଥାନା ଯୋବ୍ରା ନଦୀକୂଳ ସାହିର ବାସିନ୍ଦା ଅଭିଯୁକ୍ତ ଲୋକନାଥ ଭୋଇ(୨୩)କୁ ୨୦ବର୍ଷ ସଶ୍ରମ ଜେଲ ଓ ୫୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି ଅଦାଲତ। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲ ଦଣ୍ଡ ଭୋଗ କରିବାକୁ ପଡିବ ବୋଲି ଅଦାଲତ କହିଛନ୍ତି। ସେହିଭଳି ପୀଡିତାଙ୍କୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ।

ଗତ ୨୦୨୪ଜାନୁଆରୀ ୨୯ରେ ନାବାଳିକା ଆଶ୍ରମରୁ ନିକଟସ୍ଥ ଏକ ବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଯାଇଥିଲେ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନଥିଲେ। ତେବେ ସେହିଦିନ ବିଳମ୍ବିତ ସଂଧ୍ୟାରେ ପୀଡ଼ିତା ଜଣକ କାନ୍ଦି କାନ୍ଦି ଆଶ୍ରମକୁ ଫେରିବା ସହ ଅଭିଯୁକ୍ତ ଜଣକ ତାକୁ ରେଳଷ୍ଟେସନର ଏକ ଭଗ୍ନ ଗୃହକୁ ନେଇ ଦୁଷ୍କର୍ମ କରିଥିବା ଆଶ୍ରମର ଗୁରୁମାଙ୍କୁ ଜଣାଇଥିଲା। ସମ୍ପୃକ୍ତ ଆଶ୍ରମର ଅଧୀକ୍ଷକ ୨୦୨୪ଜାନୁଆରୀ ୩୦ରେ ଜିଆରପି ଥାନାରେ ଏକ ଏତଲା ଦେଇଥିଲେ। ୨୦୨୪ ମାର୍ଚ୍ଚ୧୯ରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା ବେଳେ ୨୦୨୪ମାର୍ଚ୍ଚ ୨୦ରେ ଚାର୍ଜସିଟ ଦାଖଲ କରିଥିଲା। ଅଦାଲତ ଗତ ୨୦୨୪ ସେପ୍ଟେମ୍ବର ୨୯ ତାରିଖରେ ଚାର୍ଜଫ୍ରେମ କରିଥିଲେ। ତେବେ ୧୧ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ଓ ୨୭ଟି ପ୍ରାମାଣିକ ଦସ୍ତାବିଜ ଆଧାରରେ ଆସାମୀକୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶ ନେଇ ରାୟ ଶୁଣାଇଛନ୍ତି ଅଦାଲତ। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିଲେ ସ୍ପେସାଲ ପବ୍ଲିକ୍ ପ୍ରସିକ୍ୟୁଟର ରମେଶଚନ୍ଦ୍ର ମହାନ୍ତି ଓ ବିଶ୍ବଜିତ ରାୟ।

**ରାଜସ୍ବ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ**

# ଓଡ଼ିଶାରେ ଲାଗୁ ହେବ ଗୋଟିଏ ରାଜସ୍ବ ଆଇନ

**ପୁରୀ,୧୩।୧୧(ସମିସ):** ଏଣିକି ଜମିପଟ୍ଟା ସଂଶୋଧନ କରିବାକୁ ଜନସାଧାରଣଙ୍କୁ ହଇରାଣ ହେବାକୁ ପଡ଼ିବନି। ଓଡ଼ିଶାରେ ରହିବ ଗୋଟିଏ ରାଜସ୍ବ ଆଇନ। ଖୁବ୍‌ଶୀଘ୍ର ଓଡ଼ିଶା ରାଜସ୍ବ ଆଇନରେ ସଂଶୋଧନ କରାଯାଇ ଗୋଟିଏ ରାଜସ୍ବ ଆଇନ ଲାଗୁ କରାଯିବ। ଓଡ଼ିଶା ଗଭର୍ଣ୍ଣମେଣ୍ଟ ଲ୍ୟାଣ୍ଡ ମ୍ୟାନେଜ୍‌ମେଣ୍ଟ ଆକ୍ଟ ଖୁବ୍‌ଶୀଘ୍ର ଆସିବ। ଗୁରୁବାର ସ୍ଥାନୀୟ ସର୍କିଟ୍ ହାଉସରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ସୂଚନା ଦେଇଛନ୍ତି ରାଜସ୍ବ ମନ୍ତ୍ରୀ ସୁରେଶ ପୂଜାରୀ। ରାଜସ୍ବ ବିଭାଗର ନିଷ୍ପତ୍ତି ଅନୁଯାୟୀ, ଏଣିକି ଜନସାଧାରଣ ସ୍ଥାନୀୟ ତହସିଲ୍‌ଦାରଙ୍କୁ ଭେଟି ନିଜର ପୈତୃକ ସମ୍ପତ୍ତିର ପଟ୍ଟା ନିଜ ନାମରେ ସଂଶୋଧନ କରାଇ ପାରିବେ। ଏହି ବ୍ୟବସ୍ଥା ସଠିକ୍ ଢଙ୍ଗରେ ପୁରୀ ଜିଲ୍ଲାରେ କିଭଳି କାର୍ଯ୍ୟକାରୀ ହୋଇପାରିବ ସେ ନେଇ ରାଜସ୍ବ ମନ୍ତ୍ରୀ ପୁରୀ ଆସି ଜିଲ୍ଲାର ସମସ୍ତ ରାଜସ୍ବ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳଙ୍କ ସହ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ତହସିଲ୍‌ଦାରମାନେ ଉପସ୍ଥିତ ଥିଲେ। ଜମିପଟ୍ଟା ସଂଶୋଧନ ପାଇଁ ଆସୁଥିବା ବ୍ୟକ୍ତିମାନେ କିଭଳି ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିଜ ଜମିଜମା ସମସ୍ୟାର ସମାଧାନ ସହିତ ପଟ୍ଟା ସଂଶୋଧନ କରାଇପାରିବେ ସେ ନେଇ ଲୋକଙ୍କୁ ସହଯୋଗ ଯୋଗାଇଦେବାକୁ ରାଜସ୍ବ ମନ୍ତ୍ରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଖୁବ୍‌ଶୀଘ୍ର ଓଡ଼ିଶା ରାଜସ୍ବ ଆଇନରେ ସଂଶୋଧନ କରାଯାଇ ଗୋଟିଏ ରାଜସ୍ବ ଆଇନ ଓଡ଼ିଶାରେ ଲାଗୁ କରାଯିବ। ଓଡ଼ିଶା ଗଭର୍ଣ୍ଣମେଣ୍ଟ ଲ୍ୟାଣ୍ଡ ମ୍ୟାନେଜମେଣ୍ଟ ଆକ୍ଟ ଖୁବ୍‌ଶୀଘ୍ର ଆସିବ। ସେହିପରି ଓଡ଼ିଶା ସର୍ଭେ ସେଟଲ୍‌ମେଣ୍ଟ ଆକ୍ଟରେ ମଧ୍ୟ ସଂଶୋଧନ ଅଣାଯିବ। ଏହି ଆଇନ ସଂଶୋଧନ ପରେ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଜନଜାତି ବର୍ଗର ଲୋକମାନେ ମଧ୍ୟ ଜମିଜମା ସମସ୍ୟାକୁ ନେଇ ହେଉଥିବା ଅସୁବିଧା ଦୂର ହେବ। ଏ ନେଇ ତହସିଲ୍‌ଦାରମାନଙ୍କୁ ସ୍ବତନ୍ତ୍ର କ୍ଷମତା ପ୍ରଦାନ କରାଯାଇଛି।

**■ ଖୁବ୍‌ଶୀଘ୍ର ଓଡ଼ିଶା ରାଜସ୍ବ ଆଇନରେ ହେବ ସଂଶୋଧନ**

**■ ସରକାରୀ ଜମି ଜବରଦଖଲ ମୁକ୍ତ କରିବାକୁ ନିର୍ଦ୍ଦେଶ**

ରାଜସ୍ବ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, 'ପୁରୀ ସହରରେ ଦୀର୍ଘବର୍ଷ ଧରି ରହିଥିବା ଜମିଜମା ସମସ୍ୟାର ସମାଧାନ ପାଇଁ ସରକାର ଉଦ୍ୟମ କରୁଛନ୍ତି। ଏଥିପାଇଁ ସମସ୍ତ ବିଭାଗ ସହିତ ଆଲୋଚନା ଜାରି ରହିଥିବାବେଳେ ପୁରୀ ସହରର ଜମିଜମା ସମ୍ପର୍କିତ ଏକ ସବିଶେଷ ରିପୋର୍ଟ ଡିସେମ୍ବର ଶେଷ ସୁଦ୍ଧା ଜିଲ୍ଲାପାଳ ପ୍ରଦାନ କରିବାକୁ କୁହାଯାଇଛି। ଏହି ରିପୋର୍ଟ ଆସିବା ପରେ ବିଭିନ୍ନ ଆଇନକୁ ଅଧ୍ୟୟନ କରାଯାଇ ଏବଂ ଦରକାର ପଡ଼ିଲେ ଆଇନରେ ସଂଶୋଧନ କରାଯାଇ ପୁରୀ ସହର ଏବଂ ଜିଲ୍ଲାର ଜମିଜମା ସମସ୍ୟା ସମାଧାନ କରାଯିବ। ଏହି ଅବସରରେ ରାଜସ୍ବ ମନ୍ତ୍ରୀ ଜିଲ୍ଲାର ସମସ୍ତ ତହସିଲ୍ ଓ ଆର୍‌ଆଇ ଅଫିସର ବାୟୋମେଟ୍ରିକ୍ ଉପସ୍ଥାନ ଓ ଓସାସ୍ ଫାଇଲ୍ ଉପରେ ସମୀକ୍ଷା କରିଥିଲେ। ବସୁନ୍ଧରା ଯୋଜନା, ଅନ୍ତ୍ୟୋଦୟ ଯୋଜନା ଉପରେ ତର୍ଜମା କରିବା ସହିତ ଜମିଜମା ରେକର୍ଡ ଉପରେ କେଉଁ ବ୍ୟକ୍ତି ଲିଜ୍ ନେଇଛନ୍ତି ବା କେତେ ଜବରଦଖଲ କେସ୍ ପଡ଼ିରହିଛି ତାହାର ତର୍ଜମା କରିଥିଲେ। ସମସ୍ତ ସରକାରୀ ଜମି ଯେପରି ଜବରଦଖଲ ମୁକ୍ତ କରାଯିବ ତାହା ଉପରେ କଡ଼ା ପଦକ୍ଷେପ ନେବାକୁ ସମସ୍ତ ତହସିଲ୍‌ଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ବ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟକଲ) ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଡେପୁଟି କଲେକ୍ଟର ସହଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଫେବ୍ରୁଆରୀ ୧୭ରୁ ଆଇସିଏସ୍‌ଇ ଓ ୧୨ରୁ ଆଇଏସ୍‌ସି ପରୀକ୍ଷା

**ଭୁବନେଶ୍ବର,୧୩।୧୧(ସମିସ):** ସିଆଇଏସ୍‌ସିଇ ବୋର୍ଡ ପକ୍ଷରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷା ତାରିଖ ଘୋଷଣା ହୋଇଛି। ଆଇସିଏସ୍‌ଇ ବା ଦଶମ ଶ୍ରେଣୀ ପରୀକ୍ଷା ଫେବ୍ରୁଆରୀ ୧୭ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୩୦ ତାରିଖ ଯାଏଁ ଚାଲିବ। ସେହିପରି ଆଇଏସ୍‌ସି ବା ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫେବ୍ରୁଆରୀ ୧୨ ତାରିଖରୁ ଆରମ୍ଭ ହୋଇ ଏପ୍ରିଲ୍ ୬ ତାରିଖରେ ଶେଷ ହେବ। ଏନେଇ ସିଆଇଏସ୍‌ସିଇ ବୋର୍ଡ ପକ୍ଷରୁ ପରୀକ୍ଷା ସୂଚୀ ଘୋଷଣା କରାଯାଇଛି। ଦଶମ ଶ୍ରେଣୀରେ ପ୍ରାୟ ୨ଲକ୍ଷ ୬୦ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ଦ୍ୱାଦଶରେ ପ୍ରାୟ ୧ ଲକ୍ଷ ୫୦ ହଜାର ପିଲା ପରୀକ୍ଷା ଦେବେ। ପରୀକ୍ଷାର୍ଥୀଙ୍କ ସୁବିଧା ଦୃଷ୍ଟିରୁ ପରୀକ୍ଷା ସୂଚୀ ପ୍ରସ୍ତୁତ କରାଯାଇଥିବା ବୋର୍ଡର ସମ୍ପାଦକ ଡ. ଜୋସେଫ୍ ଇମାନୁଏଲ୍ କହିଛନ୍ତି।

## ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟିରେ "କୋହୋର୍ଟ କନେକ୍ଟ' ସମ୍ମିଳନୀ ଉଦ୍‌ଘାଟିତ

# ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ସ୍ବାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ: କେନ୍ଦ୍ର ମନ୍ତ୍ରୀ

**ଭୁବନେଶ୍ବର,୧୩।୧୧(ସମିସ):** ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ଲାଗି ଭାରତର ନାଗରିକଙ୍କ ସ୍ବାସ୍ଥ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ତେଣୁ ସ୍ବାସ୍ଥ୍ୟ କ୍ଷେତ୍ରରେ ଭାରତକୁ ଏବେ ନିଦାନ ଆଧାରିତ ଦୀର୍ଘକାଳୀନ ସ୍ବତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ହେବ ବୋଲି କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି। ଗୁରୁବାର ଭୁବନେଶ୍ବରସ୍ଥିତ ସିଏସ୍‌ଆଇଆର-ଆଇଏମ୍‌ଏମ୍‌ଟିରେ ଲଙ୍ଗିଚ୍ୟୁଡିନାଲ କୋହର୍ଟ ଷ୍ଟଡିଜ୍ ଉପରେ ଜାତୀୟ ସମ୍ମିଳନୀ- 'କୋହୋର୍ଟ କନେକ୍ଟ'କୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଛନ୍ତି, ଭାରତୀୟ ରୋଗୀଙ୍କ ପାଇଁ ଭାରତୀୟ ଉପଚାର, ଭାରତୀୟ ବିଷୟ ଲାଗି ଭାରତୀୟ ନିରାକରଣ ରଣନୀତି, ଭାରତୀୟ ସମାଧାନ ଲାଗି ଭାରତୀୟ ତଥ୍ୟ ଆମର ମନ୍ତ୍ର ହେବା ଉଚିତ୍।

ସୂଚନାଯୋଗ୍ୟ, କୋହୋର୍ଟ ଷ୍ଟଡିଜ୍ ଏପରି ଏକ ଅଧ୍ୟୟନକୁ ବୁଝାଇଥାଏ, ଯେଉଁଥିରେ ସମାନ ବୈଶିଷ୍ଟ୍ୟ ଥିବା ଏକ ଗୋଷ୍ଠୀର ସ୍ବାସ୍ଥ୍ୟାବସ୍ଥା ଓ ଜୀବନଶୈଳୀକୁ ଅନୁଧ୍ୟାନ କରାଯାଇଥାଏ। ଯାହାଫଳରେ ସେମାନଙ୍କ ଠାରେ ନିର୍ଦ୍ଦିଷ୍ଟ ସ୍ବାସ୍ଥ୍ୟ ସମସ୍ୟାର ବିପଦ କାରକକୁ ଚିହ୍ନଟ କରାଯାଇପାରିବ।



ଆଜିର କାର୍ଯ୍ୟକ୍ରମରେ ଜାତୀୟ ସ୍ତରରେ କୋହୋର୍ଟ ପାଇଁ ରହିଥିବା ସୁଯୋଗ ଉପରେ ଆଲୋକପାତ କରି କେନ୍ଦ୍ର ମନ୍ତ୍ରୀ ଡକ୍ଟର ସିଂ କହିଛନ୍ତି, ଭାରତରେ ପାଚନକ୍ରିୟା ସହ ଜଡ଼ିତ ବିକାର ପ୍ରାୟତଃ ପରସ୍ପର ସହ ଯୋଡ଼ି ହୋଇ ରହିଥିବା ସ୍ଥିତି ରୂପରେ ସାମ୍ନାକୁ ଆସିଥାଏ। ଯକ୍ଷ୍ମା ଏବଂ ମଧୁମେହ ମଧ୍ୟରେ ପାରସ୍ପରିକ ସମ୍ପର୍କ ବିଷୟରେ ଉଲ୍ଲେଖ କରି, ସେ କହିଥିଲେ ଯେ ଭାରତକୁ ରୋଗ ମୁକାବିଲା କ୍ଷେତ୍ରରେ ସଂକୀର୍ଣ୍ଣ ଦୃଷ୍ଟିକୋଣ ଠାରୁ ଆଗକୁ ବଢ଼ିବାକୁ ପଡ଼ିବ। ଜିନୋମିକ୍ସ ଏବଂ ଜୈବ ଚିକିତ୍ସା ବିଜ୍ଞାନରେ ଭାରତର ବୃଦ୍ଧି ପାଉଥିବା ଶକ୍ତି ଉପରେ କେନ୍ଦ୍ର ମନ୍ତ୍ରୀ ଆଲୋକପାତ କରିଥିଲେ। ବଡ଼ ଧରଣର ଜିନୋମ୍ ସିକୋଏନ୍ସିଂ ଏବଂ ହିମୋଫିଲିଆ ପାଇଁ ଦେଶର ପ୍ରଥମ ସ୍ବଦେଶୀ ନିଦାନଗତ ପରୀକ୍ଷଣ ଭଳି ମାଇଲଖୁଣ୍ଟ ବିଷୟରେ ମଧ୍ୟ ମନ୍ତ୍ରୀ ଉଲ୍ଲେଖ କରିଥିଲେ।

କାର୍ଯ୍ୟକ୍ରମରେ ପିଆଇ-ଚେକ୍ ପ୍ରଗତି, ମଲ୍ଟି-ଓମିକ୍ସ ଇଣ୍ଟିଗ୍ରେସନ୍, ଡିଜିଟାଲ୍ ସ୍ବାସ୍ଥ୍ୟ ରେକର୍ଡ ପ୍ରଣାଳୀ, ବାର୍ଦ୍ଧକ୍ୟ ଏବଂ ଡିମେନ୍ସିଆ ଗବେଷଣା, ଜନଜାତି ସ୍ବାସ୍ଥ୍ୟ କୋହୋର୍ଟ, ମାତୃ ଶିଶୁ ସ୍ବାସ୍ଥ୍ୟ ପଦକ୍ଷେପ, କାର୍ଡିଓମେଟାବୋଲିକ୍ ଅଧ୍ୟୟନ, ଏକ୍ସପୋଜମ୍ ସାଇନ୍ସ ଏବଂ ଭାରତ ପାଇଁ ନିର୍ଦ୍ଦିଷ୍ଟ ବିପଦ ପୂର୍ବାନୁମାନ ମଡେଲ ଉପରେ ଅଧିବେଶନ ଆୟୋଜନ କରାଯାଇଛି। ଏହି ସମ୍ମିଳନୀରେ ସିଏସଆଇଆର-ଆଇଏମଏମଟି ନିର୍ଦ୍ଦେଶ ଡକ୍ଟର ରାମାନୁଜ ନାରାୟଣ ସିଏସଆଇଆର-ଆଇଜିଆଇବି ନିର୍ଦ୍ଦେଶ ଡକ୍ଟର ସୌଭିକ ମାଇତି ପ୍ରମୁଖଙ୍କ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ପଦାଧିକାରୀଙ୍କ ସମେତ ସିଏସଆଇଆର ମୁଖ୍ୟାଳୟ ଏବଂ ସହଭାଗୀ ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଏବଂ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଅର୍ଥ ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ନୂତନ ଜମି କ୍ରୟ କରିପାରନ୍ତି। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ।

**ବୃଷ:** ଯାତ୍ରା ଯୋଗ ଅଛି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିପାରେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ହୋଇପାରେ। ଆୟ ଓ ବ୍ୟୟ ସମାନ ରହିବ।

**ମିଥୁନ:** ରାଜନେତାଙ୍କ ପାଇଁ ଦିନଟି ଭଲ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଦାନ ଧର୍ମ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। କଠିନ ପରିଶ୍ରମ କରିବେ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଫିସ୍ କାମ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିପାରେ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ପିତାମାତା ସନ୍ତାନଙ୍କ ଭିବଷ୍ୟତକୁ ନେଇ ଚିନ୍ତା କରିବେ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଅଚାନକ ଘରକୁ କୁଣିଆ ଆସିପାରନ୍ତି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଭାବିଚିନ୍ତି ନିବେଶ କରନ୍ତୁ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

## ଆଜିର ଇତିହାସ

- ୧୯୨୨- ବିବିସି, ବ୍ରିଟେନ୍‌ରେ ରେଡିଓ ସେବା ଆରମ୍ଭ କଲା।
- ୧୯୪୮ - ଯୁବରାଜ ଚାର୍ଲସ୍‌ଙ୍କ ଜନ୍ମ।
- ୧୯୫୫- କର୍ମଚାରୀ ରାଜ୍ୟ ବୀମା ନିଗମର ଉଦ୍‌ଘାଟନ।
- ୧୯୬୦- ଚେକ୍ ଗଣରାଜ୍ୟର ଦୁଇଟି ଟ୍ରେନ୍ ମୁହାଁମୁହିଁ ହେବାରୁ ଅତିକମ୍‌ରେ ୧୧୦ ଯାତ୍ରୀଙ୍କ ମୃତ୍ୟୁ।
- ୧୯୬୯ - ଆପୋଲୋ-୧୨କୁ ପ୍ରକ୍ଷେପଣ କରାଗଲା।
- ୨୦୦୨- ଚୀନ୍‌ର ରାଷ୍ଟ୍ରପତି ଜିଆଙ୍ଗ୍ ଜେମିନ୍ ନିଜ ପଦରୁ ଇସ୍ତଫା ଦେଲେ।

## ଶିଶୁଙ୍କ ପାଇଁ ଦିନଟିଏ



ଆଜି ୧୪ ନଭେମ୍ବର, ଶିଶୁ ଦିବସ। ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ଜନ୍ମଦିନକୁ ଆମେ ଦେଶରେ ଶିଶୁ ଦିବସ ରୂପେ ପାଳନ କରାଯାଏ। ନେହରୁ ପିଲାମାନଙ୍କୁ ବହୁତ ଭଲ ପାଉଥିଲେ। ଏହି କାରଣରୁ ପିଲାମାନେ ତାଙ୍କୁ 'ଚାଚା ନେହରୁ' ବୋଲି ସମ୍ବୋଧନ କରୁଥିଲେ। ଶିଶୁଙ୍କୁ ଭଲ ପାଉଥିବା ପଣ୍ଡିତ ନେହରୁ ତାଙ୍କ ଜନ୍ମଦିନକୁ ଶିଶୁଙ୍କ ପାଇଁ ଉତ୍ସର୍ଗ କରି ଦେଇଥିଲେ। ଶିଶୁମାନେ ହିଁ ଦେଶର ଭିତ୍ତିଭୂମି ଏବଂ ସେମାନେ ହିଁ ଦେଶର ଭବିଷ୍ୟତ ବୋଲି ସେ ସର୍ବଦା କହୁଥିଲେ। ଦେଶର ଉନ୍ନତି, ପ୍ରଗତି ଦିଗରେ ଶିଶୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ନେହେରୁ ମତ ରଖୁଥିଲେ। ଶିଶୁଙ୍କ ଅଧିକାର, ଦାୟିତ୍ୱ ଓ ଶିକ୍ଷା ବିଷୟରେ ସଚେତନ କରିବା ଉଦ୍ଦେଶ୍ୟରେ ସାରା ଦେଶରେ ପାଳିତ ହୋଇଥାଏ ଏହି ଦିବସ। ଜବାହରଲାଲ ନେହରୁ ଉତ୍ତର ପ୍ରଦେଶର ଆହ୍ଲାବାଦ ସହରରେ ଏକ କଶ୍ମୀର ପଣ୍ଡିତ ପରିବାରରେ ୧୮୮୯ ମସିହା ନଭେମ୍ବର ୧୪ ତାରିଖ ଦିନ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ମୋତିଲାଲ ନେହରୁ ଓ ମାତାଙ୍କ ନାମ ସ୍ୱରୂପାରାଣୀ ଥିଲା। ସେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ। ୧୯୬୪ ମସିହା ମଇ ମାସ ୨୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ନେହରୁଙ୍କ ଦେହାନ୍ତ ପରେ ପିଲାଙ୍କ ପ୍ରତି ତାଙ୍କ ଭଲ ପାଇବାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମଦିବସକୁ ଶିଶୁ ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏ ସମ୍ପର୍କରେ ସଂସଦରେ ପ୍ରସ୍ତାବ ପାରିତ କରାଯାଇଥିଲା। ଏହାପରେ ପ୍ରଥମ ଥର ପାଇଁ ୧୯୬୫ରେ ଶିଶୁ ଦିବସ ପାଳନ କରାଯାଇଥିଲା। ୧୯୬୪ ପୂର୍ବରୁ ୨୦ ନଭେମ୍ବରକୁ ଶିଶୁ ଦିବସ ଭାବେ ପାଳନ କରାଯାଉଥିଲା। କାରଣ ମିଳିତ ଜାତିସଂଘ ଦ୍ୱାରା ୧୯୫୪ ମସିହାରେ ୨୦ ନଭେମ୍ବରକୁ ଶିଶୁ ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା। ଦେଶର କୋଣଅନୁକୋଣରେ ପଲ୍ଲୀ ଠୁ ଦିଲ୍ଲୀ ସବୁଠି ଶିଶୁଦିବସକୁ ଆନନ୍ଦ ଉତ୍ସାହର ସହ ପାଳନ କରାଯାଏ। ଶିଶୁ ଦିବସ ଅବସରରେ ସ୍କୁଲଗୁଡ଼ିକରେ ନାଚ, ଗୀତ, ବକ୍ତୃତା, ଚିତ୍ରାଙ୍କନ ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ। ଏହି ଦିନ ସ୍କୁଲ୍ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ଚକଲେଟ୍, ମିଠା ଆଦି ବଣ୍ଟା ଯାଇଥାଏ।

## ରୋବଟିକ୍ ହ୍ୱିଲ୍ ଚେୟାର୍‌ରେ ପୃଥ୍ୱୀରାଜ

'ଏସ୍‌ଏସ୍‌ଏମ୍‌ବି ୨୯'



ଏସ୍. ଏସ୍ ରାଜମୌଳି ଓ ମହେଶ ବାବୁଙ୍କ ଫିଲ୍ମ 'ଏସ୍‌ଏସ୍‌ଏମ୍‌ବି ୨୯'କୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ନଭେମ୍ବର ୧୫ରେ ରାମୋଜୀ ଫିଲ୍ମ ସିଟିରେ ଏକ ଭବ୍ୟ ସମାରୋହରେ ଫିଲ୍ମର ଟାଇଟଲ ଘୋଷଣା କରାଯିବ। ଏହି ମେଗା ଇଭେଣ୍ଟ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଇତିମଧ୍ୟରେ ଫିଲ୍ମ ନିର୍ମାତା ପୃଥ୍ୱୀରାଜ ସୁକୁମାରନ୍‌ଙ୍କ ଲୁକ୍ ସେୟାର୍ କରିଛନ୍ତି। ପ୍ରିୟଙ୍କା ଚୋପ୍ରା ତାଙ୍କର ଇନ୍‌ଷ୍ଟାଗ୍ରାମ୍‌ରେ ଏକ ପୋଷ୍ଟର୍ ସେୟାର୍ କରିଛନ୍ତି। ଏଥିରେ ସୁକୁମାରନ୍ ରୋବଟ୍ ଭଳି ଦେଖାଯାଉଥିବା ଏକ ହ୍ୱିଲଚେୟାର୍‌ରେ ବସିଥିବାର ଦେଖାଯାଇଛନ୍ତି। ସେ କଳା ରଙ୍ଗର ସୁଟ୍ ପିନ୍ଧି କ୍ୟାମେରା ଆଡ଼କୁ ରାଗରେ ଅନାଇଥିବାର ଦେଖାଯାଇଛନ୍ତି। ତେବେ ସେ ଏଥିରେ ଜଣେ ପକ୍ଷାଘାତ ରୋଗୀ ଭଳି ଦେଖାଯାଉଛନ୍ତି। ପୃଥ୍ୱୀରାଜ ଏଥିରେ 'କୁମ୍ଭା' ଚରିତ୍ରରେ ଅଭିନୟ କରିବେ ବୋଲି ସ୍ପଷ୍ଟ ହୋଇଛି। କାରଣ ପ୍ରିୟଙ୍କା ଏହି ପୋଷ୍ଟରକୁ ସେୟାର୍ କରି ଲେଖିଛନ୍ତି- 'ଉଠନ୍ତୁ, କୁମ୍ଭାକୁ ଦେଖା କରନ୍ତୁ।' ପୃଥ୍ୱୀରାଜ ଏଥିରେ ଖଳନାୟକ ଭାବେ ଦେଖାଯିବେ ବୋଲି ପୋଷ୍ଟର୍‌ରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ଏଥିରେ ହିରୋଭାବେ ମହେଶବାବୁ ଏବଂ ତାଙ୍କ ବିପକ୍ଷରେ ପ୍ରିୟଙ୍କା ଚୋପ୍ରା ଦେଖାଯିବେ।

## ବିଶ୍ୱ ମଧୁମେହ ଦିବସ



ମଧୁମେହ ରୋଗ ବିଷୟରେ ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ 'ବିଶ୍ୱ ମଧୁମେହ ଦିବସ' ଭାବେ ପାଳନ କରାଯାଏ। ଏହି ଦିବସର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ୱାସ୍ଥ୍ୟ ଶିବିର, ସ୍ୱାସ୍ଥ୍ୟ ସମ୍ବନ୍ଧିତ ବାର୍ତ୍ତା, ସଭା ସମିତି ତଥା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମଧୁମେହ ରୋଗ ପ୍ରତି ଜନସଚେତନତା ସୃଷ୍ଟି କରିବା। ଏହି ରୋଗର ସବୁଠାରୁ ବଡ଼ କାରଣ ହେଉଛି ଖରାପ ଏବଂ ପରିବର୍ତ୍ତିତ ଜୀବନଶୈଳୀ। ମଧୁମେହକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୯୯୧ ମସିହାରେ ଅନ୍ତର୍ଜାତୀୟ ମଧୁମେହ ଫେଡେରେସନ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ମଧୁମେହ ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୦୬ ମସିହାରେ ଏହି ପ୍ରସ୍ତାବ ପାରିତ ହେବା ପରେ ନଭେମ୍ବର ୧୪ ତାରିଖକୁ ବିଶ୍ୱ ମଧୁମେହ ଦିବସ ପାଳନ କରିବା ଲାଗି ମିଳିତ ଜାତିସଂଘ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଥିଲା। ସାରା ବିଶ୍ୱରେ ମଧୁମେହ ରୋଗ ଏକ ମହାମାରୀର ରୂପ ନେବାକୁ ବସିଲାଣି। ଏହାକୁ ସ୍ଲୋ ପଏଜନ୍(ନିରବ ଘାତକ) ବୋଲି ମଧ୍ୟ କୁହାଯାଏ। ଘଣ୍ଟା ଘଣ୍ଟା ଧରି କମ୍ପ୍ୟୁଟର, ମୋବାଇଲ ଆଗରେ ବସି ରହିବା, ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବା, ଦିନରେ ବିଳମ୍ବରେ ଉଠିବା, ବ୍ୟାୟାମ ନ କରିବା, ଅତ୍ୟଧିକ ତେଲ, ମସଲା ଖାଇବା ଦ୍ୱାରା ମଣିଷକୁ ଗ୍ରାସ କରୁଛି ଅନେକ ରୋଗ। ସେଥିମଧ୍ୟରୁ ସର୍ବାଧିକ ଲୋକଙ୍କୁ ଆକ୍ରାନ୍ତ କରୁଥିବା ରୋଗ ଭାବେ ପରିଚିତ ମଧୁମେହ। କେବଳ ବୟସ୍କ ନୁହନ୍ତି, ଯୁବପିଢ଼ି ଏପରିକି କମ୍ ବୟସର ପିଲା ବି ଏହି ରୋଗରେ କବଳିତ ହେଉଛନ୍ତି। ସେହିପରି ୧୮୯୧ ଆଜିର ଦିନ ହେଉଛି ଇନ୍‌ସୁଲିନ୍‌ର ସହ ଆବିଷ୍କାରକ ସାର୍ ଫ୍ରେଡରିକ୍ ବାଣ୍ଟିଙ୍ଗଙ୍କ ଜନ୍ମଦିନ। ମଣିଷ ଶରୀରରେ ଇନ୍‌ସୁଲିନ୍ ପ୍ରୟୋଗ କରିଥିବା ପ୍ରଥମ ବୈଜ୍ଞାନିକ ହେଲେ ବାଣ୍ଟିଙ୍ଗ୍। ରକ୍ତରେ ଗ୍ଲୁକୋଜ୍ ବା ଶର୍କରା ପରିମାଣ ନିର୍ଦ୍ଧାରିତ ସୀମାଠାରୁ ଅଧିକ ଥିଲେ ମଧୁମେହ ରୋଗ ହୋଇଥାଏ। ମଧୁମେହ ସାଧାରଣତଃ ୨ ପ୍ରକାରର। ଟାଇପ୍ -୧ ଓ ଟାଇପ୍-୨ ଡାଇବେଟିସ୍। ଟାଇପ୍ -୧ ଡାଇବେଟିସ୍ ଶୈଶବ, କିଶୋର ଓ ଆଦ୍ୟ ଯୌବନରେ ମୁଖ୍ୟତଃ ୨୫ ବର୍ଷରେ ହୋଇଥାଏ। ଏ କ୍ଷେତ୍ରରେ ହଠାତ୍ ରୋଗର ଲକ୍ଷଣ ଦେଖାଯାଏ। ସେହିଭଳି ଟାଇପ୍-୨ ଡାଇବେଟିସ୍ ସାଧାରଣତଃ ୪୦ ବର୍ଷ ପରେ ହୋଇଥାଏ। ମଧୁମେହ ବଂଶଗତ ରୋଗ ହୋଇଥିଲେ ହେଁ ଅନିୟମିତ ଜୀବନଶୈଳୀ ଏହି ରୋଗର ମୂଳ କାରଣ। ବଦଳୁଥିବା ଜୀବନ ଶୈଳୀ ଯୋଗୁଁ ଦିନକୁ ଦିନ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମଧୁମେହ ଦ୍ୱାରା ପୀଡ଼ିତ ଲୋକମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମିବାକୁ ଲାଗିଥାଏ, କେବଳ ସେତିକି ନୁହେଁ, ଶର୍କରାର ମାତ୍ରା ଅତ୍ୟଧିକ ବଢ଼ିଗଲେ ଏହା ମଣିଷକୁ ମୃତ୍ୟୁ ମୁଖକୁ ଟାଣି ନେଇଥାଏ। ମଧୁମେହ ରୋଗ ପାଇଁ ସର୍ତକତା ଅବଲମ୍ବନ କରିବା ନିତ୍ୟାନ୍ତ ଆବଶ୍ୟକ। ବିଶ୍ୱ ମଧୁମେହ ଦିବସ ପାଳନ ଦ୍ୱାରା ଲୋକମାନଙ୍କୁ ମଧୁମେହ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ବାର୍ତ୍ତା ଦିଆଯାଇଥାଏ। ନିୟମିତ ଡାକ୍ତରଙ୍କ ପରାମର୍ଶ ନେବା ସହ ଉପଯୁକ୍ତ ଚିକିତ୍ସା ମଧୁମେହ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ସନ୍ତୁଳିତ ଆହାର ସହ ନିୟମିତ ବ୍ୟାୟାମ, ଯୋଗ, ଚଲାବୁଲା ଆଦି ଉପରେ ଦୃଷ୍ଟି ଦେଲେ, ଏହାକୁ ନିୟନ୍ତ୍ରଣରେ ରଖାଯାଇପାରିବ। ଲୋକମାନଙ୍କୁ ଏହି ରୋଗ ବାବଦରେ ସଚେତନ କରାଇବା ପାଇଁ ପ୍ରତିବର୍ଷ ଏକ ଥିମ୍ ବା ବିଷୟବସ୍ତୁ ଆଧାରରେ ମଧୁମେହ ଦିବସ ପାଳନ କରାଯାଏ। ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ହେଉଛି ", "Diabetes and Well-being."

## ସଞ୍ଜୀବନୀ



## କେଶ ପ୍ରତିରୋପଣ ପରେ ଯତ୍ନ



**ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ କେଶ ଝଡ଼ିବା ଏକ ବଡ଼ ସମସ୍ୟା। ବଂଶାନୁଗତ, ପ୍ରଦୂଷଣ, ମାନସିକ ଚାପ ଆଦି ଯୋଗୁଁ ଏପରି ହୋଇଥାଏ। ଏନେଇ ଚର୍ମ ବିଶେଷଜ୍ଞଙ୍କ ଦ୍ୱାରା ସମସ୍ତ ଚିକିତ୍ସାର ସୁଫଳ ନ ମିଳିଲେ କେଶ ପ୍ରତିରୋପଣ (ହେୟାର ଟ୍ରାନ୍ସପ୍ଲାଣ୍ଟ) କରାଯାଇଥାଏ। ଏହି ଆଧୁନିକ ଚିକିତ୍ସା ପ୍ରକ୍ରିୟାରେ ସ୍ୱତନ୍ତ୍ର ବିଧିରେ ନୂଆ କେଶ ସୃଷ୍ଟି କରାଯାଇଥାଏ। ତେବେ କେଶ ପ୍ରତିରୋପଣ ପରେ କେଶର ସଠିକ୍ ଯତ୍ନ ନେବା ନିହାତି ଆବଶ୍ୟକ।**

- କେଶ ପ୍ରତିରୋପଣର ୪୮ ଘଣ୍ଟା ମଧ୍ୟରେ କେଶକୁ ଧୁଅନ୍ତୁନି। ତିନିଦିନ ଯାଏଁ ସାଲାଇନ୍ ଲଗାଇବା ଆବଶ୍ୟକ। ପ୍ରଥମ ୧୦ ଦିନ ପିଠିରେ ଆଉଜେଇ ଶୁଅନ୍ତୁ। ନିଜର ସ୍କିନ୍ ଟାଇପ୍ ଅନୁସାରେ ବିନା ସୁଗନ୍ଧିତ ସାମ୍ପୋରେ ହାଲୁକା ଭାବେ କେଶ ସଫା କରିପାରିବେ। କେଶକୁ ପ୍ରାକୃତିକ ଉପାୟରେ ଶୁଖାଇବାକୁ ଦିଅନ୍ତୁ।
- କେଶ ପ୍ରତିରୋପଣର କିଛି ଦିନ ଯାଏଁ ଢ଼ିଲା ପୋଷାକ ପିନ୍ଧନ୍ତୁ। କେଶରେ ହାତ ମାରନ୍ତୁନି। ସର୍ଜରୀ ସ୍ଥାନରେ ଚାପ ପକାଇବା ଅନୁଚିତ। କେଶକୁ ସିଧାସଳଖ ସୂର୍ଯ୍ୟ କିରଣ ସଂସ୍ପର୍ଶରେ ଆସିବାକୁ ଦିଅନ୍ତୁନି।
- କେଶ ପ୍ରତିରୋପଣ ପରେ କିଛି ସପ୍ତାହ କେଶ ଝଡ଼ିବା ସାଧାରଣ କଥା। ଏହାକୁ 'ଶକ ଲସ' କୁହାଯାଏ। ୩ରୁ ୪ ମାସ ପରେ ନୂଆ କେଶ ସୃଷ୍ଟି ହୋଇ ୧୨ରୁ ୧୮ ମାସରେ କେଶ ସ୍ପଷ୍ଟ ଦେଖାଯାଏ। ଏହାବାଦ୍ ଯଦି ଯନ୍ତ୍ରଣା କିମ୍ବା ସଂକ୍ରମଣ ହୁଏ, ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ।

## ବିରଳ ଅସ୍ତ୍ରୋପଚାର

ଦାନ୍ତବିନ୍ଧା ବା ଦାନ୍ତ ପୋକ ଖାଇବା ତ ସାଧାରଣ କଥା। ହେଲେ ଆଖିର ତଳ ଭାଗରେ ଦାନ୍ତ ଉଠିବା ଅବିଶ୍ୱସନୀୟ। ଚିକିତ୍ସା କ୍ଷେତ୍ରରେ ଏହି ସ୍ଥିତିକୁ 'ଏକ୍ଟୋପିକ୍ ଟୁଥ୍' ବା ଭୁଲ୍ ସ୍ଥାନରେ ଦାନ୍ତ ଉଠିବା କୁହାଯାଏ। ଏବେ ସୁଦ୍ଧା ଖୁବ୍ କମ୍ ଲୋକଙ୍କ କ୍ଷେତ୍ରରେ ଏହି ମାମଲା ଦେଖିବାକୁ ମିଳିଛି। ଏହି କ୍ରମରେ ପାଟନା, ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ (ଆଇଜିଆଇଏମ୍‌ଏସ୍)ର ଦନ୍ତ ବିଭାଗର ଡାକ୍ତରମାନେ ଏହି ଦୁର୍ଲଭ ରୋଗର ସଫଳ ଚିକିତ୍ସା କରି ଉଦାହରଣ ସୃଷ୍ଟି କରିଛନ୍ତି।

ବିହାରର ୪୫ ବର୍ଷୀୟ ରବି କୁମାରଙ୍କ ଦାନ୍ତରୁ ରକ୍ତ ବାହାରୁଥିଲା। ମୁହଁ ଫୁଲିବା ସହିତ ଦୃଷ୍ଟି ଶକ୍ତି ହ୍ରାସ, ମୁଣ୍ଡ ବିନ୍ଧା ହୋଇଥିଲା। ସ୍ଥିତି ଜଟିଳ ହେବାରୁ ସେ ଦୈନନ୍ଦିକ କାମ କରିପାରିନଥିଲେ। ହସ୍‌ପିଟାଲରେ ତାଙ୍କର ସିବିସିଟି ସ୍ୱାସ୍ଥ୍ୟ ପରୀକ୍ଷା କରାଯିବାରୁ ତାଙ୍କ ଆଖି ତଳେ ଏକ ଦାନ୍ତ ମିଳିଥିଲା। ଦନ୍ତ ଚିକିତ୍ସା ବିଭାଗର ମୁଖ୍ୟ ଏବଂ ରେଡିଓଲୋଜି ବିଭାଗର ପ୍ରମୁଖ ଡାକ୍ତର ନିମ୍ମି ସିଂହଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଡାକ୍ତରୀଦଳ ସାବଧାନ ସହିତ ଘଣ୍ଟା ଘଣ୍ଟା ଧରି ଅସ୍ତ୍ରୋପଚାର ଜରିଆରେ ଆଖି ତଳେ ଫସି ରହିଥିବା ଦାନ୍ତକୁ ବାହାରକୁ କାଢ଼ିଥିଲେ। ଅସ୍ତ୍ରୋପଚାର ପରେ ବ୍ୟକ୍ତିଙ୍କ ମୁହଁ ଫୁଲା କମ୍ ହେବା ସହିତ ଆଖିକୁ ସ୍ପଷ୍ଟ ଦେଖାଯାଇଥିଲା।



## ଚକ୍ଷୁରେ ମଧୁମେହର ପ୍ରଭାବ ଓ ପ୍ରତିକାର


ଡା. ସଂଘମିତ୍ରା କାନୁନ୍‌ଗୋ




ବର୍ତ୍ତମାନ ମଧୁମେହ ବହୁଳ ଭାବେ ଦେଖାଯାଉଛି। ଆନ୍ତର୍ଜାତୀୟ ଡାଇବେଟିସ୍ ଫେଡେରେସନ (୨୦୨୫) ର ନୂତନ ତଥ୍ୟ ଅନୁଯାୟୀ ୯ଜଣରୁ ଜଣେ ମଧୁମେହରେ ପୀଡ଼ିତ। ପ୍ରତି ୧୦ଜଣରୁ ୪ଜଣ ମଧୁମେହ ରୋଗୀ ଏହି ରୋଗରେ ପୀଡ଼ିତ ଥିବା ଜାଣି ନାହାଁନ୍ତି। ୨୦୨୪ ମସିହା ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ପ୍ରାୟତଃ ୫୮୯ ମିଲିୟନ୍ ବ୍ୟକ୍ତି ମଧୁମେହ ରୋଗରେ ପୀଡ଼ିତ ଅଛନ୍ତି, ୨୦୫୦ ମସିହା ସୁଦ୍ଧା ବିଶ୍ୱବ୍ୟାପୀ ୪୬% ବୃଦ୍ଧି ପାଇ ୮୫୩ ମିଲିୟନ ପର୍ଯ୍ୟନ୍ତ ପହଞ୍ଚିବ। ଚିନ୍ତାର ବିଷୟ, ପ୍ରତି ୫ ଜଣ ବୟସ୍କଙ୍କ ମଧ୍ୟରୁ ୪ ଜଣ ନିମ୍ନ ଏବଂ ମଧ୍ୟ ଆୟକାରୀ ଦେଶରେ ବାସ କରନ୍ତି। ଅଧିକାଂଶ ଲୋକଙ୍କର ରୋଗ ନିର୍ଣ୍ଣୟ କରାଯାଇନଥାଏ। ଭାରତରେ ମଧୁମେହ ଏକ ସଙ୍କଟ ଭାବେ ଉଭା ହୋଇଛି, ଯେଉଁଥିରେ ପ୍ରାୟ ୧୦୧ ନିୟୁତ ଲୋକ ପୀଡ଼ିତ ଅଛନ୍ତି ଏବଂ ୧୩୨ ନିୟୁତ ଲୋକ ପ୍ରି – ଡାଇବେଟିସ୍‌ରେ ପୀଡ଼ିତ। ମଧୁମେହ ସହିତ ଡାଇବେଟିକ୍ ରେଟିନୋପାଥି ବି ବୃଦ୍ଧି ପାଉଛି। ଡାଇବେଟିକ୍ ରେଟିନୋପାଥି ହେଉଛି ମଧୁମେହ ରୋଗର ଏକ ଅଣୁ ରକ୍ତକାରୀ ଜଟିଳତା। ଏହା ଆଖିର ରେଟିନାକୁ ପ୍ରଭାବିତ କରେ। ବିଶ୍ୱବ୍ୟାପୀ ବୟସ୍କଙ୍କ କ୍ଷେତ୍ରରେ ଏହା ନିବାରଣ ଯୋଗ୍ୟ ଦୃଷ୍ଟିହୀନର ମୂଳ କାରଣ। ଏହି ରୋଗ ଦୀର୍ଘକାଳୀନ ଉଚ୍ଚ ରକ୍ତ ଶର୍କରା ଦ୍ୱାରା ହୁଏ। ରେଟିନାର କ୍ୟାପିଲାରୀକୁ ଧୀରେ ଧୀରେ କ୍ଷତିଗ୍ରସ୍ତ କରେ। ବିଶ୍ୱର ପାଖାପାଖି ୪୫% ମଧୁମେହ ରୋଗୀଙ୍କୁ ଏହା ପ୍ରଭାବିତ କରେ। ମଧୁମେହର ଅବଧି, ରକ୍ତ ଶର୍କରା ଅନିୟନ୍ତ୍ରଣ, ଉଚ୍ଚ ରକ୍ତ ଚାପ, ଅସାଧାରଣ ଲିପିଡସ୍ତର ଓ ନେଫ୍ରୋ–ପାଥି ଏହି ରୋଗ ବଢ଼ାଇବାର ମୁଖ୍ୟ କାରଣ। ଟାଇପ୍ ୧ ଏବଂ ଟାଇପ୍ ୨ ମଧୁମେହ ରୋଗୀମାନେ ଏଥିରେ ପୀଡ଼ିତ ହୋଇଥାନ୍ତି। ଦୀର୍ଘ କାଳୀନ ରକ୍ତ ଶର୍କରା ଯୋଗୁ ରେଟିନାକୁ ଅମ୍ଳଜାନ ଯୋଗାଇବାରେ ବାଧା ସୃଷ୍ଟି କରେ। ଯାହା ଦ୍ୱାରା ନୂତନ ରକ୍ତ ନଳୀ ଗଠନ ହୋଇଥାଏ। ଏଥିରେ ରେଟିନାର ପୀତବିନ୍ଦୁ ଫୁଲିବା ଓ ରକ୍ତସ୍ରାବକୁ ବଢ଼ାଏ।

ମଧୁମେହ ରୋଗ ଯୋଗୁ ଆଖିର ପ୍ରଭାବକୁ ୨ ଭାଗରେ ବିଭକ୍ତ କରାଯାଇଛି। ପ୍ରଥମତଃ ନନ୍ ପ୍ରୋଲିଫେରେଟିଭ୍ ଡାଏବେଟିକ୍ ରେଟିନୋପାଥି ଏବଂ ଅନ୍ୟଟି ପ୍ରୋଲିଫେରେଟିଭ୍ ଡାଏବେଟିକ୍ ରେଟିନୋପାଥି।

ଏହି ରୋଗର ପ୍ରାରମ୍ଭିକ ଅବସ୍ଥାରେ କୌଣସି ବିଶେଷ ଲକ୍ଷଣ ଦେଖାଯାଏ ନାହିଁ। ପରବର୍ତ୍ତୀ ସମୟରେ ଝାପ୍‌ସା ଦିଶିବା, ଆଖି ସାମ୍ନାରେ କଳା ଛାଇ ଭାସି ଉଠିବା, ହଠାତ୍ ଦୃଷ୍ଟିଶକ୍ତି ଚାଲିଯିବା, ମଝିରେ ମଝିରେ ବିଜୁଳି ମାରିଲା ଭଳି ଲାଗିବା ଆଦି ଲକ୍ଷଣ ଦେଖାଯାଏ।

- ଏହି ରୋଗରେ ପୀଡ଼ିତ ବ୍ୟକ୍ତି ବର୍ଷରେ ଥରେ ଚକ୍ଷୁର ସ୍ନାୟୁ ପରୀକ୍ଷା କରିବା ଉଚିତ। ରକ୍ତଶର୍କରାକୁ ନିୟନ୍ତ୍ରଣ ରଖିବା, ରକ୍ତଚାପ, କୋଲେଷ୍ଟ୍ରଲ, ବୃକ୍‌କର କାର୍ଯ୍ୟକ୍ଷମତା ଅବସ୍ଥାକୁ ନିୟମିତ ପରୀକ୍ଷା କରିବା ଜରୁରି।
- ଗର୍ଭାବସ୍ଥାରେ ଏହି ରୋଗର ଗତି ବଢ଼ିଯାଉଥିବାରୁ କଡ଼ା ନିରୀକ୍ଷଣ ନିତାନ୍ତ ଆବଶ୍ୟକ। ସେହିପରି ଏଆଇ ଆଧାରିତ ରେଟିନା ସ୍କ୍ରିନିଂ ପ୍ରଣାଳୀ ବ୍ୟବହାର କରି ରୋଗର ଚିହ୍ନଟ କରିବା ଉଚିତ। ଡାଇବେଟିକ୍ ରେଟିନୋପାଥିର ଗତିକୁ ଧୀର କରିବା ତଥା ଦୃଷ୍ଟିଶକ୍ତି ନ ହରାଇବାକୁ ଶୀଘ୍ର ଚିହ୍ନଟ ଓ ଚିକିତ୍ସା ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।
- ଦୃଷ୍ଟିର ଫଳାଫଳ କୋମାରବିଡିଟି ରୋଗର ନିୟନ୍ତ୍ରଣ ଏବଂ ରେଟିନାର ପ୍ରଭାବ ଉପରେ ନିର୍ଭର କରେ। ରୋଗର ଲକ୍ଷଣ ଦେଖାଯିବା ପୂର୍ବରୁ ନିୟମିତ ଚକ୍ଷୁ ପରୀକ୍ଷା କରିବା ଦରକାର।
- ଆଧୁନିକ ଚିକିତ୍ସା ପ୍ରଣାଳୀରେ ଓସିଟି, ଆଞ୍ଜିଓଗ୍ରାଫି କରିବା ଦରକାର। ଚକ୍ଷୁ ଭିତରେ ଷ୍ଟେରଏଡ ଇଞ୍ଜେକସନ୍ ଏବଂ ଆଣ୍ଟି ଭିଜିଏଫ୍ ଦେଇ ଚିକିତ୍ସା କରାଯାଏ।
- ଟେଲି ଅଫ୍ଥାଲମୋଲୋଜିରେ ରୋଗର ନିରୂପଣ ଏବଂ ଚିକିତ୍ସା ପାଇଁ ଉପଦେଶ ଦେଇହେବ।


କନ୍‌ସଲଟାଣ୍ଟ ଭିଟ୍ରିଓ ରେଟିନା
କର ଭିଜନ ଆଇ ହସ୍‌ପିଟାଲ୍, ଭୁବନେଶ୍ୱର


## ପ୍ରଦୂଷିତ ପରିବେଶରେ ଶିଶୁଙ୍କ ଯତ୍ନ

**ଜଳବାୟୁ ପରିବର୍ତ୍ତନ, କଳକାରଖାନାରୁ ନିର୍ଗତ ଧୂଆଁ ଆଦି କାରଣରୁ ଦିନକୁ ଦିନ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଆଜ୍‌ମା ରୋଗୀ, ଶିଶୁଙ୍କ ଉପରେ ଏହାର ପ୍ରଭାବ ଅଧିକ ପଡ଼ୁଛି। ତେଣୁ ଏହି ସମୟରେ ସେମାନଙ୍କ ଯତ୍ନ କିପରି ନେବେ ଜାଣନ୍ତୁ।**

ପ୍ରଦୂଷିତ ବାୟୁରେ ଥିବା ଅତ୍ୟଧିକ ଛୋଟ କଣିକା ପିଏମ୍ ୨.୫ ମାତ୍ରା ବଢ଼ିଗଲେ, ଏହା ନାକ ବାଟେ ଛାତିକୁ ଯାଇ ରକ୍ତରେ ମିଶିଯାଇଥାଏ। ବୃକ୍‌କ, ହୃତ୍‌ପିଣ୍ଡ, ଯକୃତ, ଚର୍ମ ଉପରେ ପ୍ରଭାବ ପକାଇବା ସହ ଶ୍ୱାସସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରେ।

**ଆଜ୍‌ମା ପ୍ରତି ଯତ୍ନବାନ ଜରୁରି:** ଆଜ୍‌ମା ଏକ ଫୁସ୍‌ଫୁସ୍‌ଜନିତ ରୋଗ। ଏହି ରୋଗରେ ଫୁସ୍‌ଫୁସ୍‌ର କାର୍ଯ୍ୟଧାରା ପ୍ରଭାବିତ ହୁଏ। ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହୁଏ। ତେଣୁ ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସି ବାରମ୍ବାର ଛିଙ୍କିଲେ, ଶ୍ୱାସକ୍ରିୟାରେ ସମସ୍ୟା ହେଲେ ଡାକ୍ତରଙ୍କ ପରାମର୍ଶ ନେବା ସହ ଔଷଧ ସେବନ କରନ୍ତୁ। ସର୍ବଦା ପାଖରେ ଇନ୍‌ହେଲର ରଖନ୍ତୁ। ବାମ୍ଫ ନେଇପାରିବେ। ଏନ୍୯୫ ମାସ୍କ ପିନ୍ଧି ପାରିବେ।

**ପିଲାଙ୍କ ଯତ୍ନ:** ବାୟୁ ପ୍ରଦୂଷଣ ଯୋଗୁ ଶିଶୁଙ୍କ ଶାରିରୀକ ଓ ମାନସିକ ବିକାଶରେ ବାଧା ସୃଷ୍ଟି ହୁଏ। ଫୁସ୍‌ଫୁସ୍, ହୃଦ୍‌ପିଣ୍ଡ ଏବଂ ରୋପ୍ରତିରୋଧକ ଶକ୍ତି ପ୍ରଭାବିତ ହୁଏ। ପିଲାଙ୍କୁ ଆଜ୍‌ମା, ବ୍ରୋଙ୍କାଇଟିସ୍, ବାରମ୍ବାର ଥଣ୍ଡା, ଜ୍ୱର, ଚିନ୍ତା ଚିଡ଼ିଚିଡ଼ାପଣ ସୃଷ୍ଟି ହେବାର ଆଶଙ୍କା ଅଧିକ ରହିଥାଏ। ତେଣୁ ପ୍ରଦୂଷଣରୁ ଦୂରେଇ ରଖିବାକୁ ବାହାରକୁ ମାସ୍କ ପିନ୍ଧାଇ ଛାଡ଼ନ୍ତୁ। ପିଲାଙ୍କ ପାଖରେ ଧୂମପାନ ନ କରିବା ଆବଶ୍ୟକ। ପର୍ଯ୍ୟାପ୍ତ ମାତ୍ରାରେ ପାଣି, ପଇଡ଼, ସୁପ ଆଦି ତରଳ ପଦାର୍ଥ ଦେଇପାରିବେ। ଖାଦ୍ୟରେ ଭିଟାମିନ୍-ସି ଓ ଇ, ଫଳ, ସବୁଜ ପରିବା ଆଦି ସାମିଲ କରିପାରିବେ। ନିଃଶ୍ୱାସ ନେବାରେ ସମସ୍ୟା ହେଲେ, ଡାକ୍ତରଙ୍କୁ ଯୋଗାଯୋଗ କରନ୍ତୁ।



# ଏସୀୟ ତୀରନ୍ଦାଜୀ: ଜ୍ୟୋତିଙ୍କୁ ୨ ସ୍ୱର୍ଣ୍ଣ

ଢାକା, ୧୩।୧୧ (ଏଜେନ୍ସି): ବାଂଲାଦେଶରେ ଚାଲିଥିବା ଏସୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଗୁରୁବାର



ଭାରତୀୟ ଦଳ ୪ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୩ଟି ସ୍ୱର୍ଣ୍ଣପଦକ ଓ ଗୋଟିଏ ରୌପ୍ୟ ପଦକ ରହିଛି। ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ଫାଇନାଲରେ ଜ୍ୟୋତି ସୁରେଖା ୧୪୭-୧୪୫ ସ୍କୋରରେ ସାଥୀ ଭାରତୀୟ ତୀରନ୍ଦାଜ ପ୍ରୀତିକା ପ୍ରଦୀପଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଏହାପରେ ପ୍ରଥମେଶ, ସାହିଲ ଯାଦବ ଓ ଅଭିଷେକ ବର୍ମାଙ୍କୁ ନେଇ ଗଠିତ ଭାରତୀୟ ଦଳ ପୁରୁଷ ଟିମ୍ ଇଭେଣ୍ଟର ଫାଇନାଲରେ କାଜାଖସ୍ତାନ ନିକଟରୁ ହାରି ରୌପ୍ୟ ପଦକ ପାଇଥିଲେ। ମହିଳା ଟିମ୍ ଇଭେଣ୍ଟ ଫାଇନାଲରେ ଭାରତ ୨୩୬-୨୩୪ ସ୍କୋରରେ କୋରିଆକୁ ହରାଇ ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲା। ଜ୍ୟୋତି, ପ୍ରୀତିକା ଓ ଦୀପଶିଖା ଭାରତୀୟ ମହିଳା ଦଳର ସଦସ୍ୟା ରହିଥିଲେ। ଭାରତ ଏହାର ୩ୟ ସ୍ୱର୍ଣ୍ଣପଦକ ମିକ୍ସଡ ଟିମ୍ ଇଭେଣ୍ଟରେ ବିଜୟୀ ହୋଇଥିଲା। ଅଭିଷେକ ଓ ଦୀପଶିଖାଙ୍କ ଯୋଡ଼ି ୧୫୩-୧୫୧ ସ୍କୋରରେ ବାଂଲାଦେଶକୁ ହରାଇ ଚାମ୍ପିଅନ ହୋଇଥିଲା।

# ଓମ୍‌ଙ୍କ ଶତକ; ଝାଡ଼ଖଣ୍ଡକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୧୩।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ଷ୍ଟେଟ୍-ଏ



ଟ୍ରଫିରେ ଓଡ଼ିଶା ଦ୍ୱିତୀୟ ବିଜୟ ହାସଲ କରିଛି। ଗୁରୁବାର ଭଦୋଦରାର ଦର୍ଶନମ ଏକାଡେମୀରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୪ ୱିକେଟ୍‌ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଝାଡ଼ଖଣ୍ଡ ଓପନର ବିଶେଷ ଦତ୍ତ (୯୪ ରନ) ଓ ଅଧିନାୟକ ରାଜନ ଦୀପ୍ (୪୯)ଙ୍କ ଉପଯୋଗୀ ବ୍ୟାଟିଂ ବଳରେ ୫୦ ଓଭରରେ ୮ ୱିକେଟ୍ ହରାଇ ୨୪୧ ରନ କରିଥିଲା। ଓଡ଼ିଶାର ସୌମ୍ୟରଞ୍ଜନ ଲେଙ୍କା ୩ ଓ ପାନକଳ ଶଶାଙ୍କ ୨ଟି ୱିକେଟ୍ ନେଇଥିଲେ।

**ଷ୍ଟେଟ୍-ଏ ଟ୍ରଫି**

ଜବାବରେ ଓଡ଼ିଶା ଇନିଂସର ପ୍ରଥମ ୩ଟି ବଲ୍‌ରେ ପାନକଳ ଓ ଆୟୁଷ ବାରିକଙ୍କ ୱିକେଟ୍ ହରାଇଥିଲା। ତେବେ ତଥା ଅଧିନାୟକ ଓମ୍ ଟି ମୁଣ୍ଡେଙ୍କ ଦମ୍‌ଦାର ଶତକୀୟ ଇନିଂସ ବଳରେ ଦଳ ୧୦ଟି ବଲ୍ ପୂର୍ବରୁ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଓମ୍ ୮ ଚୌକା ଓ ଗୋଟିଏ ଛକା ବଳରେ ୧୧୬ ବଲରୁ ୧୦୭ ରନ କରିଥିଲେ। ସୌମ୍ୟ ମଧ୍ୟ ୧୯ ବଲରେ ଅପରାଜିତ ୪୦ ରନର ଇନିଂସ ଖେଳି ଶ୍ରେଷ୍ଠ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ।

## ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ

# ସ୍ପିନର ନେବେ ନିର୍ଣ୍ଣାୟକ ଭୂମିକା: ଗିଲ୍

କୋଲକାତା,୧୩ା୧୧(ଏଜେନ୍ସି):

ଘରୋଇ ଭାରତ ଓ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। କୋଲକାତାର ପ୍ରସିଦ୍ଧ ଇଡେନ୍ ଗାର୍ଡେନ୍ସରେ ଏହି ମୁକାବିଲା ଶୁକ୍ରବାରରୁ ଆରମ୍ଭ ହୋଇ ମଙ୍ଗଳବାର ଶେଷ ହେବ। ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍ ଲାଗି ଏହି ସିରିଜ୍ ଉଭୟ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। ଏବେ ଦକ୍ଷିଣ ଆଫ୍ରିକା ବିଶ୍ୱ ଟେଷ୍ଟ ଚାମ୍ପିଅନ ଭାବେ ଏହି ସିରିଜ୍ ଖେଳିବ। ଅନ୍ୟ ପକ୍ଷରେ ଘରୋଇ ମାଟିରେ ଅତ୍ୟନ୍ତ ପ୍ରଭାବୀ ପ୍ରଦର୍ଶନ କରିଥିବା ଭାରତ ଦକ୍ଷିଣ ଆଫ୍ରିକାକୁ ପୁଣିଥରେ ହରାଇ ସିରିଜ୍ କବଜା କରିବ ବୋଲି ଆଶା ରଖିଛି। ଭାରତରେ ୨୦୦୧ ପରଠାରୁ ଦକ୍ଷିଣ ଆଫ୍ରିକା ୫ଟି ସିରିଜ୍ ଖେଳିବାକୁ ଆସିଥିଲେ ମଧ୍ୟ ମାତ୍ର ୨ଟି ଟେଷ୍ଟରେ ବିଜୟୀ ହୋଇଛି। ଏହି ଦଳର କୋଚ୍ ଶୁକରି କନରାଡଙ୍କ ମତରେ ଆମେ ଏଥର ଇତିହାସ ସୃଷ୍ଟି କରିବୁ ବୋଲି କହିଛନ୍ତି। ଏହାର ଅର୍ଥ ବିଶ୍ୱଚାମ୍ପିଅନ ଦକ୍ଷିଣ ଆଫ୍ରିକା ୧୯୯୭-୯୮ ପରେ ପ୍ରଥମଥର ଭାରତରେ ଟେଷ୍ଟ ସିରିଜ୍ ଜିତିବ ବୋଲି କନରାଡ୍ ପରୋକ୍ଷାରେ ଚେତାବନୀ ଦେଇଛନ୍ତି। ଅନ୍ୟ ପକ୍ଷରେ ଏହି ମୁକାବିଲା ଲାଗି ଭାରତ ଜୋରଦାର ପ୍ରସ୍ତୁତି କରିଛି ଓ କୌଣସି ପରିସ୍ଥିତିରେ ସିରିଜ୍ ହାତଛଡ଼ା କରିବ ନାହିଁ ବୋଲି ଆଶା ରଖିଛି।

ଖେଳ ଆରମ୍ଭ ପୂର୍ବରୁ ଆଜି ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ କହିଛନ୍ତି, ଏହି ଟେଷ୍ଟର ଫଳାଫଳରେ ସ୍ପିନରମାନେ ନିର୍ଣ୍ଣାୟକ ଭୂମିକା ନେବେ। ଏହା ଅର୍ଥ ସ୍ପଷ୍ଟ ଯେ ଭାରତ ଏହି ମ୍ୟାଚ୍‌ରେ ୩ଜଣ ସ୍ପିନରଙ୍କୁ ଖେଳିବାର ସୁଯୋଗ ଦେବ। ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦରଙ୍କ ସହ କୁଲଦୀପ ଯାଦବ କିମ୍ବା ଅକ୍ଷର ପଟେଲ ଖେଳିବେ। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦକ୍ଷିଣ ଆଫ୍ରିକା-ଏ' ସହ ଦିନିକିଆ ଖେଳିବାକୁ ଛାଡ଼ି ଦେଇଥିବାରୁ ଧ୍ରୁବ ଜୁରେଲଙ୍କୁ ଜଣେ ବ୍ୟାଟର ଭାବେ ଏହି ମ୍ୟାଚ୍ ଖେଳିବା ସ୍ପଷ୍ଟ ହୋଇଛି।



**ଖେଳ ଆରମ୍ଭ : ସକାଳ ୯.୩୦**
**ପ୍ରସାରଣ : ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

ଅବଶ୍ୟ ସହକାରୀ କୋଚ୍ ର୍‌ୟାନ୍ ଟେନ୍ ଡୋଏଶ୍ଚେଟ ପୂର୍ବରୁ ଏହି ସୂଚନା ଦେଇଥିଲେ। ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ୍ ସିରାଜ ପେସ୍ ବୋଲରଭାବେ ଖେଳିବେ। ବ୍ୟାଟିଂରେ ଦଳ ଚୟନ ନେଇ କିଛି ଅସୁବିଧା ନାହିଁ। ଓପନର ଭାବେ ଯଶସ୍ୱୀ ଜୟସ୍ୱାଲ ଓ ଲୋକେଶ ରାହୁଲ, ନଂ-୩, ୪, ୫ ଓ ୬ରେ ଯଥାକ୍ରମେ ସାଇ ସୁଦର୍ଶନ, ଅଧିନାୟକ ଶୁବମନ ଗିଲ୍, ଦୁଇ ୱିକେଟରକ୍ଷକ ଋଷଭ ପନ୍ତ୍ ଓ ଧ୍ରୁବ ଜୁରେଲ ଖେଳିବେ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଏହି ସିରିଜ୍‌ରେ ଭଲ ଖେଳିବାକୁ ଦୃଢ଼ ଆଶା ପୋଷଣ କରିଛି। ଅଷ୍ଟ୍ରେଲିଆକୁ ହରାଇ ବିଶ୍ୱ ଚାମ୍ପିଅନ ହୋଇଥିବା ଏହି ଭ୍ରମଣକାରୀ ଦଳ ପାକିସ୍ତାନ ସହ ୧-୧ରେ ମ୍ୟାଚ୍ ଡ୍ର ରଖି ଲଢୁଆ ଖେଳିଛି। ଦଳରେ ୩ଜଣ ଭଲ ସ୍ପିନର କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମର ରହିଛନ୍ତି। ଏହି ଦଳରେ କେହି ନବାଗତ ଖେଳାଳି ନ ଥିଲେ ମଧ୍ୟ ସମସ୍ତେ ଅଭିଜ୍ଞ ହୋଇ ଏଠାରେ ଲଢ଼େଇ କରିବାକୁ ଆସିଛନ୍ତି। ଭାରତୀୟ ପିଚ୍ ଓ ଖେଳାଳିଙ୍କ ସମ୍ପର୍କରେ ଏହି ଦଳର ବେଶ ଭଲ ଅଭିଜ୍ଞତା ରହିଛି।

ଉଭୟ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଓ ଦକ୍ଷିଣ ଆଫ୍ରିକା କୋଚ୍ ଶୁକରି କନରାଡ ଏଠାରେ ସ୍ପିନରମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ଆଶା କରୁଛନ୍ତି। କିନ୍ତୁ ଏମାନେ ଖେଳର ତୃତୀୟ ଦିନରେ ପ୍ରଭାବ ପକାଇପାରିବେ। ପ୍ରଥମ ଦୁଇଦିନ କିନ୍ତୁ ପେସ୍ ବୋଲରଙ୍କ ଦବ୍‌ଦବା ରହିବ। ଭାରତରେ ଦକ୍ଷିଣ ଆଫ୍ରିକା ଗତ ୭ଟି ଟେଷ୍ଟରେ ଟସ୍ ଜିତିନାହିଁ। ଅଧିନାୟକ ଗିଲ୍ ୭ଟି ଟେଷ୍ଟରୁ ମାତ୍ର ଗୋଟିକରେ ଟସ୍ ଜିତିଛନ୍ତି। ଏଠାରେ ଟସ୍ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ଦଳର ପ୍ରଦର୍ଶନରୁ ଫଳାଫଳ ବାହାରିବା ନିର୍ଭର କରୁଛି।

### ସମ୍ଭାବ୍ୟ ଦଳ

**ଭାରତ :** ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଋଷଭ ପନ୍ତ୍ (ଉପଅଧିନାୟକ) ଓ ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ୍ ସିରାଜ।

ରିଜର୍ଭ- ଦେବଦତ୍ତ ପାଡିକଲ, ଅକ୍ଷର ପଟେଲ, ଆକାଶଦୀପ୍

**ଦକ୍ଷିଣ ଆଫ୍ରିକା :** ଆଇଡେନ୍ ମାରକ୍ରମ, ରିୟାନ ରିକେଟଲନ, ଟ୍ରିଷ୍ଟାନ ଷ୍ଟବ୍‌ସ, ଟୋନି ଡି ଜୋର୍ଜି, ଟେମ୍ବା ବଭୂମା (ଅଧିନାୟକ), କାଏଲ ଭେରିନ (ଉଭୟ ୱିକେଟରକ୍ଷକ/ବ୍ୟାଟର), ମାର୍କୋ ଜାନସେନ୍, କାଗିସୋ ରାବାଡା, ସେନୁରନ ମୁଥୁସ୍ୱାମୀ, କେଶବ ମହାରାଜ, ସାଇମନ୍ ହାର୍ମର।

ରିଜର୍ଭ- ଡିୱାଲ୍ଡ ବ୍ରେଭିସ୍, ଜୁବେର ହାମ୍‌ଜା, କୋର୍ବିନ ବୋଶ୍, ୱିଆନ ମୁଲ୍ଡର

■ ଆଇପିଏଲ୍-୧୯

## ଡିସେମ୍ବର ୧୬ ଆବୁଧାବିରେ ନିଲାମ

ନୂଆଦିଲ୍ଲୀ, ୧୩।୧୧ (ଏଜେନ୍ସି): ଆଇପିଏଲର ଆଗାମୀ ୧୯ତମ ସଂସ୍କରଣ ଲାଗି ଖେଳାଳି ନିଲାମ ଡିସେମ୍ବର ୧୬ରେ ଆବୁଧାବିରେ ଅନୁଷ୍ଠିତ ହେବ ଓ ଏହା ଗୋଟିଏ ଦିନରେ ଶେଷ କରିବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ସମସ୍ତ ୧୦ଟି ଫ୍ରାଞ୍ଚାଇଜ ସେମାନଙ୍କ ଚୂଡ଼ାନ୍ତ ଟିମ୍ ଏହି ନିଲାମୀ ଜରିଆରେ ଫାଇନାଲ କରିବେ। ନଭେମ୍ବର ୧୫ ସୁଦ୍ଧା ସମସ୍ତ ଫ୍ରାଞ୍ଚାଇଜକୁ ସେମାନଙ୍କ ଚୂଡ଼ାନ୍ତ ରିଟେନସନ ତାଲିକା ପ୍ରଦାନ କରିବାକୁ କୁହାଯାଇଛି।

## ଭାରତ-ଏ ବିଜୟୀ

ରାଜକୋଟ, ୧୩।୧୧ (ଏଜେନ୍ସି): ଓପନର ଋତୁରାଜ ଗାଏକ୍ୱାଡଙ୍କ ୧୧୭ ସହାୟତାରେ ଏଠାରେ ଗୁରୁବାର ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ୍ ଦିନିକିଆରେ ଭାରତ-ଏ' ୪ ୱିକେଟ୍‌ରେ ଦ.ଆଫ୍ରିକା-ଏ'କୁ ପରାସ୍ତ କରିଛି। ରବିବାର ଦ୍ୱିତୀୟ ମ୍ୟାଚ୍ ଏଠାରେ ଖେଳାଯିବ।

## ଏମ୍‌ଆଇରେ ଶାର୍ଦ୍ଦୁଳ

ମୁମ୍ବଇ, ୧୩।୧୧ (ଏଜେନ୍ସି): ଆଇପିଏଲ୍‌ର ୧୯ତମ ସିଜନ ଲାଗି ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସର ଶାର୍ଦ୍ଦୁଳ ଠାକୁରଙ୍କୁ ୨ କୋଟି ଓ ଗୁଜରାଟ ଟାଇଟାନ୍ସର ଶେରଫାନ ରଦରଫୋର୍ଡଙ୍କୁ ୨.୬ କୋଟି ଟଙ୍କା ବିନିମୟରେ ମୁମ୍ବଇ ଇଣ୍ଡିଆନ୍ସ (ଏମ୍‌ଆଇ) ଦଳରେ ଟ୍ରେଡ୍ ଡିଲ୍ ମାଧ୍ୟମରେ ସାମିଲ କରିଛି। ଏହା ମଧ୍ୟରେ ଲକ୍ଷ୍ନୌର ଶାର୍ଦ୍ଦୁଳ ଠାକୁରଙ୍କୁ ମୁମ୍ବଇ ଇଣ୍ଡିଆନ୍ସ ୨ କୋଟି ଟଙ୍କାରେ ଟ୍ରେଡ୍ ଡିଲ୍ ମାଧ୍ୟମରେ କିଣିନେଇଛି।

**ରାଜ୍ୟସ୍ତରୀୟ ଶବର କପ ଫୁଟବଲ**

# ସେମିରେ ବୌଦ୍ଧର ଗେହ୍ଲା କ୍ଲବ୍



ଯାଁଳା,୧୩।୧୧(ସମିସ): ବୌଦ୍ଧର ଗେହ୍ଲା କ୍ଲବ୍ ରାଧାଚରଣପୁର ଖେଳ ପଡିଆରେ ଚାଲିଥିବା ୨୭ତମ ରାଜ୍ୟସ୍ତରୀୟ ଶବର କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାକାଲି ଢେଙ୍କାନାଳର ପପୁଲାର କ୍ଲବ ଓ ଗେଲ୍ଲା କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଗେଲ୍ଲା ୪-୧ ଟାଇବ୍ରେକର ଗୋଲରେ ଜଟଣୀର ଫ୍ରେଣ୍ଡସ୍ ପାଇଡାଇଜ କ୍ଲବ୍‌କୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। ସଂଘର୍ଷ ପୂର୍ଣ୍ଣ ଏହି ମ୍ୟାଚର ପ୍ରଥମାର୍ଦ୍ଧରେ କୌଣସି ଦଳ କାହାରିକୁ ଗୋଲ ଦେଇ ପାରିନଥିଲେ। ଖେଳର ଦ୍ୱିତୀୟାର୍ଦ୍ଧର ୧୦ ମିନିଟ ସମୟରେ ଜଟଣୀ ଦଳ ଗୋଲ ଦେଇ ଦଳକୁ ୧-୦ ରେ ଅଗ୍ରଣୀ ସ୍ଥିତିରେ ରଖିଥିଲେ। ଖେଳର ୪୫ ମିନିଟ ସମୟରେ ଗେହ୍ଲା କ୍ଲବ୍ ଗୋଲକୁ ଶୁଝାଇ ଖେଳକୁ ସମାନ ସ୍ଥିତିକୁ ଆଣିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ପରସ୍ପରକୁ ୧-୧ ଗୋଲ ଦେଇ ବରାବର ସ୍ଥିତିରେ ରଖିବାରୁ ଫଏସଲା ପାଇଁ ଟାଇବେକର ପଦ୍ଧତି ଅନୁସରଣ କରାଯାଇଥିଲା। ଏଥିରେ ଗେଲ୍ଲା କ୍ଲବ ବୌଦ୍ଧ ୪-୧ ଗୋଲରେ ବ୍ୟବଧାନରେ ବିଜୟୀ ହୋଇଥିଲା।

# ଆଜିଠାରୁ ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍

ଭୁବନେଶ୍ୱର,୧୩ା୧୧(ସମିସ):

ଓଡ଼ିଶା ଚେସ୍ ଇତିହାସରେ ଆସନ୍ତାକାଲିଠାରୁ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି। ପେସାଦାର ଚେସ୍ ଖେଳରେ ଅଲ ଓଡ଼ିଶା ଚେସ୍ ଆସୋସିଏସନ (ଏଓସିଏ) ଓ ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ପକ୍ଷରୁ କ୍ରିକେଟରେ ଆଇପିଏଲ୍ ଢ଼ାଞ୍ଚାରେ ଫ୍ରାଞ୍ଚାଇଜ୍ ଭିତ୍ତିକ ୧୨ଟି ଦଳକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ରାଜଧାନୀର ହୋଟେଲ ଲାଇଫ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧୪ରୁ ଆରମ୍ଭ ହୋଇ ୧୬ରେ ଶେଷ ହେବ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୦ ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଛି। ଏହା ମଧ୍ୟରୁ ଚାମ୍ପିଅନ ଦଳକୁ ୫ଲକ୍ଷ ଟଙ୍କା ଓ ଟ୍ରଫି, ପ୍ରଥମ ରନର୍ସଅପ୍ ଦଳକୁ ୩ ଲକ୍ଷ ଟଙ୍କା ଓ ଟ୍ରଫି ଏବଂ ଦ୍ୱିତୀୟ ରନର୍ସ ଅପ୍ ଦଳକୁ ୨ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଗୋଟିଏ ଦଳ ୧୧ଟି ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ୧୨ଟି ଫ୍ରାଞ୍ଚାଇଜ୍ ଭିତ୍ତିକ ଦଳ ନିଲାମ ମାଧ୍ୟମରେ ଚୟନ କରାଯାଇଛି। ସେଗୁଡିକ ହେଲା- ଚୋଲ ଚାମ୍ପିଅନ୍ସ, କଳିଙ୍ଗ ୱାରିୟର୍ସ, ରାଜଧାନୀ ଚ୍ୟାଲେଞ୍ଜର୍ସ, ଗୋଲକୁଣ୍ଡା ଗାଡିଆନ୍ସ, ମହାନଦୀ ଫାଲକନ୍ସ,




ବାରବାଟୀ ବ୍ୟାଟଲର୍ସ, ଭିକ୍ଟୋରିଆ ଭିକ୍ଟର୍ସ, ଅମ୍ବର ଆଭେଞ୍ଜର୍ସ, ନାଳନ୍ଦା ନାଇଟ୍‌ସ, ସାଞ୍ଚି ଷ୍ଟ୍ରାଟେଜିଷ୍ଟ୍‌ସ, କୋଣାର୍କ କିଙ୍ଗ୍‌ସ ଏବଂ ଏଲୋରା ଏଲାଇଟ୍ସ। ପ୍ରତ୍ୟେକ ଦଳରେ ସର୍ବାଧିକ ୮ଜଣ ଖେଳାଳିଙ୍କୁ ସ୍ଥାନ ମିଳିବ। ସେମାନଙ୍କ ମଧ୍ୟରୁ ଜଣେ ମହିଳାଙ୍କ ସମେତ ୪ଜଣ ଓଡ଼ିଆ ଖେଳାଳି ରହିବା ବାଧ୍ୟତାମୂଳକ ହୋଇଛି। ଏଥିରେ ଜଣେ ଗ୍ରାଣ୍ଡ ମାଷ୍ଟର ଦୀପ୍ତାୟନ ଘୋଷ (ରେଟିଂ-୨୫୭୩-ନାଳନ୍ଦା ନାଇଟ୍ସ) ଖେଳୁଛନ୍ତି। ତାଙ୍କ ବ୍ୟତୀତ ୧୪ ଜଣ ଆଇଏମ୍ ବା ଇଣ୍ଟରନ୍ୟାସନାଲ ମାଷ୍ଟର, ୧୬ ଜଣ ମହିଳା ଖେଳାଳି ଅଛନ୍ତି। ଜଣେ ଖେଳାଳିଙ୍କୁ ରଖିବା ବାଧ୍ୟତାମୂଳକ ହୋଇଥିଲାବେଳେ ଏଲୋରା ଲାଇଟ୍‌ସ ସର୍ବାଧିକ ୩ଜଣ, ଅମ୍ବର ଆଭେଞ୍ଜର୍ସ ଓ ନାଳନ୍ଦା ନାଇଟ୍‌ସରେ ୨ଜଣ ଲେଖାଏଁ ମହିଳା ଖେଳାଳିଙ୍କୁ ସ୍ଥାନ ମିଳିଛି। ଦଳରେ ମୋଟ ୮ଜଣ ଖେଳାଳି ଥିଲାବେଳେ ୬ଜଣ ଖେଳାଳିଙ୍କୁ ଖେଳିବାର ସୁଯୋଗ ମିଳିବ।

ଜିଏମ୍ ଦୀପ୍ତାୟନ ଘୋଷଙ୍କ ଫିଡେ ରେଟିଂ ସର୍ବାଧିକ ୨୫୭୩ ଥିଲାବେଳେ ୪ଜଣ ଖେଳାଳିଙ୍କ ରେଟିଂ ୨୪୦୦ରୁ ଅଧିକ ରହିଛି। ସେମାନେ ହେଲେ ରବି ତେଜା, ଆରାଧ ଗର୍ଗ, ମୟଙ୍କ ଚୌଧୁରୀ ଓ ନୀତୀଶ ବେଲୁରକାର। ଓଡ଼ିଶାର ଖେଳାଳିଙ୍କ ମଧ୍ୟରେ ଆଇଏମ୍ ସିଦ୍ଧାନ୍ତ ମହାପାତ୍ର (ରେଟିଂ ୨୩୯୪- ରାଜଧାନୀ ଚ୍ୟାଲେଞ୍ଜର୍ସ), ଆଇଏମ୍ ସମ୍ବିତ ପଣ୍ଡା (ରେଟିଂ ୨୩୬୪- ମହାନଦୀ ଫାଲକନ୍ସ), ପ୍ରିଂଶ ଦାସ (ରେଟିଂ-୨୩୧୨) ଓ ଏଫ୍‌ଏମ୍ ସୌମ୍ୟରଞ୍ଜନ ମିଶ୍ର (ଅମ୍ବର ଆଭେଞ୍ଜର୍ସ), ରାଜ୍ୟ ମହିଳା ଚେସ୍ ଚାମ୍ପିଅନ ଯଶିତା ରାଉତ (କୋଣାର୍କ କିଙ୍ଗ୍‌ସ) ଓ ସିଏମ୍ ଅପରାଜିତତା ଗୋଛିକାର (ଅମ୍ବର ଆଭେଞ୍ଜର୍ସ) ରହିଛନ୍ତି। ଟୁର୍ଣ୍ଣାମେଣ୍ଟର ହାରାହାରି ରେଟିଂ ୧୭୭୧ ଥିଲାବେଳେ ଚୋଲା ଚାମ୍ପିଅନ୍ସର ଟିମ୍ ରେଟିଂ ସର୍ବାଧିକ ୨୨୭୦ ରହିଛି। ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳିଙ୍କ ହାରାହାରି ବୟସ ୨୧ ରହିଛି। ଏହି ଟୁର୍ଣ୍ଣାମେଣ୍ଟ ଓଡ଼ିଶାର ପେସାଦାର ଚେସ୍‌ରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ କହିଛନ୍ତି। ଭଞ୍ଜ ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ମଧ୍ୟ ରହିଛନ୍ତି। ଆଇଏ ସୁରେଶ ଚନ୍ଦ୍ର ସାହୁ ଚିଫ୍ ଆର୍ବିଟର ଓ ଆଇଏ ତାପସ କୁମାର ମହାନ୍ତି ଡେପୁଟି ଚିଫ୍ ଆର୍ବିଟର ଭାବେ ଏହି ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS